RNI No.ODIODI/2010/33031
୧୬ ବର୍ଷ Volume-16
ISSUE -183 ସଂଖ୍ୟା-୧୮୩
ଭୁବନେଶ୍ୱର, ରବିବାର ୦୫ ଅକ୍ଟୋବର ୨୦୨୫
Bhubaneswar, Sunday 05 October, 2025
୦୮ ପୃଷ୍ଠା Pages-08
ମୂଲ୍ୟ : ୨.୦୦ ଟଙ୍କା Price : Rs.2.00
www.odishamanthan.com

MANTHAN
ମନ୍ଥନ
www.odishamanthan.com RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର





ମେଲାଣି ନେଲେ ମା' ଦୁର୍ଗା।

# ଦିଲ୍ଲୀରେ ମୋହନ ଓ ମନମୋହନ : ବଢ଼ିଲା ଚର୍ଚ୍ଚା

**ଭୁବନେଶ୍ୱର,୪।୧୦(ନି.ପ୍ର):** ଆଜି ନୂଆଦିଲ୍ଲୀ ଗସ୍ତରେ ଯାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ରାଜନୈତିକ ପରିସ୍ଥିତି ଓ ଭବିଷ୍ୟତ କର୍ଯ୍ୟପନ୍ଥା ନେଇ ଆଲୋଚନା କରିଛନ୍ତି।



ଏହି ଗସ୍ତ ସମୟରେ ଜେପି ନଡ୍ଡାଙ୍କୁ ଭେଟିଛନ୍ତି ମୁଖ୍ୟମନ୍ତ୍ରୀ। ଏନେଇ ସୋସିଆଲ ମିଡିଆ ଏକ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଆଜି ନୂଆଦିଲ୍ଲୀରେ ଆମ ଦଳର ମାନନୀୟ ରାଷ୍ଟ୍ରୀୟ ଅଧ୍ୟକ୍ଷ ତଥା କେନ୍ଦ୍ର ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରୀ ଜେପି ନଡ୍ଡାଜୀଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ କରିବାର ସୁଯୋଗ ପ୍ରାପ୍ତ ହେଲା । ଏହି ସାକ୍ଷାତକାର ସମୟରେ ବିଭିନ୍ନ ସାଙ୍ଗଠନିକ ବିଷୟ, ରାଜନୈତିକ ରିସ୍ଥିତି ଓ ଭବିଷ୍ୟତର କାର୍ଯ୍ୟନ୍ଥା ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା । ନଡ୍ଡା ଜୀଙ୍କ ଦୃଷ୍ଟିଭଙ୍ଗୀ ଓ ପରାମର୍ଶ ଆମକୁ ଆଗାମୀ ଦିନରେ ଅଧିକ ସକ୍ରିୟ ଭାବରେ କାର୍ଯ୍ୟ କରିବା ପାଇଁ ପ୍ରେରିତ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।ନୂଆଦିଲ୍ଲୀରେ ଉପରାଷ୍ଟ୍ରପତିଙ୍କୁ ସାକ୍ଷାତ କରିଛନ୍ତି ମୁଖ୍ୟମନ୍ତ୍ରୀ।। ଏନେଇ ସୋସିବଲ ମିଡିଆ ଏକ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଆଜି ନୂଆଦିଲ୍ଲୀରେ ଉପରାଷ୍ଟ୍ରପତି ଶ୍ରୀ ସିପି ରାଧାକ୍ରିଷ୍ଣନଜୀଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ କରିବାର ସୁଯୋଗ ପ୍ରାପ୍ତ ହେଲା ।ଏହି ଅବସରରେ ରାଜ୍ୟରେ ଆମ ସରକାରଙ୍କ ବିକାଶମୂଳକ କାର୍ଯ୍ୟ, ଜନକଲ୍ୟାଣ ଯୋଜନା ଓ ଭବିଷ୍ୟତ କାର୍ଯ୍ୟପନ୍ଥା ଉପରେ ଆଲୋଚନା କଲି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଉପରାଷ୍ଟ୍ରପତିଙ୍କୁ 'ଓଡ଼ିଶା ଭିଜନ୍ ୨୦୩୬ । ୨୦୪୭' ପ୍ରଦାନ କରି ରାଜ୍ୟର ଦୀର୍ଘମିଆଦୀ ଲକ୍ଷ୍ୟ ସମ୍ପର୍କରେ ଅବଗତ କରାଇଲି । ତାଙ୍କର ପ୍ରେରଣା ଓ ମାର୍ଗଦର୍ଶନ ପାଇଁ କୃତଜ୍ଞ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

ସେହିପରି ଦିଲ୍ଲୀ ଗସ୍ତରେ ଗଲେ ମନମୋହନ ସାମଲ । ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ଦିଲ୍ଲୀ ଗସ୍ତ କରିଛନ୍ତି। ମନମୋହନଙ୍କ ଏହି ଦିଲ୍ଲୀ ଗସ୍ତ ରାଜ୍ୟ ବିଜେପି ।ଇଁ ବେଶ ଗୁରୁତ୍ୱପୂର୍ଣ୍ଣ। ଏହି ଅବସରରେ ସରକାର ଏବଂ ସଙ୍ଗଠନ ପାଇଁ ବିଜେପି ରାଜ୍ୟ ସଭାପତି ଦଳର ଶୀର୍ଷ ନେତୃତ୍ୱଙ୍କ ସହ କରିବେ ଆଲୋଚନା । ବିଶେଷ କରି ଆଗକୁ ନୂଆପଡ଼ା ଉନିର୍ବାଚନ ବିଜେପି କାହାକୁ କରିବ ପ୍ରାର୍ଥୀ ତାକୁ ନେଇ ମଧ୍ୟ ମନମୋହନ ଦଳୀୟ ନେତାଙ୍କ ସହ କରିବେ ବିଚାର ବିମର୍ଶ ।

ମୋହନଙ୍କ ମନ୍ତ୍ରିମଣ୍ଡଳରେ ମନ୍ତ୍ରୀପଦ ଖାଲି ପଡ଼ିଛି। ନିଗମ ଓ ବୋର୍ଡକୁ ବହୁଆ ।ଶାୟୀ ଅପେକ୍ଷା କରିଛନ୍ତି। ହେଲେ ଏଯାଏଁ ଅଙ୍କ ଛିଣ୍ଡୁନି। ମୋହନ-ମନମୋହନଙ୍କ ଏ ଗସ୍ତରୁ କିଛି ଖୁସି ଖବର ମିଳିବ ବୋଲି ଆ ।ଶାୟୀ ଆ ।ଶା ବାନ୍ଧିଛନ୍ତି।

# ତଦନ୍ତ କରିବ କ୍ରାଇମ୍‌ବ୍ରାଞ୍ଚ

## ଏସ୍‌ଆଇ ପରୀକ୍ଷା ଘୋଟାଲା

**ଭୁବନେଶ୍ୱର,୪।୧୦(ନି.ପ୍ର): :** ଏସଆଇ ରୀକ୍ଷା ଘୋଟାଲା ମାମଲା ଖୋଳତାଡ଼ ପାଇଁ କ୍ରାଇମବ୍ରାଞ୍ଚ ପକ୍ଷରୁ ଡିଏସପି ରତ୍ନପ୍ରଭା ଶତପଥୀଙ୍କୁ ଦାୟିତ୍ୱ ଦିଆଯାଇଛି । ଗଂଜାମ ଗୋଳନ୍ଥରା ଥାନାରେ ରୁଜୁ ହୋଇଥିବା ମାମଲାର ତଦନ୍ତ କ୍ରାଇମବ୍ରାଞ୍ଚ କରିବା ନେଇ ବିଧିବଦ୍ଧ ନୋଟିସ ଜାରି ହୋଇଛି। ମାମଲାର ତଦନ୍ତରେ ଡିଏସପି ରତ୍ନପ୍ରଭାଙ୍କୁ ସୁପରଭାଇଜ କରିବେ କ୍ରାଇମବ୍ରାଞ୍ଚ ଏସପି ଅନୀଲ କୁମାର ବେହୁରିଆ। ଏହାପୂର୍ବରୁ ପୋଲିସ୍ ଏସଆଇ ପରୀକ୍ଷା ଦୁର୍ନୀତି ନେଇ ଓପିଆରବିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା।



ଓପିଆରବି ଦ୍ୱାରା ପରିଚାଳିତ ହେବାକୁ ଥିବା ଓଡିଶା ପୋଲିସ ସବ-ଇନ୍ସପେକ୍ଟର ପଦବୀ ନିଯୁକ୍ତି ମାମଲାରେ ରାଜ୍ୟ କ୍ରାଇମ୍ ବ୍ରାଂଚକୁ ଆଉ ଏକ ସଫଳତା ମିଳିଛି। ଘଟଣାର ଅନ୍ୟତମ ଅଭିଯୁକ୍ତ କଟକର ବିଦ୍ୟାଧରପୁରର ବାସିନ୍ଦା ବିଶ୍ୱରଞ୍ଜନ ବେହେରା (୨୯)ଙ୍କୁ ଗିରଫ କରିବା ସହ ବ୍ରହ୍ମପୁର କୋର୍ଟ ଚାଲାଣ କରାଯାଇଛି। ଏହା ସହ ଏହି ମାମଲାରେ ଗିରଫଦାରୀ ସଂଖ୍ୟା ୧୧୮କୁ ବୃଦ୍ଧି ପାଇଛି। ଉଲ୍ଲେଖ ଯୋଗ୍ୟ ଯେ, ଅଭିଯୁକ୍ତ ବିଶ୍ୱରଞ୍ଜନ ଏହି ଘଟଣାରେ ଜଣେ ମଧ୍ୟସ୍ଥି ଭାବରେ କାର୍ଯ୍ୟ କରୁଥିଲେ। ଏହି ସିଣ୍ଡିକେଟର ମୁଖ୍ୟଙ୍କ ନିର୍ଦ୍ଦେଶ ଅନୁଯାୟୀ, ବିଶ୍ୱ ରଞ୍ଜନଙ୍କ ସକ୍ରିୟ ଭୁମିକା ରହିଥିଲା। ଆଶାୟୀ ପ୍ରାର୍ଥୀଙ୍କ ସହିତ ସେ ନିୟମିତ ଯୋଗାଯୋଗ କରିବା ସହ ପ୍ରଶ୍ନପତ୍ର ପ୍ରଦାନ କରିବା ଭଳି କାର୍ଯ୍ୟ କରୁଥିଲେ। ଏହାର ପ୍ରତି ବଦଳରେ ଆଶାୟୀ ପ୍ରାର୍ଥୀଙ୍କ ଠାରୁ ସେମାନଙ୍କ ଅରିଜିନାଲ ଶିକ୍ଷାଗତ ପ୍ରମାଣପତ୍ର ଏବଂ ଖାଲି ଚେକ୍ ସଂଗ୍ରହ କରିଥିଲେ। ପରବର୍ତ୍ତୀ ସମୟରେ ଏହି କାଗଜପତ୍ର ଗୁଡିକୁ ସିଣ୍ଡିକେଟ୍ ର ଅନ୍ୟ ଜଣେ ସଦସ୍ୟକୁ ହସ୍ତାନ୍ତର କରିବା ଭଳି କାର୍ଯ୍ୟ କରୁଥିଲେ। ଏହି ମାମଲାର ମୁଖ୍ୟ ଷଡ଼ଯନ୍ତ୍ରକାରୀଙ୍କୁ ଗିରଫ କରିବା ପାଇଁ ପୋଲିସ ପକ୍ଷରୁ ସ୍ୱତନ୍ତ୍ର ଟିମ ଗଠନ କରାଯାଇ ଚଢ଼ାଉ ଜାରି ରହିଛି।

# ଦୁର୍ଗାମେଢ଼ଙ୍କୁ ୭ କୋଟିର ଅନୁଦାନ

**ଭୁବନେଶ୍ୱର,୪।୧୦(ନି.ପ୍ର)::** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶ କ୍ରମେ ଚଳିତ ବର୍ଷ ପ୍ରଥମ ଥର ପାଇଁ ରାଜ୍ୟର ଦଶହରା ଦୁର୍ଗାମେଢ଼ଙ୍କୁ ୭କୋଟି ୧ ଲକ୍ଷ ୪୦ହଜାର ଟଙ୍କା ଆର୍ଥିକ ଅନୁଦାନ ରାଶି ପ୍ରଦାନ କରିବା ନିମନ୍ତେ ନିଷ୍ପତ୍ତି ନିଆଯାଇଛି। ଦୁର୍ଗାମେଢ଼କୁ ୩ ଗୋଟି ବର୍ଗରେ ବିଭକ୍ତ କରାଯାଇ ଆର୍ଥିକ ଅନୁଦାନ ରାଶି ପ୍ରଦାନ କରାଯିବ। 'କ' ବର୍ଗ - ଐତିହ୍ୟ ସମ୍ପନ୍ନ ଦୁର୍ଗାମେଢ଼ - ଏହି ବର୍ଗରେ ୨୧୫ଟି ମେଢ଼କୁ ୨ କୋଟି ୧୭ଲକ୍ଷ ୧୫ ହଜାର ଟଙ୍କା ପ୍ରଦାନ କରାଯିବ। (ପ୍ରତ୍ୟେକ ଐତିହ୍ୟ ସମ୍ପନ୍ନ ମେଢ଼କୁ ୧ ଲକ୍ଷ ୧ ହଜାର ଟଙ୍କା ଆର୍ଥିକ ଅନୁଦାନ ରାଶି ପ୍ରଦାନ କରାଯିବ )। 'ଖ' ବର୍ଗ - ୭୫ ବର୍ଷ ପୁରୁଣା ଦୁର୍ଗାମେଢ଼ - ଏହି ବର୍ଗରେ ୧୯୭ଟି ମେଢ଼କୁ ୧ କୋଟି ୪୭ ଲକ୍ଷ ୭୫ ହଜାର ଟଙ୍କା ପ୍ରଦାନ କରାଯିବ (ଏହି ବର୍ଗରେ ପ୍ରତ୍ୟେକ ମେଢ଼କୁ ୭୫ ହଜାର ଟଙ୍କା ଆର୍ଥିକ ଅନୁଦାନ ରାଶି ପ୍ରଦାନ କରାଯିବ )। 'ଗ' ବର୍ଗ : ୫୦ ବର୍ଷ ପୁରୁଣା ଦୁର୍ଗାମେଢ଼ - ଏହି ବର୍ଗରେ ୬୭୩ଟି ମେଢ଼କୁ ୩ କୋଟି ୩୬ ଲକ୍ଷ ୫୦ହଜାର ଟଙ୍କା ପ୍ରଦାନ କରାଯିବ (ଏହି ବର୍ଗରେ ପ୍ରତ୍ୟେକ ମେଢ଼କୁ ୫୦ ହଜାର ଟଙ୍କା ଆର୍ଥିକ ଅନୁଦାନ ରାଶି ପ୍ରଦାନ କରାଯିବ)। ରାଜ୍ୟର ସମୁଦାୟ ୧ ହଜାର ୮୫ଟି ଦଶହରା ଦୁର୍ଗାମେଢ଼ଙ୍କୁ ୭ କୋଟି ୧ ଲକ୍ଷ ୪୦ ହଜାର ଟଙ୍କା ଆର୍ଥିକ ଅନୁଦାନ ରାଶି ପ୍ରଦାନ ନିମନ୍ତେ ନିଷ୍ପତ୍ତି ନିଅଯୋଇଛି।

# ବିପର୍ଯ୍ୟୟ ଭବନ ନିର୍ମାଣ କରିବେ ସରକାର

ଭୁବନେଶ୍ୱର,୪।୧୦(ନି.ପ୍ର):: ପ୍ରାକୃତିକ ବିର୍ଯ୍ୟୟ ମୁକାବିଲା ।ଇଁ ସରକାରଙ୍କ ବଡ଼ ଯୋଜନା । ବିର୍ଯ୍ୟୟ ଭବନ କରିବେ ସରକାର । ଭୁବନେଶ୍ୱରରେ ଅତ୍ୟାଧୁନିକ ବିପର୍ଯ୍ୟୟ ପ୍ରଶମନ କାର୍ଯ୍ୟାଳୟ ଖୋଲିବେ ସରକାର ବୋଲି ସୂଚନା ଦେଇଛନ୍ତି ରାଜସ୍ୱ ଓ ବିର୍ଯ୍ୟୟ ରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ। ଗୋଟିଏ ବିଲ୍ଡିଂରେ ରହିବ ଏସଆରସି, ଅଗ୍ନିଶମ, ପାଣିପାଗ, ଓଡ୍ରାଫ, ଏନଡିଆରଏଫ, ଜଙ୍ଗଲ ବିଭାଗର କାର୍ଯ୍ୟାଳୟ। ସବୁ କାର୍ଯ୍ୟାଳୟ ଗୋଟିଏ ବିଲ୍ଡିଂରେ ରହିବ । ଏଥିପାଇଁ ୨୦୦ କୋଟି ଟଙ୍କା ମଞ୍ଜୁର କରାଯାଇଛି । ମଲ୍ଟି ଷ୍ଟରେଡ ଏବଂ ଭୂତଳ ବିଲ୍ଡିଂ ନିର୍ମାଣ ହେବ । ସଚିବାଳୟ ନିକଟରେ ଜମି ଚିହ୍ନଟ କରାଯାଇଛି । ବିଲ୍ଡିଂରେ ଅତ୍ୟାଧୁନିକ କାରିଗରୀ କୌଶଳର ବ୍ୟବସ୍ଥା କରାଯିବ । କାର୍ଯ୍ୟାଳୟ ନିର୍ମାଣ ପାଇଁ ଲାଗିବ ୨ ବର୍ଷ ସମୟ । ବିର୍ଯ୍ୟୟ ସମୟରେ କାମ କରୁଥିବା ସଂସ୍ଥା ଗୋଟିଏ ଛାତ ତଳେ ରହିବେ । ସବୁ ବିଭାଗ ନିଜ ଭିତରେ ସହଯୋଗ ରକ୍ଷା କରି କାମ କରିବେ । ସବୁ ଜିଲ୍ଲାକୁ ଏହି ଭବନରୁ ଯେମିତି ଯୋଡ଼ି ହେବ ସେ ନେଇ ବ୍ୟବସ୍ଥା କରାଯିବ । ଏ ନେଇ କେନ୍ଦ୍ର ଗୃହ ମନ୍ତ୍ରୀଙ୍କ ସହ ଆଲୋଚନା କରାଯାଇଛି । ବିପର୍ଯ୍ୟୟ ମୁକାବିଲା ପାଇଁ ଆଧୁନିକ ଜ୍ଞାନକୌଶଳର ସାହାଯ୍ୟ ବି ମଗାଯାଇଛି । ବିର୍ଯ୍ୟୟ ମୁକାବିଲାରେ ଓଡ଼ିଶା ଶ୍ରେଷ୍ଠ ରାଜ୍ୟ ହେଲେ ମଧ୍ୟ ଆଗକୁ ଆହୁରି କାମ କରାଯାଇପାରିବ । ତା ।ଇଁ ବର୍ତ୍ତମାନ ଠାରୁ ପଦକ୍ଷେପ ଆରମ୍ଭ କରାଯାଉଛି ବୋଲି ସେ କହିଛନ୍ତି ।

ରାଜସ୍ୱ ମନ୍ତ୍ରୀ କହିଛନ୍ତି ଯେ, ଭୂସ୍ଖଳନ ପାଇଁ ସରକାର କରିବେ ମାଷ୍ଟର ପ୍ଲାନ୍ । ଗଜପତି ଭଳି ରାଜ୍ୟର ପାହାଡ଼ ପର୍ବତ ଅଞ୍ଚଳରେ ଭୂସ୍ଖଳନ ପ୍ରବଣ ଅଞ୍ଚଳ ଗୁଡିକୁ ଚିହ୍ନଟ କରାଯିବ । ଭୂସ୍ଖଳନ ରୋକିବା ପାଇଁ ପଦକ୍ଷେ ନେବେ ସରକାର । ଯେମିତି ପଥର ଖସି ଲୋକଙ୍କର ମୃତ୍ୟୁ ହେବ ନାହିଁ । ଓଡ଼ିଶାରେ ଭୂସ୍ଖଳନ ଏକ ନୂଆ ସମସ୍ୟା ହୋଇ ଉଭା ହୋଇଛି। ବର୍ଷା ଯୋଗୁଁ ବୁଡି ଯାଉଥିବା ତଳିଆ ରୋଡ଼ ଗୁଡ଼ିକୁ ଠାବ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଯେମିତି ବର୍ଷା ଯୋଗୁଁ ରାସ୍ତା ବୁଡି ଯୋଗାଯୋଗ ବିଚ୍ଛିନ୍ନ ହେବ ନାହିଁ । ମାଲକାନଗିରି ଅଞ୍ଚଳରେ ଅଧିକ ତଳିଆ ରୋଡ଼ ଥିବାରୁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ଲଘୁଚାପ ବର୍ଷା ଯୋଗୁଁ ଗଜପତି, ରାୟଗଡ଼ା ଏବଂ କଳାହାଣ୍ଡି ଜିଲ୍ଲା ବ୍ୟାପକ ଭାବେ ପ୍ରଭାବିତ ହୋଇଛି । ରାୟଗଡ଼ାର କିଛି ଗାଁରେ ବର୍ଷା ପାଣି ପଶିବା ଯୋଗୁଁ ଲୋକଙ୍କୁ ସ୍ଥାନାନ୍ତରିତ କରାଯାଇଥିଲା । କଳାହାଣ୍ଡି ଜିଲ୍ଲାର ୯ ଟି ଗାଁ ପାଣି ଘେରରେ ଥିଲା । ଲୋକଙ୍କ ସରକାର ଆବଶ୍ୟକୀୟ ସହାୟତା ଯୋଗାଇ ଦେଇଥିଲେ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି । ତେବେ ବର୍ଷା ଯୋଗୁଁ ଗଜପତି ଜିଲ୍ଲା ସବୁଠୁ ଅଧିକ ଗଜପତି ପ୍ରଭାବିତ ହେଲା । ଜଣେ ଲୋକଙ୍କର ମୁଣ୍ଡରେ ପଥର ବାଜିବା ଫଳରେ ମୃତ୍ୟୁ ହେଲା ଏବଂ ଆଉ ଆଉ ଜଣଙ୍କର ପୋଷ୍ଟ ମର୍ଟମ ପରେ କେମିତି ମୃତ୍ୟୁ ହେଲା ଜଣାପଡିବ । ଏତେ ବଡ଼ ଭୁସ୍ଖଳନ ହେଲା ଯେ, ରାତି ସାରା ଦୁଇ ଜଣ ଲୋକ ମାଟି ପଥର ତଳେ ଦବି ରହିଗଲେ । ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା ମଧ୍ୟ ଦୁଇ ଦିନ ରହି ଉଦ୍ଧାର କାର୍ଯ୍ୟ ଅନୁଧ୍ୟାନ କରିଥିଲେ । ଏବେ ପରିସ୍ଥିତି ନିୟନ୍ତ୍ରଣରେ ଅଛି ବୋଲି ମନ୍ତ୍ରୀ କହିଛନ୍ତି ।

# ମଧ୍ୟପ୍ରଦେଶରେ ୯ ଶିଶୁଙ୍କ ମୃତ୍ୟୁର କାରଣ ସାଜିଲା କୋଲଡ୍ରିଫ୍ କଫ୍‌ସିରଫ

ଭୋପାଳ,୪।୧୦(ନି.ପ୍ର): ରୋଗକୁ ଦୂର କରିଥିବା କଫ୍ ସିରପ ସାଜିଲା ଶିଶୁ ମାନଙ୍କ ମୃତ୍ୟୁର କାରଣ । ମଧ୍ୟପ୍ରଦେଶର ଛିନ୍ଦୱାଡା ଜିଲ୍ଲାରେ ଘଟିଛି ଏଭଳି ଏକ ଦୁଃଖଦ ଘଟଣା । ପରାସିୟା ବ୍ଲକରେ ୯ ଜଣ ଶିଶୁଙ୍କ ମୃତ୍ୟୁ ପରେ, ମଧ୍ୟପ୍ରଦେଶରେ କୋଲଡ୍ରିଫ୍ କଫ୍ ସିରପ୍ ବିକ୍ରୟ ଉପରେ ପ୍ରତିବନ୍ଧକ ଲଗାଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଯାଦବ ନିଜେ ସୋସିଆଲ ମିଡିଆରେ ଏକ ବିବୃତି ଜାରି କରି ଏ ବିଷୟରେ ସୂଚନା ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ ଡକ୍ଟର ଯାଦବ ଶନିବାର ସୋସିଆଲ ମିଡିଆରେ କହିଛନ୍ତି ଯେ, କୋଲଡ୍ରିଫ୍ ସିରପ୍ ଯୋଗୁଁ ଛିନ୍ଦୱାଡାରେ ପିଲାଙ୍କ ମୃତ୍ୟୁ ଅତ୍ୟନ୍ତ ଦୁଃଖଦ। ଏହି ସିରପ୍ ବିକ୍ରୟ ସମଗ୍ର ମଧ୍ୟପ୍ରଦେଶରେ ନିଷିଦ୍ଧ କରାଯାଇଛି। ସିରପ୍ ପ୍ରସ୍ତୁତ କରୁଥିବା କମ୍ପାନୀର ଅନ୍ୟ ଉତ୍ପାଦ ବିକ୍ରୟ ଉପରେ ମଧ୍ୟ ନିଷେଧ କରାଯାଉଛି।

ସେ କହିଛନ୍ତି ଯେ, ସିରପ୍ ତିଆରି କରୁଥିବା କାରଖାନା କାଂଚିପୁରମରେ ଅବସ୍ଥିତ, ତେଣୁ ଘଟଣା ଜାଣିବା ପରେ, ରାଜ୍ୟ ସରକାର ତାମିଲନାଡୁ ସରକାରଙ୍କୁ ତଦନ୍ତ କରିବାକୁ କହିଥିଲେ। ଆଜି ସକାଳେ ତଦନ୍ତ ରିପୋର୍ଟ ମିଳିଛି। ରିପୋର୍ଟ ଆଧାରରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ପିଲାମାନଙ୍କ ଦୁଃଖଦ ମୃତ୍ୟୁ ପରେ ସ୍ଥାନୀୟ ସ୍ତରରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଥିଲା। ଏହି ମାମଲାର ତଦନ୍ତ ପାଇଁ ରାଜ୍ୟ ସ୍ତରରେ ମଧ୍ୟ ଏକ ଦଳ ଗଠନ କରାଯାଇଛି। ଦୋଷୀମାନଙ୍କୁ କୌଣସି ପ୍ରକାରେ ଛଡ଼ାଯିବ ନାହିଁ।

# ୩ କୋଟି ଟଙ୍କାର ମାରିଜୁଆନା ଜବତ

ଭୁବନେଶ୍ୱର,୪।୧୦(ନି.ପ୍ର): : ଭୁବନେଶ୍ୱର ବିମାନବନ୍ଦରରୁ ୩ କୋଟି ଟଙ୍କାର ମାରିଜୁଆନା ଜବତ ହୋଇଛି। ଏହି ମାମଲାରେ କଷ୍ଟମ ବିଭାଗ ଭୁବନେଶ୍ୱର ଏୟାରପୋର୍ଟରୁ ଜଣକୁ ଉଠାଇ ନେଇଛି। ବ୍ୟାଙ୍କକରୁ ଚଲାଣ ବେଳେ ଭୁବନେଶ୍ୱରରେ ଯୁବକ ଜଣକ ଧରାପଡ଼ିଛନ୍ତି। ଉକ୍ତ ବ୍ୟକ୍ତିଙ୍କୁ ପଚରାଉଚରା ଜାରି ରହିଛି। ଲଗେଜ ବ୍ୟାଗରୁ ଚେକିଂ ବେଳେ ୩.୨ କିଲୋ ମାରିଜୁଆନା ମିଳିଛି।

ଗତ ଅଗଷ୍ଟ ୨୩ ତାରିଖରେ ମଧ୍ୟ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରୁ କଷ୍ଟମ୍ ଅଧିକାରୀମାନେ ୪ କୋଟି ଟଙ୍କାର ନିଷିଦ୍ଧ ଡ୍ରଗ୍ସ ମାରିଜୁଆନା ଜବତ କରିଥିଲେ ।ଏହା ବ୍ୟାଙ୍କକ୍‌ରୁ ଭୁବନେଶ୍ୱର ଆସିଥିବା ପ୍ରେମୀଯୁଗଳଙ୍କଠାରୁ ଏହା ଜବତ ହୋଇଥିଲା ବିମାନରେ ଜଣେ ଯୁବକ ଓ ଜଣେ ଯୁବତୀ ନିଶାଦ୍ରବ୍ୟ ଆଣୁଥିବା ସଂପର୍କରେ ଗୁଇନ୍ଦା ସୂଚନା ମିଳିବା ପରେ କଷ୍ଟମ୍ ଅଧିକାରୀମାନେ ଚେକିଂ କରିଥିଲେ । ଅଗଷ୍ଟ ମାସରେ ମାସ ୮ କୋଟି ଟଙ୍କାର ବିଦେଶୀ ଗଞ୍ଜେଇ (ମାରିଜୁଆନା) ଜବତ ହୋଇଥିଲା।

# କଟକ ଭସାଣିରେ ଗୋଷ୍ଠୀ ସଂଘର୍ଷ : ୬ ଗିରଫ

**କଟକ,୪।୧୦(ନି.ପ୍ର):** ଦଶହରା ଭସାଣି ଶୋଭାଯାତ୍ରା ଚାଲିଥିବା ବେଳେ ଶୁକ୍ରବାର ବିଳମ୍ବିତ ରାତି ପ୍ରାୟ ସାଢ଼େ ଗୋଟାଏ ସମୟରେ ହାତୀପୋଖରୀ ନିକଟରେ ତୀବ୍ର ଉତ୍ତେଜନା ସୃଷ୍ଟି ହୋଇଥିଲା। ଝାଞ୍ଜିରୀମଙ୍ଗଳା ଭାଗବତ ପୂଜା କମିଟି ମେଢ଼ ହାତୀପୋଖରୀ ଅତିକ୍ରମ କରୁଥିବା ବେଳେ ନାରାବାଜି ଘଟଣାକୁ ନେଇ ଦୁଇ ଗୋଷ୍ଠୀ ମୁହାଁମୁହିଁ ହୋଇଥିଲେ। ଏହାକୁ ନେଇ ଉଭୟ ପକ୍ଷରୁ ଢେଲା ଓ କାଚ ବୋତଲ ମାଡ଼ ହୋଇଥିଲା। ଝାଞ୍ଜିରୀମଙ୍ଗଳା ଭାଗବତ ପୂଜା କମିଟି ମେଢ଼ ଅଟକି ରହିଥିବା ବେଳେ ରାଉସାପାଟଣା ଦୁର୍ଗାକାଳୀ ମେଢ଼ ତା'କୁ ଅତିକ୍ରମ କରି ଆଗକୁ ଯାଇଥିଲା। ରାଉସାପାଟଣା ମେଢ଼ ଦରଘାବଜାର ଥାନା ଅତିକ୍ରମ କରୁଥିବା ସମୟରେ ସ୍ଥାନୀୟ ଅଞ୍ଚଳର କିଛି ଯୁବକ ମେଢ଼ ଶୋଭାଯାତ୍ରାରେ ଯାଉଥିବା ଯୁବକଙ୍କୁ ଆକ୍ରମଣ କରିଥିଲେ। କେଉଁ କାରଣରୁ ଏହି ସଂଘର୍ଷ ହେଲା ତାହାର କାରଣ ଖୋଜୁଛି ପୁଲିସ। ଘଟଣାରେ ୬ ଜଣଙ୍କୁ ଗିରଫ କରାଯାଇଛି। ଘଟଣାସ୍ଥଳରେ ଅନେକ କ୍ୟାମେରା ଓ ଡ୍ରୋନ ଥିବାରୁ ଅଭିଯୁକ୍ତଙ୍କୁ ତୁରନ୍ତ ଚିହ୍ନଟ କରାଯାଇଥିଲା। ଏଥିରେ ୬ରୁ ଅଧିକ ଆହତ ହୋଇଥିବା ବେଳେ ଜଣେ ଗୁରୁତର ଥିବା ଜଣାପଡ଼ିଛି। ରାସ୍ତା ପାର୍ଶ୍ୱରେ ଥିବା ବାଇକ୍ ଭଙ୍ଗାରୁଜା ହେବା ସହ ବିଭିନ୍ନ ଦୋକାନ ଆଗରେ ଷ୍ଟଲ୍ ଭଙ୍ଗାରୁଜା ହୋଇଛି। ତୀବ୍ର ଉତ୍ତେଜନା ସୃଷ୍ଟି ହେବା ଯୋଗୁଁ ରାଉସାପାଟଣା ମେଢ଼ ଅଟକି ରହିଥିବା ବେଳେ ସେଠାରେ ଲୋକେ ଧାରଣାରେ ବସିଥିଲେ। ପୁଲିସ ଉପସ୍ଥିତିରେ ଏଭଳି ଗଣ୍ଡଗୋଳକୁ ନିନ୍ଦା କରିବା ସହ ପୁଲିସର ନିଷ୍କ୍ରିୟତା ଅଭିଯୋଗ ଆଣିଛନ୍ତି। ଡିସିପି

# ମାଓବାଦୀ ମୁକ୍ତ ହେବ ପ୍ରତିଟି ଗାଁ : ଶାହା

ବସ୍ତର,୪।୧୦: କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଶନିବାର ଛତିଶଗଡ଼ର ବସ୍ତରରେ ପହଞ୍ଚିଥିଲେ। ଏହି ଗସ୍ତ ଅନେକ ଦୃଷ୍ଟିରୁ ଐତିହାସିକ ଥିଲା। ଅମିତ ଶାହା ପ୍ରଥମେ ମା ଦାନ୍ତେଶ୍ୱରୀ ମନ୍ଦିରରେ ପ୍ରାର୍ଥନା କରିଥିଲେ ଏବଂ ବସ୍ତରକୁ ନକ୍ସଲବାଦରୁ ମୁକ୍ତ କରିବା ପାଇଁ ଦେବୀଙ୍କ ଆଶୀର୍ବାଦ ଲୋଡ଼ିଥିଲେ।

ତାପରେ ସେ ବସ୍ତର ଦଶହରାର ଏକ ଗୁରୁତ୍ୱପୂର୍ଣ୍ଣ ରୀତି, ମୁରିଆ ଦରବାରରେ ଅଂଶଗ୍ରହଣ କରିଥିଲେ, ଯେଉଁଠାରେ ପରମ୍ପରା ଅନୁଯାୟୀ, ସେ ବସ୍ତର ଦଶହରା କମିଟିର ମୁଖ୍ୟ ଏବଂ ସମସ୍ତ ଗ୍ରାମ ମୁଖ୍ୟଙ୍କ ସହିତ ସାକ୍ଷାତ କରିଥିଲେ, ସେମାନଙ୍କ ଗାଁର ସମସ୍ୟା ଶୁଣିଥିଲେ ଏବଂ ପ୍ରଶାସନକୁ ତୁରନ୍ତ ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

ସେ ବସ୍ତର ଦଶହରାର ମୁଖ୍ୟ ମାଝୀ ଚଲକିଆମାନଙ୍କୁ ଆଶ୍ୱାସନା ଦେଇଥିଲେ ଯେ ୨୦୩୧ ସୁଦ୍ଧା ବସ୍ତରର ପ୍ରତ୍ୟେକ ଗାଁରେ ବିଦ୍ୟୁତ, ରାସ୍ତା ଏବଂ ପାଣି ରହିବ। ଏହା ସର୍ବାଙ୍ଗୀନ ବିକାଶ କରିବ ମାଓବାଦୀ ମୁକ୍ତ ହେବାକୁ ଥିବା ଗ୍ରାମଗୁଡ଼ିକର ବିକାଶ ପାଇଁ ଛତିଶଗଡ଼ ସରକାର ୧ କୋଟି ଟଙ୍କା ଯୋଗାଇ ଦେଉଛନ୍ତି ଏବଂ ଏହି ରାଶି ଗ୍ରାମଗୁଡ଼ିକରେ ବିକାଶ କାର୍ଯ୍ୟ ପାଇଁ ବ୍ୟବହୃତ ହେଉଛି ସେ କହିଥିଲେ ଯେ ୨୦୩୧ସୁଦ୍ଧା ବସ୍ତର ଡିଭିଜନରେ ବିଦ୍ୟୁତ ବିନା କୌଣସି ଗାଁ ରହିବ ନାହିଁ। ବସ୍ତର ମହୋତ୍ସବ ମଞ୍ଚରୁ ଜନସାଧାରଣଙ୍କୁ ସମ୍ବୋଧିତ କରି ସ୍ୱରାଷ୍ଟ୍ରମନ୍ତ୍ରୀ କହିଥିଲେ, ମୁଁ ଦେବୀ ଦନ୍ତେଶ୍ୱରୀଙ୍କୁ ପ୍ରାର୍ଥନା କରିଛି ଯେ ୩୧ ମାର୍ଚ୍ଚ, ୨୦୨୬ସୁଦ୍ଧା ବସ୍ତର ସମ୍ପୂର୍ଣ୍ଣ ନକ୍ସଲ ବା ମାଓବାଦୀ ମୁକ୍ତ ହେଉ ଦୟାକରି ଆମର ସୈନିକମାନଙ୍କୁ ଏହି ଲାଲ୍ ଆତଙ୍କକୁ ସବୁଦିନ ପାଇଁ ଶେଷ କରିବା ପାଇଁ ଶକ୍ତି ଦିଅ ସେ କହିଥିଲେ ଯେ ଦିଲ୍ଲୀର କିଛି ଲୋକ ଦାବି କରନ୍ତି ଯେ ବସ୍ତରରେ ବିକାଶ ଏବଂ ନକ୍ସଲବାଦ ମଧ୍ୟରେ ଯୁଦ୍ଧ ଚାଲିଛି, କିନ୍ତୁ ବର୍ତ୍ତମାନ ବସ୍ତର ବିକାଶ ପଥରେ ଦୃଢ଼ ଭାବରେ ଆଗକୁ ବଢୁଛି।

ଏଠାରେ, ସେ କହିଥିଲେ, ଏଠାରେ ପ୍ରତ୍ୟେକ ପରିବାରରେ ବିଦ୍ୟୁତ, ଶୌଚାଳୟ, ପାନୀୟ ଜଳ, ସ୍ୱାସ୍ଥ୍ୟ ବୀମା ଏବଂ ରାସନ ଭଳି ସୁବିଧା ଉପଲବ୍ଧ ଅମିତ ଶାହା କହିଛନ୍ତି ଯେ ନକ୍ସଲବାଦ କାହାକୁ ଲାଭ ଦେଇନାହିଁ ଯେଉଁ ଯୁବକମାନଙ୍କୁ ଭ୍ରମିତ କରି ଏହି ପଥ ଗ୍ରହଣ କରାଯାଇଛି ।ସେମାନେ ମୁଖ୍ୟସ୍ରୋତକୁ ଫେରି ଆସିବା ଉଚିତ ଛତିଶଗଡ଼ର ଆତ୍ମସମର୍ପଣ ନୀତି ଦେଶରେ ସର୍ବୋତ୍ତମ ଗତ ମାସରେ, ବସ୍ତର ଡିଭିଜନରେ ୫୦୦ ରୁ ଅଧିକ ନକ୍ସଲ ଆତ୍ମସମର୍ପଣ କରିଛନ୍ତି। ଶାହ ମୁରିଆ ଦରବାରକୁ ଏକ ବିଶ୍ୱ ଐତିହ୍ୟ ଏବଂ ଏହାର ଗଣତାନ୍ତ୍ରିକ ମୂଲ୍ୟବୋଧକୁ ସମଗ୍ର ଦେଶ ପାଇଁ ଜ୍ଞାନର ବିଷୟ ବୋଲି ବର୍ଣ୍ଣନା କରିଥିଲେ। ସେ କହିଛନ୍ତି ଯେ ୭୫ ଦିନିଆ ବସ୍ତର ଦଶହରା କେବଳ ଆଦିବାସୀ ସମ୍ପ୍ରଦାୟ ପାଇଁ ନୁହେଁ, କେବଳ ବସ୍ତର ପାଇଁ ନୁହେଁ, କେବଳ ଛତିଶଗଡ଼ ଏବଂ ଭାରତ ପାଇଁ ନୁହେଁ, ବରଂ ସମଗ୍ର ବିଶ୍ୱରେ ସବୁଠାରୁ ସାଂସ୍କୃତିକ ଭାବରେ ଗୁରୁତ୍ୱପୂର୍ଣ୍ଣ ମେଳା। ଏହି ସମୟରେ, ମୁରିଆ ଦରବାରରେ ଯୋଗ ଦେବା ପରେ, ସେ ଲାଲ ବାଗ ମୈଦାନରେ ସ୍ୱଦେଶୀ ମେଳାର ଉଦଘାଟନ କରିଥିଲେ।

# ୬ ବର୍ଷରେ ରେକର୍ଡ ୧୭ କୋଟି ନିଯୁକ୍ତି ସୃଷ୍ଟି କରିଛି ଭାରତ

**ନୂଆଦିଲ୍ଲୀ,୪।୧୦(ପିଆଇବି)** ବିଶ୍ୱ ଆର୍ଥିକ ମଞ୍ଚର ଭବିଷ୍ୟତ ନିଯୁକ୍ତି ରିପୋର୍ଟ ୨୦୨୫ ମୁତାବକ ଭାରତ ଏପରି ଦେଶମାନଙ୍କ ମଧ୍ୟରେ ସାମିଲ ଅଛି ଯେଉଁ ଦେଶଗୁଡ଼ିକ ଆଗାମୀ ବର୍ଷରେ ପ୍ରାୟ ଦୁଇ-ତୃତୀୟାଂଶ ନୂତନ କର୍ମଶକ୍ତି ଯୋଗାଣ କରିବେ। ଭାରତ ନିଜ ଜନସାଂଖ୍ୟିକ ଲାଭାଂଶର ଫାଇଦା ଉଠାଇ ଦେଶରେ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ସହିତ ନିଜର ଆର୍ଥିକ ବିକାଶକୁ ତ୍ୱରାନ୍ୱିତ କରୁଛି। ବିଶ୍ୱର ସବୁଠୁ ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥବ୍ୟବସ୍ଥା ପାଳଟିଥିବା ଭାରତ ଗତ ୬ ବର୍ଷ ମଧ୍ୟରେ ପ୍ରାୟ ୧୭ କୋଟି ନିଯୁକ୍ତି ସୁଯୋଗ ସୃଷ୍ଟି କରିଛି।

ଶ୍ରମ ଏବଂ ନିଯୁକ୍ତି ମନ୍ତ୍ରଣାଳୟର ତଥ୍ୟ ଅନୁଯାୟୀ, ଭାରତରେ ନିଯୁକ୍ତି ୨୦୨୩-୨୪ ରେ ୬୪.୩୩ କୋଟିକୁ ବୃଦ୍ଧି ପାଇଛି, ଯାହା ୨୦୧୭-୧୮ ରେ ୪୭.୫ କୋଟି ଥିଲା ଛଅ ବର୍ଷ ମଧ୍ୟରେ ୧୬.୮୩ କୋଟି ଲୋକଙ୍କୁ ଅତିରିକ୍ତ ନିଯୁକ୍ତି ମିଳିଛି। ଏହା ଯୁବ-କୈନ୍ଦ୍ରିକ ନୀତି ଏବଂ ବିକଶିତ ଭାରତ ଦୃଷ୍ଟିକୋଣ ଉପରେ ସରକାରଙ୍କ ଗୁରୁତ୍ୱକୁ ପ୍ରତିଫଳିତ କରେ ଭାରତ କେବଳ ଜିଡିପି ଅଭିବୃଦ୍ଧି ହାସଲ କରୁନାହିଁ, ବରଂ ନିଜ ଲୋକମାନଙ୍କୁ ନିଯୁକ୍ତି ସୁଯୋଗ ପ୍ରଦାନ କରି ସେମାନଙ୍କର ଆର୍ଥିକ ଓ ସାମାଜିକ ସ୍ଥିତିରେ ମଧ୍ୟ ଉନ୍ନତି ଆଣୁଛି। ଅବଧି କାଳୀନ ଶ୍ରମ ବଳ ସର୍ବେକ୍ଷଣ (ପିଏଲଏଫଏସ)ର ତଥ୍ୟ ଅନୁଯାୟୀ, ନିଯୁକ୍ତି ହାସଲ କରିଥିବା ୧୫ ବର୍ଷରୁ ଅଧିକ ବୟସର ଲୋକଙ୍କ ସଂଖ୍ୟା ଜୁନ୍ ୨୦୨୫ରେ ୫୪.୨% ଥିବା ବେଳେ ଏହା ଅଗଷ୍ଟ ମାସରେ ୫୫%କୁ ବୃଦ୍ଧି ପାଇଛି। ଉଭୟ ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳରେ ନିଯୁକ୍ତି ପରିମାଣ ବୃଦ୍ଧି ପାଇଛି ।ଗ୍ରାମାଞ୍ଚଳରେ କୃଷି କ୍ଷେତ୍ରରେ ଅଧିକ ନିଯୁକ୍ତି ମିଳିଛି। ଏହି କ୍ଷେତ୍ରରେ ୪୪.୬% ପୁରୁଷ ଏବଂ ୭୦.୯% ମହିଳାଙ୍କୁ ନିଯୁକ୍ତି ମିଳିଛି ସହରାଞ୍ଚଳରେ ତୃତୀୟ କ୍ଷେତ୍ରରେ ୬୦.୬% ପୁରୁଷ ଏବଂ ୬୪.୯% ମହିଳାଙ୍କୁ ଅଧିକ ନିଯୁକ୍ତି ମିଳିଛି। ୨୦୨୪-୨୫ ରେ, କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଂଗଠନ (ଇପିଏଫଓ) ରେ ୧.୨୯ କୋଟିରୁ ଅଧିକ ମୋଟ୍ ଉପଭୋକ୍ତା ଯୋଡ଼ି ହୋଇଥିଲେ, ଯାହାକି ୨୦୧୮-୧୯ ରେ ପ୍ରାୟ ୬୧.୧୨ ଲକ୍ଷ ଥିଲା। ସେପ୍ଟେମ୍ବର ୨୦୧୭ ରେ ଟ୍ରାକିଂ ସିଷ୍ଟମ ଆରମ୍ଭ ହେବା ପରଠାରୁ, କେବଳ ଜୁଲାଇ ୨୦୨୫ରେ ୨୧.୦୪ ଲକ୍ଷ ସମେତ ୭.୭୩ କୋଟିରୁ ଅଧିକ ଉପଭୋକ୍ତା ଯୋଗ ଦେଇଛନ୍ତି ।ଏହା କ୍ରମବର୍ଦ୍ଧିଷ୍ଣୁ ଆନୁଷ୍ଠାନିକ ନିଯୁକ୍ତି ଏବଂ ବର୍ଦ୍ଧିତ ସାମାଜିକ ସୁରକ୍ଷା ବିସ୍ତାରକୁ ସୂଚିତ କରେ ବର୍ଦ୍ଧିତ ନିଯୁକ୍ତି ସୁଯୋଗ, କର୍ମଚାରୀ ଲାଭ ବିଷୟରେ ସଚେତନତା ବୃଦ୍ଧି ଏବଂ ଇପିଏଫଓର ସଫଳ କାର୍ଯ୍ୟକ୍ରମ କାରଣରୁ ଜୁଲାଇ ୨୦୨୫ରେ ୯.୭୯ ଲକ୍ଷ ନୂଆ ଉପଭୋକ୍ତା ଯୋଡ଼ି ହୋଇଥିଲେ । ଏହା ବ୍ୟତୀତ, ନିଯୁକ୍ତି ଢାଞ୍ଚାରେ ଏକ ସ୍ୱଷ୍ଟ ପରିବର୍ତ୍ତନ ଆସିଛି ଆତ୍ମନିଯୁକ୍ତି ୨୦୧୭-୧୮ରେ ୫୨.୨% ରୁ ୨୦୨୩-୨୪ ରେ ୫୮.୪% କୁ ବୃଦ୍ଧି ପାଇଛି ଅନ୍ୟପକ୍ଷରେ ଅସ୍ଥାୟୀ ଶ୍ରମ ୨୪.୯% ରୁ ୧୯.୮% କୁ ହ୍ରାସ ପାଇଛି, ଯାହା ସରକାରୀ ପଦକ୍ଷେପ ଦ୍ୱାରା ସମର୍ଥିତ ଉଦ୍ୟୋଗୀ ଏବଂ ସ୍ୱାଧୀନ କାର୍ଯ୍ୟ ଦିଗରେ ଏକ ପଦକ୍ଷେପକୁ ସୂଚିତ କରେ।

ସାଧାରଣ ଶ୍ରମିକଙ୍କ ପାଇଁ ହାରାହାରି ଦୈନିକ ମଜୁରୀ (ସାର୍ବଜନୀନ କାର୍ଯ୍ୟ ବ୍ୟତୀତ) ଜୁଲାଇ-ସେପ୍ଟେମ୍ବର ୨୦୧୭ ରେ ୨୯୪ ଟଙ୍କା ରୁ ବୃଦ୍ଧି ପାଇ ଏପ୍ରିଲ-ଜୁନ୍ ୨୦୨୪ ରେ ୪୩୩ ଟଙ୍କାରେ ପହଞ୍ଚିଛି। ସେହିପରି, ନିୟମିତ ବେତନଭୋଗୀ କର୍ମଚାରୀଙ୍କ ହାରାହାରି ମାସିକ ରୋଜଗାର ସମାନ ସମୟ ମଧ୍ୟରେ ୧୬,୫୩୮ ଟଙ୍କାରୁ ବୃଦ୍ଧି ପାଇ ୨୧,୧୦୩ ଟଙ୍କାରେ ପହଞ୍ଚିଛି। ଏହି ଲାଭଗୁଡ଼ିକ ଉଚ୍ଚ ଆୟ ସ୍ତର, ଉନ୍ନତ ଚାକିରି ସ୍ଥିରତା ଏବଂ ଚାକିରି ଗୁଣବତ୍ତାକୁ ପ୍ରତିଫଳିତ କରିଥାଏ ।ଆଉ ଏକ ସକାରାତ୍ମକ ସଙ୍କେତ ହେଉଛି ବେକାରୀ ହାରରେ ପ୍ରଭାବଶାଳୀ ହ୍ରାସ, ଯାହା ୨୦୧୭-୧୮ରେ ୬.୦% ରୁ ୨୦୨୩-୨୪ରେ ୩.୨% କୁ ହ୍ରାସ ପାଇଛି। ଏହି ସମୟ ମଧ୍ୟରେ, ଯୁବ ବେକାରୀ ହାର ୧୭.୮% ରୁ ୧୦.୨% କୁ ହ୍ରାସ ପାଇଛି, ଯାହା ଏହାକୁ ବିଶ୍ ହାରାହାରି ୧୩.୩% ଠାରୁ ତଳେ ରହିଛି ବିଶ୍ୱ ନିଯୁକ୍ତି ଏବଂ ସାମାଜିକ ଆଉଟଲୁକ ୨୦୨୪ ରିପୋର୍ଟରେ ଏହି ସୂଚନା ଦିଆଯାଇଛି ।୨୦୪୭ ମସିହା ସୁଦ୍ଧା ବିକଶିତ ଭାରତର ଲକ୍ଷ୍ୟ ହାସଲ କରିବାର ଏକ ପ୍ରମୁଖ ସ୍ତମ୍ଭ ହେଉଛି ଭାରତରେ ୭୦ ପ୍ରତିଶତ ମହିଳା ଶ୍ରମଶକ୍ତିର ଅଂଶଗ୍ରହଣ ସୁନିଶ୍ଚିତ କରିବା ଆଜି ବିଶ୍ୱର ପ୍ରମୁଖ ଅନୁଷ୍ଠାନଗୁଡ଼ିକ ଭାରତର ପ୍ରଶଂସା କରୁଛନ୍ତି, କାରଣ ଏହା ସର୍ବାଧିକ ସମାନତା ଥିବା ଶୀର୍ଷ ଦେଶ ତାଲିକାରେ ସ୍ଥାନ ପାଇଛି ୨୦୧୭-୧୮ ରୁ ୨୦୨୩-୨୪ ମଧ୍ୟରେ ମହିଳା ନିଯୁକ୍ତି ହାର ପ୍ରାୟ ଦ୍ୱିଗୁଣିତ ହୋଇଛି। ଗତ ସାତବର୍ଷରେ ୧.୫୬ କୋଟି ମହିଳାଙ୍କୁ ଆନୁଷ୍ଠାନିକ ନିଯୁକ୍ତି ମିଳିଛି। ବର୍ତ୍ତମାନ, ଭାରତ ବୈଷୟିକ ନବସୃଜନ, ଜଗତୀକରଣ ଏବଂ ଉପଭୋକ୍ତା ଆଚରଣର ବିକାଶ ଦ୍ୱାରା ପରିଚାଳିତ ନୂତନ ଶିଳ୍ପ ଏବଂ ନିଯୁକ୍ତି କ୍ଷେତ୍ରର ଦ୍ରୁତ ଉ[illegible]ାନ ଦେଖୁଛି ସ୍ୱାସ୍ଥ୍ୟସେବା ପ୍ରଯୁକ୍ତିବିଦ୍ୟା, ଇ-କମର୍ସ ଲଜିଷ୍ଟିକ୍ସ, ଆର୍ଥିକ ପ୍ରଯୁକ୍ତିବିଦ୍ୟା ଏବଂ ଏଡ-ଟେକ୍ ଭଳି କ୍ଷେତ୍ର ଅଭୂତପୂର୍ବ ଗତିରେ ବୃଦ୍ଧିପାଉଛି ବୃଦ୍ଧି ପାଉଥିବା ଡିଜିଟାଲ ଅର୍ଥବ୍ୟବସ୍ଥା ଏବଂ ଅକ୍ଷୟ ଶକ୍ତି କ୍ଷେତ୍ର ନିଯୁକ୍ତି ସୃଷ୍ଟି ପାଇଁ ଅଧିକସୁଯୋଗ ପ୍ରଦାନ କରୁଛି।



# ମା ଗଙ୍ଗାଦେବୀ ପୀଠରେ ଯାତ୍ରା

ଗଞ୍ଜାମ,୪ ।୧୦:(ମନ୍ଥନ)ଗଞ୍ଜାମ ବ୍ଲକ ଅନ୍ତର୍ଗତ ପାଳିବନ୍ଧ ପଞ୍ଚାୟତ ର ପୁରୁଣା ବନ୍ଧ ନିକଟରେ ଅବସ୍ଥିତ ପ୍ରସିଦ୍ଧଶକ୍ତି ପୀଠ ମା ଗଙ୍ଗା ଦେବୀ ଙ୍କ ପୀଠ ରେ ପବିତ୍ର ଦଶହରା ଅବସରରେ ଯାତ୍ରା ଉଦଯାପିତ ହୋଇଯାଇଛି । ଏହି ଅବସରରେ ଗୁରୁବାର ଦିନ ରାତ୍ର ମାଙ୍କୁ ବାଦ୍ୟବାଜଣା ବଜାଇ ଗ୍ରାମ୍ୟ ପରିକ୍ରମା କରିଥିଲେ ସ୍ଥାନୀୟ ବାସିନ୍ଦା । ସେହିପରି ଅନୁରୂପ ଭାବେ ପୁଇଁତୋଳା ଗ୍ରାମରେ ଖଣ୍ଡେଶ୍ୱର ମହାପ୍ରଭୁ, ଓ ବରପଲ୍ଲୀ ଗ୍ରାମରେ ପୁଡୁକେଶ୍ୱର ମହାପ୍ରଭୁ ଙ୍କୁ ଶୋଭାଯାତ୍ରା ରେ ଗ୍ରାମ୍ୟ ପରିକ୍ରମା ସହ ଦ୍ୱାରଠାକୁର ଭୋଗ ଖାଇଥିଲେ । ଶୁକ୍ରବାର ଦିନ ଭୋରୁ ମା ଗଙ୍ଗାଦେବୀ ସହ ଦୁଇ ଠାକୁର ତ୍ରିବେଣୀ ମଠ ଛକ ଠାରେ ଏକତ୍ରିତ ହୋଇଥିଲେ । ପରେ ସେଠାରୁ ସମସ୍ତେ ପୁଣ୍ୟ ତୋୟା ଋଷିକୁଲ୍ୟା ନଦୀ କୁ ସାନ୍ନ ପାଇଁ ଶୋଭାଯାତ୍ରା ରେ



ଯାଇଥିଲେ । ସେଠାରେ ପରମ୍ପରା ଅନୁଯାଇ ଠାକୁରାଣୀ, ଠାକୁର ଙ୍କ ସ୍ନାନ କରାଯାଇଥିଲା । ଶେଷରେ ପୁଣି ସମସ୍ତେ ଶୋଭାଯାତ୍ରା ରେ ଗଞ୍ଜାମ ବଜାର ପରିକ୍ରମା କରି ନିଜ ନିଜ ମନ୍ଦିର ର କୁ ଫେରିଥିଲ । ମା ଗଙ୍ଗାଦେବୀ ଫେରିବା ପରେ ତାଙ୍କ ପୀଠ ରେ ଯାତ୍ରା ଆରମ୍ଭ ହୋଇଥିଲା। ସନ୍ଧ୍ୟା ରେ ସାଂସ୍କୃତିକ କାର୍ଯ୍ୟକ୍ରମ , ସ୍ୱରୂପ ରେ ଦୁଇଟି ରାମାୟଣ ନାଟକ ପରିବେଷଣ ହୋଇଥିଲା । ଏହି ଯାତ୍ରା କୁ ପୁରୁଣା ବନ୍ଧ ଗ୍ରାମ ସମେତ ପାଳିବନ୍ଦ ଗ୍ରାମପଞ୍ଚାୟତ ର ସମସ୍ତ ଗ୍ରାମ ସହଯୋଗ ରେ ଆୟୋଜିତ ହୋଇଥିଲା । ବିଭିନ୍ନ ଅଂଚଳ ରୁ ବହୁ ଲୋକମାନେ ଯାତ୍ରା ରେ ସମାଗମ ହେଉଥିବା ଜଣାପଡିଛି ।

# ଜନ ଶିକ୍ଷଣ ସଂସ୍ଥାନ ପକ୍ଷରୁ ଗାନ୍ଧି ଜୟନ୍ତୀ ପାଳିତ

ଗଞ୍ଜାମ,୪ ।୧୦:(ମନ୍ଥନ)ଜନ ଶିକ୍ଷଣ ସଂସ୍ଥାନ ନିର୍ଦ୍ଦେଶକ ମନୋଜ ବିଶ୍ୱାଳଙ୍କ ପରାମର୍ଶକ୍ରମେ ଗଞ୍ଜାମ ସହରସ୍ଥିତ ସାନ ବଜାର ପ୍ରାଥମିକ ବିଦ୍ୟାଳୟ ପରିସରରେ ଗାନ୍ଧି ଜୟନ୍ତୀ ପାଳିତ ହୋଇଯାଇଛି । ସେଠାରେ ଥିବା ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତୀରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ଦୀପ ପ୍ରଜ୍ୱଳନ ପୂର୍ବକ ପୂଜନ କରାଯାଇ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ତଥା ଉକ୍ତ ସ୍କୁଲରେ ଗାନ୍ଧିଜୀ ଙ୍କ ପ୍ରତିମୂର୍ତ୍ତୀ ପ୍ରତିଷ୍ଠାତା ଗୋପାଳ ବେହେରା ମୁଖ୍ୟ ଅତିଥିଭାବେ ଯୋଗଦେଇ ସ୍ମୃତି ଚାରଣ କରିବା ସହ ଜାତିର ଜନକ ଙ୍କ ସ୍ୱପ୍ନ କୁ ସକାର ପାଇଁ ସ୍ୱଛତା ଉପରେ ଗୁରୁତ୍ୱାରୋପ କରି ସମାଜକୁ ସଚେତନତା ର୍ବା ଦେଇଥିଲେ । ଓଡିଶା ସମ୍ବାଦିକ ସଙ୍ଘର ଗଞ୍ଜାମ ଜିଲ୍ଲା କାର୍ଯ୍ୟକାରୀ ସଭାପତି ତଥା ଅନୁଷ୍ଠାନ ଏ ପି ଓ ଉମାକାନ୍ତ ବେହେରାଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଟି ଆଇ ଆଇ ଟି ର ମୁଖ୍ୟ ବିଜୟ ଭାସ୍କର ରେଡି ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ । ପିଓ ଅଂଶୁମାନ ପଟନାୟକ, ଏପିଓ ରାଧାରମଣ ପାଢ଼ୀ, ଫିଲଡ୍ ଆସିଷ୍ଟାଣ୍ଟ ସୁବାସ ଚନ୍ଦ୍ର ସାହୁ, ସହକର୍ମୀ ସିମାଞ୍ଚଳ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ସୁପରିଚାଳନା କରିଥିଲେ । ପ୍ରାରମ୍ଭରେ ସହର ସ୍ଥିତ ଭାରତୀ ବିଦ୍ୟାପୀଠ ମିନି ଷ୍ଟାଡିୟମ ପରିସରରେ ସ୍ୱଛତାହିଁ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ଟି ଆଇ ଆଇ ଟି କମ୍ପ୍ୟୁଟର ସେଣ୍ଟର ର ୫୦ ରୁ ଉର୍ଦ୍ଧ୍ୱ ଯୁବକ ଯୁବତୀ ଶ୍ରମଦାନ କରି ଓପେନ ଜିମ ଓ ଶୌଚାଳୟ ସମ୍ମୁଖରେ ରେ ପଡିଥିବା ଅଳିଆ। ଆବର୍ଜନା ସଫେଇ କରିଥିଲେ। ଜେ ଏସ ଏସ ସହକର୍ମୀ ଓ କମ୍ପ୍ୟୁଟର ମୁଖ୍ୟ ଉକ୍ତ ସ୍ୱଛତା କାର୍ଯ୍ୟକ୍ରମ ର ନେତୃତ୍ୱ ନେଇଥିଲେ ।

# ପ୍ରେରଣା ୱେବ ପୋର୍ଟାଲର ପଞ୍ଚମ ପ୍ରତିଷ୍ଠା ଦିବସ

ବଲାଙ୍ଗୀର,୪ ।୧୦:(ମନ୍ଥନ)ସ୍ଥାନୀୟ ସରକାରୀ ଟାଉନ ବାଳିକା ଉଚ୍ଚ ବିଦ୍ୟାଳୟ ଠାରେ ସାପ୍ତାହିକ ଖବର କାଗଜ ପ୍ରେରଣା ନିୟୁଜ ପୋର୍ଟାଲ ଓ ଡିଜିଟାଲ ମିଡ଼ିଆ। ର ପଞ୍ଚମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ସମ୍ପାଦକ ରଘୁନନ୍ଦନ ସିଂ ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ପ୍ରଥମ ଅଧିବେଶନ ରେ ମୁଖ୍ୟ ଅତିଥି ଭାବେ ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି, ବଲାଙ୍ଗୀର ପୌର ଅଧକ୍ଷୟ ଲିକା ସାହୁ, ସାମାଜିକ କର୍ମୀ ଗୋପାଳଜୀ ପାଣିଗ୍ରାହୀ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେୟ ପ୍ରଥମ ଅଧିବେଶନ ରେ ଆଲୋଚନାଚକ୍ର,ସମ୍ବର୍ଦ୍ଧନା ପର୍ବ ଓ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ଶିକ୍ଷାବିତ ମନୋରଞ୍ଜନ ସାହୁ କାର୍ଯ୍ୟକ୍ରମ ର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସଭା ପରେ ଦ୍ୱିତୀୟ ଅଧିବେଶନ ରେ ବହୁ ଭାଷୀ କବିତା ଆସର ରେ ଜିଲ୍ଲା ତଥା ଜିଲ୍ଲା ବାହାରୁ ଅନେକ କବି ନିଜ ସ୍ୱରଚିତ କବିତା ପଠନ କରିଥିଲେୟ ଏହି କାର୍ଯ୍ୟକ୍ରମ ରେ ବରିଷ୍ଠ ସାମ୍ବାଦିକ ମହେନ୍ଦ୍ର ପ୍ରଧାନଙ୍କୁ ସାମ୍ବାଦିକତା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଉତ୍ତରୀୟ,ପୁଷ୍ପଗୁଚ୍ଛ ଓ ମାନପତ୍ର ପ୍ରଦାନ କରାଯାଇଥିଲା ।ମାନପତ୍ର ପଠନ କରିଥିଲେ ଯୁବ କବି ରତ୍ନମୟ ତ୍ରିପାଠୀୟ କାର୍ଯ୍ୟକ୍ରମ ର ସଂଯୋଜନା କରିଥିଲେ କବୟିତ୍ରୀ ଅଞ୍ଜଳି ବାରିକ । ଏହି କାର୍ଯ୍ୟକ୍ରମ ରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ବୁଦ୍ଧିଜୀବୀ,ରାଜନେତା,ସାମ୍ବାଦିକ,କବି ଓ ପାଠକ ଯୋଗଦେଇଥିଲେ ।

# ଜାତିର ପିତାଙ୍କ ଜନ୍ମ ଦିନ ଅବସରରେ ପିପିଏର ସ୍ୱତନ୍ତ୍ର ଅଭିଯାନ

ପାରାଦୀପ, ୪ ।୧୦:(ମନ୍ଥନ)ଜାତିର ପିତାଙ୍କ ଜନ୍ମଦିନ ଅବସରରେ, ପାରାଦୀପ ବନ୍ଦର କର୍ତ୍ତୃପକ୍ଷର ଅଧକ୍ଷ ପିଏଲ ହରନାଦ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେୟ ଏହି କାର୍ଯ୍ୟକ୍ରମରେ ଓଡ଼ିଶା ସରକାରଙ୍କ ଶିଳ୍ପ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଙ୍କ ସମେତ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଯୋଗ ଦେଇଥିଲେ ।



ପାରାଦୀପ ବନ୍ଦର କର୍ତ୍ତୃପକ୍ଷଙ୍କ ମାର୍ଗଦର୍ଶନରେ ସ୍ଥାନୀୟ ବିଦ୍ୟାଳୟର ଛାତ୍ରଛାତ୍ରୀମାନେସ୍ୱଚ୍ଛତା ଏବଂ ପରିବେଶଗତ ଦାୟିତ୍ୱ ଉପରେ ପ୍ରବନ୍ଧ ଏବଂ ଚିତ୍ରକଳା ପ୍ରତିଯୋଗିତା ମାଧ୍ୟମରେ ସେମାନଙ୍କର ସୃଜନଶୀଳତା ଏବଂ ସଚେତନତା ପ୍ରଦର୍ଶନ କରିଥିଲେ । ଅଧକ୍ଷ ଶ୍ରୀ ହରନାଦ ସ୍ୱଚ୍ଛତା ହିଁ ସେବାର ବିଜେତାମାନଙ୍କୁ ପୁରସ୍କୃତ କରିଥିଲେ, ଯାହା ଆମର ଯୁବ ମନକୁ ନାଗରିକ ଦାୟିତ୍ୱ ଗ୍ରହଣ କରିବା ଏବଂ ଏକ ସ୍ୱଚ୍ଛ ଭବିଷ୍ୟତ ପାଇଁ ଯୋଗଦାନ ଦେବା ପାଇଁ ପ୍ରେରଣା ଦେଇଥିଲା । ଏହି ଅବସରରେ ପିପିଏରେ ସ୍ୱତନ୍ତ୍ର ଅଭିଯାନ ୫.୦ ରଥକୁ ପତାକା ଦେଖାଇ ସମସ୍ତ କର୍ମଚାରୀଙ୍କ ମଧ୍ୟରେ ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦେବାସହ ପରିଷ୍କାରତା ଏବଂ ଦାୟିତ୍ୱର ବାର୍ତ୍ତା ପ୍ରସାର କରିଥିଲେୟ ପରିଷ୍କାରତା (ସ୍ୱଚ୍ଛତା) ଏବଂ ପ୍ରଶାସନିକ ଲମ୍ବା ସମୟକୁ ହ୍ରାସ କରିବା ବିଷୟବସ୍ତୁ ସହିତ ସଂଲଗ୍ନ, ଏହି ଅଭିଯାନ ପିପିଏ ର ଦକ୍ଷତା, ସ୍ଥାୟୀତ୍ୱ ଏବଂ ଏକ ସ୍ୱଚ୍ଛ କର୍ମକ୍ଷେତ୍ର ପ୍ରତି ପ୍ରତିବଦ୍ଧତାକୁ ସୁଦୃଢ଼ କରେ ।

# ରାବଣ ପୋଡି ଉତ୍ସବ ମହାସମାରୋହରେ ଅନୁଷ୍ଠିତ

ଜଗତସିଂହପୁର,୪ ।୧୦:(ମନ୍ଥନ)ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖସ୍ଥ ପଡିଆ। ଠାରେ ଶ୍ରୀରାମ କ୍ଲବ ଆନୁକୂଲ୍ୟରେ ଜିଲ୍ଲା ପ୍ରଶାସନ ସହଯୋଗ ରେ ରାବଣପୋଡି ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ଶ୍ରୀ ରାମ କ୍ଲବ ସଭାପତି ଶ୍ରୀ ରତ୍ନାକର ବିଶ୍ୱାଳଙ୍କ ଅଧକ୍ଷତାରେ ଆୟୋଜିତ ଉତ୍ସବ ରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ମାନ୍ୟବର ମନ୍ତ୍ରୀ, ଆଇନ୍, ପୂର୍ତ୍ତ ଓ ଅବକାରୀ ବିଭାଗ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଲେ ଜଗତସିଂହପୁର ଜିଲ୍ଲା ଏକ କଳା,ସାହିତ୍ୟ ଓ ସଂସ୍କୃତି ର ଜିଲ୍ଲା। ଏହି ଉତ୍ସବ ଆମକୁ ସୂଚାଇ ଦେଉଛି ଅସତ୍ୟ ଉପରେ ସତ୍ୟର ଜୟ, ଅଧର୍ମ ଉପରେ ଧର୍ମର ଜୟ ଏବଂ ଅନ୍ୟାୟ ଉପରେ ନ୍ୟାୟର ଜୟ । ପ୍ରଭୁ ଶ୍ରୀ ରାମଚନ୍ଦ୍ର ଏହି ସବୁ ଅସ୍ତ୍ର କୁ ପ୍ରୟୋଗ କରି ରାବଣ ବଧ କରିଥିଲେ । ସେ ସମସ୍ତଙ୍କୁ କ୍ରୋଧ, ମୋହ, ଲୋଭ, ଅହଙ୍କାର ଭଳି କୁପ୍ରକୃତି ରୁ ଦୂରେଇ ରହିବା ପାଇଁ ଉପଦେଶ ଦେଇଥିଲେ ଏବଂ ନିଜ ଭିତରେ ଦେବତ୍ୱ ଭାବ ଆଣିବା ପାଇଁ ମଧ୍ୟ କହିଥିଲେ । ସେ କିଛି ବର୍ଷ ଧରି ବନ୍ଦ ରହିଥିବା ଆକର୍ଷଣୀୟ ଆତସ ବାଜି କାର୍ଯ୍ୟକ୍ରମର ପୁନଃ ଆରମ୍ଭ ପାଇଁ ମାନ୍ୟବର ବିଧାୟକ ଶ୍ରୀ ଅମରେନ୍ଦ୍ର ଦାସ ଓ ଶ୍ରୀରାମ କ୍ଲବ୍ କାର୍ଯ୍ୟକର୍ତ୍ତା ଙ୍କୁ ଧନ୍ୟବାଦ ଜଣାଇଥିଲେ । ମାନ୍ୟବର ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଶେଷରେ ରାବଣ ଦେହରେ ବୈଦ୍ୟୁତିକ ଅଗ୍ନି ସଂଯୋଗ କରିଥିଲେ। ଏହି ଉତ୍ସବ ରେ ମୁଖ୍ୟ ବକ୍ତା ଭାବେ ଜଗତସିଂହପୁର ବିଧାୟକ ଶ୍ରୀ ଅମରେନ୍ଦ୍ର ଦାସ ଯୋଗଦେଇ ଜିଲ୍ଲା ରେ ହେଉଥିବା ଏହି ପାର୍ବଣ ର ପର୍ବ କୁ ସୂଚାରୁ ରୂପେ ପାଳି ଥିବାରୁ ଜିଲ୍ଲାବାସୀ ଙ୍କୁ କୃତଜ୍ଞତା ଜଣାଇଥିଲେ । ସେ ସମସ୍ତଙ୍କୁ ସ୍ୱାଭିମାନୀ ଓ ଆତ୍ମନିର୍ଭରଶୀଳ ହେବା ପାଇଁ ଉପଦେଶ ଦେଇଥିଲେ । ଅନ୍ୟ ସମ୍ମାନିତ ଅତିଥି ଭାବେ ଆରକ୍ଷୀ ଅଧିକ୍ଷକ ଶ୍ରୀ ଅଙ୍କିତ କୁମାର ବର୍ମା,ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସମ୍ବିତ କୁମାର ରାଉତ,ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଜ୍ୟୋତି ଶଙ୍କର ରାୟ, ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ଶ୍ରୀ ଅଜିଙ୍କ୍ୟା ମାଣେ, ପୌର ପରିଷଦ ଅଧକ୍ଷା ଶ୍ରୀମତୀ ଅର୍ଚ୍ଚନା ସିଂହ, ଉପାଧ୍ୟକ୍ଷ ଶ୍ରୀ ରାଜେନ୍ଦ୍ର କୁମାର ବିଷୋୟୀ,ଥାନପତି ମେଢ଼ ର ସଭାପତି ଶ୍ରୀ ସତ୍ୟ ବ୍ରତ ମହାପାତ୍ର ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ ।

# ୬୬ ବର୍ଷର ପୁରାତନ ବିଦ୍ୟାଳୟରେ ନାହିଁ ମୌଳିକ ସୁବିଧା

ଖଣ୍ଡପଡ଼ା,୪ ।୧୦:(ମନ୍ଥନ) ଖଣ୍ଡପଡ଼ା ବ୍ଲକ ବେଣାଗାଡିଆ। ପଞ୍ଚାୟତ ଗୋପୀନାଥପୁର ସରକାରୀ ପ୍ରାଥମିକ ବିଦ୍ୟାଳୟକୁ ଇତିମଧ୍ୟରେ ୬୬ ବର୍ଷ ପୂରିଲାଣିୟ ତେବେ ଖଣ୍ଡପଡ଼ାରୁ କଣ୍ଟିଲୋ ପୂର୍ତ୍ତବିଭାଗ ମୁଖ୍ୟ ରାସ୍ତା କଡରେ ଥିଲେ ହେଁ ଏହା ବିକାଶ ଆଢୁଆଳରେ ରହିଯାଇଛି । ୧୯୫୯ରେ ପ୍ରତିଷ୍ଠିତ ଏହି ପୁରାତନ ବିଦ୍ୟାଳୟଟି ପ୍ରଶାସନିକ ଉଦାସୀନତା ଏବଂ ସ୍ଥାନୀୟ ଲୋକପ୍ରତିନିଧିମାନଙ୍କ ଆନ୍ତରିକତା ଅଭାବରୁ ଅବହେଳିତ ହୋଇପଡ଼ିଥିବା ଅଭିଯୋଗ ହୋଇଛି । ବିଦ୍ୟାଳୟରେ ମୌଳିକ ସୁବିଧା ନଥିବାରୁ ସ୍ଥାନୀୟବାସିନ୍ଦା ଏବଂ ଅଭିଭାବକ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି । ଏପରିକି ସାମାଜିକ ଗଣମାଧ୍ୟମରେ ମଧ୍ୟ ସରକାରୀ ଅବହେଳା ନେଇ ଲୋକେ ଅଭିଯୋଗ ମଧ୍ୟ କରିଛନ୍ତି । ମିଳିଥିବା ସୂଚନା ମୁତାବକ ଏଠାରେ ପ୍ରଥମରୁ ପଞ୍ଚମ ପର୍ଯ୍ୟନ୍ତ ଶ୍ରେଣୀ ଥିବାବେଳେ ମୋଟ




୪୦ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି । ପ୍ରଧାନଶିକ୍ଷକଙ୍କ ସମେତ ୫ ଶିକ୍ଷୟିତ୍ରୀ ଶିକ୍ଷକ ରହିବାର ନିୟମ ଥିବାବେଳେ ମାତ୍ର ୨ ଜଣ ଶିକ୍ଷକଥିବା ସୂଚନା ମିଳିଛି । ତେବେ ମୂଳ ସମସ୍ୟା ହେଉଛି ବିଦ୍ୟାଳୟ ଚାରିପାଖରେ ସୁରକ୍ଷା ପ୍ରାଚୀର ନଥିବା ବେଳେ ଅସାମାଜିକଙ୍କ ଅବାଧ ପ୍ରବେଶ ରହୁଛି। ଫଳରେ କୋମଳମତି ଛାତ୍ରଛାତ୍ରୀ ମାନେ ବିଦ୍ୟାଳୟ ହତାରୁ ବାହାରିଲେ ଦୁର୍ଘଟଣାର ଶିକାର ହେବାର ଆଶଙ୍କା ରହୁଛି । ଏପରିକି ସୁରକ୍ଷା ପ୍ରାଚୀର ନ ଥିବାରୁ ଏକାଧିକ ବାର ଚୋରି ହେଉଥିବା କଥା ମଧ୍ୟ ସ୍ଥାନୀୟ ବାସିନ୍ଦା କୁହନ୍ତି । ସମାନଭାବେ ବିଦ୍ୟାଳୟରେ ନିୟମିତ ଖେଳପଡିଆ। ନ ଥିବାରୁ ନାନା ସମସ୍ୟାରେ ପଡୁଛନ୍ତି ଛାତ୍ରଛାତ୍ରୀ । ବର୍ଷ ବର୍ଷ ଧରି ମଧ୍ୟାହ୍ନଭୋଜନ ନିମନ୍ତେ ସ୍ଥାୟୀ ଗୃହ ନଥିବା ଅଭିଯୋଗ ହୋଇଆସୁଥିବା ବେଳେ ଦୟା ପରବଶ ହୋଇ ବ୍ଲକ ପ୍ରଶାସନ ଏହାର ନିର୍ମାଣ କରୁଥିବା ବିଦ୍ୟାଳୟ ସୂତ୍ରରୁ ସୂଚନା ମିଳିଛି । ତେବେ ମୂଳ ସମସ୍ୟା ଦିଗରେ କିନ୍ତୁ ବିଭାଗ ଆଖି ବୁଜି ଦେଇଛି ।

# ଫାଇନାଲରେ ତମାଣ୍ଡୋ କ୍ରିକେଟ କ୍ଲବ

ଖଣ୍ଡପଡ଼ା,୪ ।୧୦:(ମନ୍ଥନ) ଖଣ୍ଡପଡ଼ା ବ୍ଲକ ବନମାଳିପୁର ଆଞ୍ଚଳିକ ସ୍ପୋର୍ଟ୍ସ କ୍ଲବ ଆନୁକୁଲ୍ୟରେ ୩୭ ତମ ବାର୍ଷିକ ଚ୍ୟାଲେଞ୍ଜ କପ କ୍ରିକେଟ ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମିଫାଇନାଲ ଅନୁଷ୍ଠିତ ହୋଇଯାଇଛି । ଆଜି ଅନୁଷ୍ଠିତ ପ୍ରଥମ ସେମିଫାଇନାଲ ମ୍ୟାଚରେ ଟସ ଜିତି ଏମସିଜିସି ମାଣିଆବନ୍ଧ ଟିମ ପ୍ରଥମେ ବ୍ୟାଟିଂ କରି ୧୯ ଓଭରରେ ୧୩୩ ରନରେ ଅଲଆଉଟ ହୋଇଯାଇଥିଲାୟ ଜବାବରେ ତମାଣ୍ଡୋ କ୍ରିକେଟ କ୍ଲବ ମାତ୍ର ୯.୪ ଓଭରରେ ଗୋଟିଏ ୱିକେଟ ହରାଇ ବିଜୟଲକ୍ଷ ହାସଲ କରିନେଇଥିଲା । ଦଳ ପକ୍ଷରୁ ଅଭିଷେକ ପଟ୍ଟନାୟକ ୩୫ ବଲରୁ ୯୫ ରନର ପାଳି ଖେଳି ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ । ମ୍ୟାଚରେ ଅତିଥି ଅତିଥି ଭାବେ ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟାପକ ପ୍ରସନ୍ନ କୁମାର ସାହୁ ଯୋଗଦେବା ସହିତ ଶ୍ରେଷ୍ଠ ଖେଳିଳଙ୍କୁ ପୁରସ୍କୃତ କରିଥିଲେୟ ଖେଳକୁ ଧୀରେନ ତ୍ରିପାଠୀ ଓ ଜିତେନ୍ଦ୍ର କୁମାର ସାହୁ ଖେଳକୁ ପରିଚାଳନା କରିଥିବା ବେଳେ ଶିକ୍ଷାବିତ ଗୌରାଙ୍ଗ ଚରଣ ସେଠୀ ସ୍କୋରର ଦାୟିତ୍ୱ ତୁଲାଇଥିଲେ । ଆସନ୍ତାକାଲି ଦ୍ୱିତୀୟ ସେମିଫାଇନାଲରେ ଘରୋଇ ବନମାଳିପୁର ଆଞ୍ଚଳିକ ସ୍ପୋର୍ଟ୍ସ କ୍ଲବ ଏବଂ ପଙ୍ଗାରସିଂହ କ୍ରିକେଟ କ୍ଲବ ମଧ୍ୟରେ ଫାଇନାଲ ମୁକାବିଲା ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ସୂତ୍ରରୁ ସୂଚନା ମିଳିଛି।

# ବନମାଳିପୁରରେ ଖାଡୁ ବଳଦ ପରିକ୍ରମା

ଖଣ୍ଡପଡ଼ା,୪ ।୧୦:(ମନ୍ଥନ)ଖଣ୍ଡପଡ଼ା ବ୍ଲକ ବନମାଳିପୁର ଗ୍ରାମପଞ୍ଚାୟତ ଅନ୍ତର୍ଗତ ବଡସାହି ଓ ନିମପାଟଣା ବାସିନ୍ଦା ନିଆରା ଢଙ୍ଗରେ ପାଳିଛନ୍ତି ଦଶହରା ପର୍ବୟ ପୂର୍ବପୁରୁଷରୁ ଚାଲିଆସିଥିବା ପରମ୍ପରା ମୁତାବକ ଦଶହରା ଦିନ ଖାଡୁ ବଳଦକୁ ଅନୁକୂଳ ଭାବେ ଗ୍ରହଣ କରି ପୂଜାର୍ଚ୍ଚନା କରାଯାଏ । ଦଶହରା ଅବସରରେ ସକାଳୁ ପ୍ରଥମେ ବଳଦକୁ ଚାନ୍ଦୁଆ, ଘାଗୁଡି, ଘଣ୍ଟି ପିନ୍ଧାଇ ସାଜସଜ୍ଜା କରାଯିବା ସହ ଖାଡୁ ବଳଦର ବିଭିନ୍ନ ସରଞ୍ଜାମକୁ ଗୃହକର୍ତ୍ତାଙ୍କ ଦ୍ୱାରା ପୂଜା କରାଯାଇଥିଲା । ଗତକାଲି ସନ୍ଧ୍ୟାରେ ଝାଞ୍ଜ, ଖୋଳ, ମୃଦଙ୍ଗ ସହ ସଙ୍କୀର୍ତ୍ତନ କରି ଖାଡୁ ବଳଦକୁ ଗ୍ରାମ ପରିକ୍ରମା କରିବା ସହ ଆରାଧ



ଦେବୀ ମା' ବ୍ରାହ୍ମଣି ଦେବୀଙ୍କ ନିକଟରେ ସ୍ୱତନ୍ତ ପୂଜାପୂର୍ବକ ଉତ୍ସବ ସମାପ୍ତି ହୋଇଥିବା ସୂଚନା ମିଳିଛି । ଓଡିଆ। ଘରେ ବାରମାସରେ ତେରପର୍ବର ପ୍ରଥା ଥିବାବେଳେ ଖାଡୁ ବଳଦ ଭଳି ଅନନ୍ୟ ତଥା ବିଲୁପ୍ତପ୍ରାୟ ପରମ୍ପରା ବଞ୍ଚାଇରଖିଥିବାରୁ ବନମାଳିପୁର ଗ୍ରାମବାସୀଙ୍କୁ ବୁଦ୍ଧିଜୀବୀ ମହଲରେ ପ୍ରସଂଶା କରାଯାଇଛି । ସମାନଭାବେ ଚଳିତବର୍ଷ ନିମପାଟଣା ଗ୍ରାମରେ ଖାଡୁ ବଳଦ ପରମ୍ପରା ଆଡମ୍ବରପୂର୍ଣ୍ଣ ଭାବେ ପାଳିତ ହୋଇଛି । ଗତକାଲି ସନ୍ଧ୍ୟାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ନିମପାଟଣା ଗ୍ରାମର ଆବାଳବୃଦ୍ଧବନିତା ସାମିଲ ହୋଇଥିଲେ ।

# ଜିଲ୍ଲା ବୋଇତବନ୍ଦାଣ ସମିତି କେନ୍ଦ୍ରାପଡାର କାର୍ଯ୍ୟକାରୀ କମିଟି ବୈଠକ

କେନ୍ଦ୍ରାପଡ଼ା,୪ ।୧୦:(ମନ୍ଥନ)ଜିଲ୍ଲା ବୋଇତବନ୍ଦାଣ ସମିତି, କେନ୍ଦ୍ରାପଡାର କାର୍ଯ୍ୟକାରୀ କମିଟି ବୈଠକ ଗୋପସ୍ଥିତ ଜାଭିଅର ହାଇସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସ୍ଥାୟି ମୁଖ୍ୟ ଉପଦେଷ୍ଟା ପ୍ରଦୀପ କୁମାର ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ପୂର୍ବ ବୈଠକର ବିବରଣୀକୁ ଦୃଢିକରଣ କରାଯାଇଥିଲା। ଏଥିସହିତ ୨୦୨୪ର କର୍ମକର୍ତ୍ତାମାନଙ୍କୁ ଚଳିତ ବର୍ଷ ପାଇଁ ସର୍ବସମ୍ମତିକ୍ରମେ ନିର୍ବାଚିତ କରାଗଲା। ନୂତନ ଭାବରେ ଡ. ଚୈତନ୍ୟ ଚରଣ ପରିଡା, ନିରଞ୍ଜନ ବେହେରା, ଅବଧୂତ ରାଉତ, ପ୍ରତିମା ପ୍ରଧାନ ଓ ଶୈଳବାଳା ସାମଲଙ୍କୁ ସଦସ୍ୟ ଭାବେ ଗ୍ରହଣ କରାଗଲା। ବିଗତ ବର୍ଷମାନଙ୍କ ଭଳି ଚଳିତ ବର୍ଷ ଜିଲ୍ଲାର ସମସ୍ତ ମହାବିଦ୍ୟାଳୟ ଓ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବିଭିନ୍ନ ବିଭାଗରେ ପ୍ରତିଯୋଗିତା ଆସନ୍ତା ୨୧ତାରିଖରେ ସ୍ଥାନୀୟ ତୁଳସୀ ମହିଳା ମହାବିଦ୍ୟାଳୟରେ ଅନୁଷ୍ଠିତ ହେବାକୁ ସ୍ଥିର କରାଗଲା। ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ




ରବିନାରାୟଣ ମହାନ୍ତିଙ୍କ ଅଧକ୍ଷତାରେ ଗଠିତ ସଂଚାଳନ କମିଟିରେ ମୁକ୍ତାର ଖାଁ,ହିମାଂଶୁ ଦାସ, ପ୍ରତିମା ପ୍ରଧାନ ଓ ଭାଗିରଥୀ ଜେନା ପ୍ରମୁଖଙ୍କୁ ସଦସ୍ୟ ଭାବେ ଗ୍ରହଣ କରାଗଲା। କାର୍ତ୍ତିକ ପୂର୍ଣ୍ଣିମା ଦିନ ପ୍ରତ୍ୟୁଷରେ ଜଜାଙ୍ଗ ଆଦର୍ଶ ପୋଖରୀରେ ପ୍ରତିବର୍ଷ ଭଳି ବୋଇତବନ୍ଦାଣ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକୁ ସମ୍ପାଦନ କରିବା ପାଇଁ ସରୋଜ କୁମାର ସାହୁ, ଲୋହିତ କୁମାର ମହାନ୍ତି, ଗାୟତ୍ରୀ ମହାନ୍ତି, ରାଜେନ୍ଦ୍ର ମହାପାତ୍ର, ମନୋରଞ୍ଜନ ତ୍ରିପାଠୀ ଓ ଶ୍ରୀଧର ମହାନ୍ତିଙ୍କୁ ନେଇ ଏକ କମିଟି ଗଠନ କରାଗଲା। ବିଗତ ବର୍ଷମାନଙ୍କ ଭଳି ମହେଶ କର, ଡା. ସରୋଜକାନ୍ତ କାନୁନଗୋ, ଭାଗବତ ପ୍ରସାଦ ମହାନ୍ତି, ଇନ୍ଦ୍ରମଣୀ ରାଉତ, ଗୟାଚାନ୍ଦ ଭୂୟାଁ, ଡା. ଅଲେଖ ଚନ୍ଦ୍ର ଦାସ, ମୀନକେତନ ଦାସ, ଶରତ ପ୍ରସାଦ ସିଂ, ପୁଲିନ ବିହାରି ମହାନ୍ତି, ନନ୍ଦିତା ବ୍ରହ୍ମା,ଦୋଳଗୋବିନ୍ଦ ଜେନା ପ୍ରମୁଖଙ୍କ ନାମରେ ନାମିତ ସ୍ମୃତିଫଳକ ରାଜ୍ୟ ଓ ଜିଲ୍ଲାର ବିଭିନ୍ନ ବିଦ୍ୱାନ ବ୍ୟକ୍ତିବିଶେଷଙ୍କୁ ପ୍ରଦାନ କରାଯିବାକୁ ସ୍ଥିର କରାଗଲା। ଏସମସ୍ତ କାର୍ଯ୍ୟକୁ ତଦାରଖ କରିବା ପାଇଁ ସଭା ମୁଖ୍ୟ ଉପଦେଷ୍ଟା ପ୍ରଦୀପ କୁମାର ମହାନ୍ତିଙ୍କ ଉପରେ ଦାୟୀତ୍ୱ ନ୍ୟସ୍ତ କରିଥିଲା। କାର୍ଯ୍ୟକ୍ରମର ସୁପରିଚାଳନା କରିବାକୁ ସଭାପତି ଚିନ୍ମୟ ବେହୁରା, ସମ୍ପାଦକ ଉମାଶଙ୍କର ଜେନା, ସଞ୍ଜୟ ରାଉତ, ରବୀନ୍ଦ୍ରନାଥ ରଥ, ଗୋଲଖ ପଢିଆରୀ ଓ ବୈଷ୍ଣବ ପ୍ରଧାନ ପ୍ରମୁଖଙ୍କ ଉପରେ ଦାୟୀତ୍ୱ ନ୍ୟସ୍ତ କରାଗଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପ୍ରଫୁଲ୍ଲ କୁମାର ଦାସ, ଶରତଚନ୍ଦ୍ର ଧଳ, ରଣଧୀର ଜେନା, ବଂଶୀଧର ମହାନ୍ତି, ଗଜେନ୍ଦ୍ର ଚନ୍ଦ୍ର ପ୍ରଧାନ, ସୁବାସ ଚନ୍ଦ୍ର ପାତ୍ର, ଅମରେଶ ରଥ, ଅବନ୍ତୀ ବେହେରା ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## କଂଗ୍ରେସ ପକ୍ଷରୁ ଗାନ୍ଧୀ ପଥେ ଓଡିଶା ପଦଯାତ୍ରା

ଯୋଡ଼ା,୪ ।୧୦:(ମନ୍ଥନ)କେନ୍ଦୁଝର ଜିଲ୍ଲା ଯୋଡ଼ା କଂଗ୍ରେସ ପକ୍ଷରୁ ଜାତୀୟ ପିତା ମହାତ୍ମା ଗାନ୍ଧୀ ଙ୍କ ଜୟନ୍ତୀ ଉପଲକ୍ଷେ ଗାନ୍ଧି ପଥେ ଓଡିଶା କାର୍ଯ୍ୟକ୍ରମ ରେ ଏକ ପଦଯାତ୍ରା ର ଆୟୋଜନ କରାଯାଇଥିଲା । ଜିଲ୍ଲା କଂଗ୍ରେସ ସଭାପତି ମନୋଜ ଜେନା ଙ୍କ ତତ୍ୱାବଧାନ ରେ ଏବଂ ନଗର କଂଗ୍ରେସ ସଭାପତି ସୁବ୍ରତ ନାଏକ ଙ୍କ ନେତୃତ୍ୱରେ ଏହି ପଦଯାତ୍ରା ରେ ଶତାଧିକ ମହିଳା ଏବଂ ପୁରୁଷ ସାମିଲ ହୋଇ ଗୁରୁବାର ଦିନ ସକାଳ ୮ ଘଟିକା ରୁ ଯୋଡ଼ା ଧରଣୀ ଧର ଭୂୟାଁ ଙ୍କ ପ୍ରତିମୂର୍ତ୍ତି ନିକଟକୁ ପଦଯାତ୍ରା ବାହାରି ସଷ୍ଟାଣ୍ଡ ଦେଇ ସହିଦ ନଗର ସ୍ଥିତ ଗାନ୍ଧୀଜୀ ଙ୍କ ପ୍ରତିମୂର୍ତ୍ତି ନିକଟରେ ପହଞ୍ଚି ଶେଷ ହୋଇଥିଲା । ଏହି ଅବସରରେ ସମସ୍ତେ ଗାନ୍ଧୀ ଜୀ ଙ୍କ ପ୍ରତିମୂର୍ତ୍ତି ରେ ପୁଷ୍ପମାଲ୍ୟ ଦେଇ ଗାନ୍ଧିଜୀ ଙ୍କ ନାରା ଦେଇଥିଲେୟପରେ ଯୋଡ଼ା ସହର ପରିକ୍ରମା କରି ସମସ୍ତ ମହାପୁରୁଷ ଙ୍କୁ ପୁଷ୍ପମାଲ୍ୟ ଦେଇଥିଲେ। ଓଡିଶାବାସୀଙ୍କ ସ୍ୱାର୍ଥ ଏବଂ ନ୍ୟାୟ ପାଇଁ ଗାନ୍ଧୀ ଜି ଙ୍କ ଅହିଂସା ନୀତି କୁ ଅସ୍ତ୍ର କରି କଂଗ୍ରେସ ଆଗକୁ ଲଢ଼େଇ ଜାରି ରଖିବ ବୋଲି ନଗର କଂଗ୍ରେସ ସଭାପତି ସୁବ୍ରତ ନାଏକ କହିଛନ୍ତି ।

# ୩ ଜୁଆଆଡ୍ଡା ଉପରେ ଚଢାଉ

ବୁଗୁଡା, ୪ ।୧୦:(ମନ୍ଥନ)ବୁଗୁଡ଼ା ଥାନା ଅନ୍ତର୍ଗତ ନଗୁଡୁ, ଚିଲିଖମା ଓ ସଙ୍କୁରୁ ଆଦି ୩ଟି ଗ୍ରାମରେ ଚାଲିଥିବା ଜୁଆଖେଳ ଉପରେ ପୋଲିସ ଚଢାଉ କରି ମୋଟ ୧୩ ଜଣ ଜୁଆଡ଼ିଙ୍କୁ ଗିରଫ କରିବା ସହ ୪୧ ହଜାର ୧୮୦ ଟଙ୍କା, ଅନେକ ମୋବାଇଲ୍ ଓ ତାସକାଟା ଜବତ କରିଥିବା ଜଣାଯାଇଛି । ଗତ ଗୁରୁବାର ରାତିରେ ନଗୁଡୁ ଗ୍ରାମ ଛକରେ ଚାଲିଥିବା ଜୁଆଖେଳ ଉପରେ ଚଢାଉ କରି ୬ ଜଣ ଜୁଆଡ଼ିଙ୍କୁ ଗିରଫ କରିବା ସହ ୨୮,୪୮୦ ଟଙ୍କା, ୫ଟି ମୋବାଇଲ ଓ ୫ଟି ତାସକାଟା ଜବତ କରିଥିଲା ବେଳେ ଏନେଇ କେସ୍ ନଂ ୬୨୧/୨୫ରେ ଏକ ମାମଲା ରୁଜୁ ହୋଇଥିବା ଜଣାଯାଇଛି। ସେହିପରି ଶୁକ୍ରବାର ସକାଳେ ପୁଣି ଚିଲିଖମା ଗାଁର ଆଡୁଆ। ସାହିରେ ଚାଲିଥିବା ଜୁଆଆଡ୍ଡା ଉପରେ ପୋଲିସ ଚଢାଉ କରି ୩ ଜଣଙ୍କୁ ଗିରଫ ସହ ୫,୫୬୦ ଟଙ୍କା , ୨ଟି ମୋବାଇଲ ଓ ତାସକାଟା ଜବତ କରି କେସ୍ ନଂ ୬୨୨/୨୫ରେ ଏକ ମାମଲା ରୁଜୁ ହୋଇଥିବା ବେଳେ ସଙ୍କୁରୁ ଗ୍ରାମର ରୋଡସାହିରେ ଚାଲିଥିବା ଜୁଆଖେଳ ଉପରେ ଚଢାଉ କରି ୪ ଜଣ ଜୁଆଡ଼ିଙ୍କୁ ଗିରଫ ସହ ୭,୧୪୦ ଟଙ୍କା ଓ ତାସକାଟା ଜବତ ଘଟଣାରେ କେସ୍ ନଂ ୬୨୩/୨୫ ରେ ଏକ ମାମଲା ରୁଜୁ ହୋଇଥିବା ଜଣାପଡିଛି । ଉକ୍ତ ୩ଟି ଚଢାଉ କାର୍ଯ୍ୟ ଆଇଆଇସି ସୀତାଂଶୁ ଶେଖର ମାନ୍ଧାତାଙ୍କ ନେତୃତ୍ୱରେ ହୋଇଥିଲା ବେଳେ ଏଥିରେ ଏସ୍ଆଇ ବିନାୟକ ବିଧାର ଓ ଜ୍ୟୋତିଶ୍ରୀ ସାହୁ , ଏଏସ୍ଆଇ ସୁମନ୍ତ କୁମାର ବେହେରା, ରାଜକୁମାର ମହାପାତ୍ର ଓ ବାପୁଜୀ ଖଣ୍ଡଗିରିଙ୍କ ସମେତ ଅନ୍ୟ ପୋଲିସ କର୍ମଚାରୀମାନେ ସାମିଲ ଥିଲେ ।

# ସଭ୍ୟତାର ବିକାଶରେ ଅନୁବାଦର ଭୂମିକା ଗୁରୁତ୍ୱପୂର୍ଣ୍ଣ

ନୟାଗଡ,୪ ।୧୦:(ମନ୍ଥନ)ବିଭିନ୍ନ ଦେଶ, ସେମାନଙ୍କ ଭାଷା ଓ ସଂସ୍କୃତି ମଧ୍ୟରେ ସଂପର୍କ ସ୍ଥାପନ,ଭାବ ବିନିମୟ କରିବାର ସଶକ୍ତ ମାଧ୍ୟମ ହେଉଛି ଅନୁବାଦ । ଭାଷା ଭାଷା ମଧ୍ୟରେ ଥିବା ଦୂରତାକୁ ଦୂର କରି ଜ୍ଞାନ, ବିଜ୍ଞାନ, କଳା, ସାହିତ୍ୟ, ବାଣିଜ୍ୟ ସହ ମାନବୀୟ ସଂପର୍କ ଆଦିକୁ ଯୋଡ଼ିବା ଦିଗରେ ମଧ୍ୟ ଅନୁବାଦର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଭାରତ ଏକ ବହୁଭାଷୀ ଦେଶ । ଅନେକ ଭାଷା, ସାଂସ୍କୃତିକ ବିଭିନ୍ନତା , ରୀତି ନୀତିରେ ପାର୍ଥକ୍ୟ ଥିବା ସତ୍ତ୍ୱେ ଭାରତର ଐକ୍ୟ ସ୍ଥାପନା ଦିଗରେ ଅନ୍ୟତମ ମୁଖ୍ୟ ଆଧାର ମଧ୍ୟ ଅନୁବାଦ । ଅନ୍ତର୍ଜାତୀୟ ଅନୁବାଦ ଦିବସ ଅବସରରେ ଭାରତୀୟ ଅନୁବାଦ ସାହିତ୍ୟ ତରଫରୁ ଆୟୋଜିତ ହୋଇଥିବା ଅନଲାଇନ୍ କାର୍ଯ୍ୟକ୍ରମରେ ବିଭିନ୍ନ ରାଜ୍ୟରୁ ଯୋଗଦେଇଥିବା ପ୍ରସିଦ୍ଧ ଅନୁବାଦକ, ସାହିତ୍ୟିକମାନେ ଏହି ମତବ୍ୟକ୍ତ କରିଛନ୍ତି । ବରିଷ୍ଠ ଅନୁବାଦକ ମଧୁସୂଦନ ଦାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିବା ଏହି କାର୍ଯ୍ୟକ୍ରମକୁ ସଂଚାଳନ କରିଥିଲେ ଭାରତୀୟ ଅନୁବାଦ ସାହିତ୍ୟର ସଦସ୍ୟ ସନାତନ ମହାକୁଡ଼ ଓ ଜୟଶ୍ରୀ ଦୋରା । ଅନୁବାଦ ସାହିତ୍ୟର ଆଲୋଚକ ଭାବେ ପଞ୍ଜାବର ବରିଷ୍ଠ ସାହିତ୍ୟିକ ଜଗଦୀଶ ରାଇ କୁଲରିନ୍, ନାଗାଲାଣ୍ଡ ୟୁନିଭରସିଟିର ହିନ୍ଦୀ ବିଭିନ୍ନ ମୁଖ୍ୟ ପ୍ରଫେସର ମୁନ୍ନୀ ଚୈୟଧୁରୀ , ଶ୍ରୀ ଶ୍ରୀ ୟୁନିଭରସିଟି ଓଡ଼ିଶାର ଭାଷା-ସାହିତ୍ୟ ଏବଂ ଅନୁବାଦ ବିଭାଗର ନିର୍ଦ୍ଦେଶକ ଡ଼ ରିଣ୍ଟନ କୁଣ୍ଡୁ , ଜାତୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ତିରୁପତି ର ସାହିତ୍ୟ ତଥା ସଂସ୍କୃତି ବିଭାଗର ଡିନ୍ ପ୍ରଫେସର ସତ୍ୟନାରାୟଣ ଆଚାର୍ଯ୍ୟ, ସାହିତ୍ୟ ଏକାଡେମୀ ପୁରସ୍କାର ବିଜେତା କାଶ୍ମୀରର ଖ୍ୟାତନାମା ସାହିତ୍ୟିକ ମଜିଦ୍ ମଜଜୀ , ସରକାରୀ ପି ଜି ମହାବିଦ୍ୟାଳୟ ଆଲିଗଡ ଉତ୍ତର ପ୍ରଦେଶର ହିନ୍ଦୀ ବିଭାଗର ସହକାରୀ ପ୍ରାଧାପକ ଡ଼. ବିଜେନ୍ଦ୍ର ପ୍ରତାପ ସିଂହ ପ୍ରମୁଖ ଯୋଗଦେଇ ଅନୁବାଦ ସାହିତ୍ୟର ଭୂମିକା ଓ ସାଂପ୍ରତିକ ପରିପ୍ରେକ୍ଷିରେ ଏହାର ଆବଶ୍ୟକତା ଉପରେ ଆଲୋଚନା କରିଥିଲେ । ଭାରତୀୟ ଅନୁବାଦ ସାହିତ୍ୟର ପ୍ରତିଷ୍ଠାତା ସଂପାଦକ ଶରତ ଚନ୍ଦ୍ର ଆଚାର୍ଯ୍ୟ ସମସ୍ତଙ୍କୁ ସ୍ୱାଗତ କରିବା ସହ ଅନୁବାଦ ସାହିତ୍ୟ କ୍ଷେତ୍ରରେ ନିରନ୍ତର କାର୍ଯ୍ୟ କରିଆସୁଥିବା ଭାରତୀୟ ଅନୁବାଦ ସାହିତ୍ୟର ଆଭିମୁଖ୍ୟ ବିଷୟରେ ମତ ରଖିଥିଲେ । ଏହି କାର୍ଯ୍ୟକ୍ରମରେ ମହାରାଷ୍ଟ୍ର, କେରଳ, ଆସାମ,ଆନ୍ଧ୍ରପ୍ରଦେଶ, ପଶ୍ଚିମ ବଙ୍ଗ, ଓଡ଼ିଶା, ଅରୁଣାଚଳ ପ୍ରଦେଶ, ଉତ୍ତର ପ୍ରଦେଶ,ନାଗାଲାଣ୍ଡ ଆଦି ରାଜ୍ୟର ଅନୁବାଦକ ଏବଂ ଛାତ୍ର ଛାତ୍ରୀ ଉପସ୍ଥିତ ଥିବା ବେଳେ କାବ୍ୟ ପାଠ କରିଥିଲେ ସୋରେନ ସିଂ ଜିନା ୟୁନିଭରସିଟି , ଅଲମୋରା ଉତ୍ତରାଖଣ୍ଡର ଭାଷା ଗବେଷକ ଅଶୋକ କୁମାରୟ ଧନ୍ୟବାଦ ପ୍ରଦାନ କରିଥିଲେ ଆସାମର ବିଶିଷ୍ଟ ଅନୁବାଦିକା ଡ. ବର୍ଣ୍ଣାଳୀ ଡେକା ।

ଆଞ୍ଚଳିକ ମନ୍ଥନ

ରବିବାର,୫,ଅକ୍ଟୋବର,୨୦୨୫ Sunday,5 October 2025, Bhubaneswar





## ବଳଦେବସେନା ପକ୍ଷରୁ ରସାବଳି ଦିବସ ପାଳିତ

କେନ୍ଦ୍ରାପଡ଼ା,୪।୧୦:(ମନ୍ଥନ)କେନ୍ଦ୍ରାପଡ଼ାର ଆରାଧ୍ୟ ପ୍ରଭୁ ଶ୍ରୀ ଶ୍ରୀ ସିଦ୍ଧ ବଳଦେବଜୀଉଙ୍କ ପ୍ରିୟ ଭୋଗ ରସାବଳିକୁ ଜିଆଇ ମାନ୍ୟତା ପ୍ରଦାନ ପରେ ସମଗ୍ର ଦେଶରେ ରସାବଳିର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି ହୋଇଛି। ଏହାକୁ ସ୍ମରଣୀୟ କରି ରଖିବା ଉଦ୍ଦେଶ୍ୟରେ ଏହାର ଦୁଇବର୍ଷ ପୂର୍ତ୍ତି ଉପଲକ୍ଷେ ସିଦ୍ଧ ଶ୍ରୀବଳଦେବଜୀଉଙ୍କ ମନ୍ଦିର ସମ୍ମୁଖରେ ବଳଦେବ ସେନା ଶନିବାର ରସାବଳି ଦିବସ ପାଳନ କରିଥିଲା। ସେନା ପକ୍ଷରୁ ଏକଶହ ପାଞ୍ଚ ଯାତ୍ରୀ, ଭକ୍ତ ଓ ସେବାୟତଙ୍କୁ ମୁକ୍ତ ହସ୍ତରେ ରସାବଳି ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସେନାର ସଭାପତି ପପୁନ କୁମାର ସ୍ୱାଇଁ, ସଂପାଦକ ଅମର କୁମାର ବାରିକ, ଉପଦେଷ୍ଟା ନିରଞ୍ଜନ ମେକାପ, ଜ୍ୟୋତିରଞ୍ଜନ ପତ୍ରୀ, ଶ୍ରୀକାନ୍ତ ଜେନା, ଆଶିଷ ପ୍ରଧାନ, ଆଶୁତୋଷ ପଣ୍ଡା, ହିମାଂଶୁ ରାଉତ, ଅନିଶ ସୁତାର, ଉମେଶ ବେହେରା, ପଦ୍ମଲୋଚନ ସାହୁ, ଗଣେଶ ଗୋଛାୟାତ, ଚନ୍ଦନ ସ୍ୱାଇଁ, ଗିରିଜା ଦାସ, ବିଶ୍ୱନାଥ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ଜଗନ୍ନାଥପୁର ଦକ୍ଷତା ବିକାଶ କେନ୍ଦ୍ର ରେ ସ୍ୱଚ୍ଛତା ଅଭିଯାନ

ତିର୍ତ୍ତୋଲ,୪।୧୦:(ମନ୍ଥନ)ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ଅନ୍ତର୍ଗତ ଜଗନ୍ନାଥପୁର ଦକ୍ଷତା ବିକାଶ କେନ୍ଦ୍ର ରେ ଓଡିଶା ସ୍କିଲ ଡେଭଲପମେଣ୍ଟ ଅର୍ଥରିଟି ଦ୍ୱାରା ଅନୁବନ୍ଧିତ ଓ କିଉଭାନ୍ ସ୍କିଲ୍ ଏମ୍ପାଓର ମେଣ୍ଟ ପ୍ରାଇଭେଟ୍ ଲିମିଟେଡ଼ ଦ୍ୱାରା ପରିଚାଳିତ ଦକ୍ଷତା ବିକାଶ କେନ୍ଦ୍ରରେ ଏକ ସ୍ୱଚ୍ଛ ଭାରତ ଅଭିଯାନ ଅନୁଷ୍ଠିତ ହୋଇଯାଇଅଛି । ଏହି ଅବସରରେ ଦକ୍ଷତା ବିକାଶ କେନ୍ଦ୍ର ପରିବେଶ କୁ ସଫା ସୁତୁରା କରିବା ସହିତ ଏହାର ଚତୁଃପାର୍ଶ୍ୱରେ ପଡିଥିବା ଅଳିଅ। ଆବର୍ଜନାରୁ ମଧ୍ୟ ସଫା କରାଯାଇଥିଲା। ଏଥିରେ ସ୍ଥାନୀୟ ସରପଞ୍ଚ ସୁଶାନ୍ତ କୁମାର ନାୟକ,କିଉଭାନ୍ ସ୍କିଲ୍ ର ଜିଲ୍ଲା ସଂଯୋଜକ ପ୍ରଦିପ କୁମାର ଲେଙ୍କା,ଶିକ୍ଷୟିତ୍ରୀ ଶଶୀ ମଲ୍ଲିକ, କେନ୍ଦ୍ର ପରିଚାଳକ ଶୁଭ୍ରାଂଶୁ ପଶାୟତ,ଭାନୁ ଶଙ୍କର ରାଉତରାୟ, ପ୍ରଭାତ କୁମାର ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ । ଏଥିରେ କେନ୍ଦ୍ର ର ସମସ୍ତ କର୍ମଚାରୀ ଓ ଛାତ୍ରୀମାନେ ମଧ୍ୟ ଉପସ୍ଥିତ ଥିଲେ। ସ୍ୱଚ୍ଛ ହିଁ ସେବା ବାର୍ତ୍ତା ନେଇ ସମସ୍ତେ ଏଥିରେ ସାମିଲ ହୋଇ ପରିବେଶ କୁ ସଫା ସୁତୁରା କରିଥିଲେ ।

## ସାପ କାମୁଡ଼ାରେ ଚିକିତ୍ସାଧିନ ଯୁବକଙ୍କ ମୃତ

କୁକୁଡ଼ାଖଣ୍ଡି,୪।୧୦:(ମନ୍ଥନ)ସଦର ଥାନା ଅନ୍ତର୍ଗତ ମସିହାଖାଲି ପଂଚାୟତ ଅଧିନ ଯଦୁନାଥପଲ୍ଲୀ ଗ୍ରାମର ସନ୍ତୋଷ ଦାସଙ୍କୁ ଏକ ବିଷାକ୍ତ ସାପ କାମୁଡି ଦେଇଥିଲା । ଚିକିତ୍ସାଧିନ ଅବସ୍ଥାରେ ତାର ମୃତ୍ୟୁ ଘଟିଥିବା ଜଣାପଡ଼ିଛି । ସୂଚନା ପ୍ରକାରେ ଗତ ୨୭ ତାରିଖରେ ସନ୍ତୋଷ ଦାସ ନିଜ ଘରେ ଶୋଇଥିବା ବେଳେ ମଧ୍ୟ ରାତ୍ରରେ ଏକ ବିଷାକ୍ତ ସାପ କାମୁଡ଼ି ଦେଇଥିଲେ । ଫଳରେ ତାଙ୍କୁ ଗୁରୁତର ଅବସ୍ଥାରେ ଚିକିତ୍ସା ନିମନ୍ତେ ବ୍ରହ୍ମପୁର ବଡ଼ମେଡ଼ିକାଲରେ ଭର୍ତ୍ତି କରିଥିଲେ । ତେବେ ଚିକିତ୍ସାଧିନ ଅବସ୍ଥାରେ ଗତ ୨ ତାରିଖ ସକାଳେ ଚିକିତ୍ସାଧିନ ଅବସ୍ଥାରେ ସନ୍ତୋଷର ମୃତ୍ୟୁ ଘଟିଥିବା ଜଣାପଡ଼ିଛି । ଖବର ପାଇ ସଦର ପୁଲିସ ମେଡ଼ିକାଲରେ ପହଂଚି ଶବକୁ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବକୁ ବ୍ୟବଚ୍ଛେଦ ନିମନ୍ତେ ପଠାଇ ଘଟଣାର ତଦନ୍ତ ଚଳାଇଥିବା ଥାନା ଅଧିକାରୀ ରାମସୁବ୍ରମଣ୍ୟମ ପ୍ରଧାନ ସୂଚନା ଦେଇଛନ୍ତି । ଖବର ସ୍ଥାନୀୟ ସରପଂଚ କାପଲ ବୁଲୁ, ସମାଜସେବୀ ରବିନ୍ଦ୍ର ମହାରଣା ମୃତକଙ୍କ ଘରେ ପହଂଚି ସରକାରୀ ସହାୟତ ପ୍ରଦାନ କରିଥିବାଜଣାପଡ଼ିଛି । ସନ୍ତୋଷ ଜଣେ ଦିନ ମଜୁରିଅ। ହୋଇଥିବା ସହ ସେ ଜଣେ ଅତ୍ୟନ୍ତ ଗରିବ ଶ୍ରେଣୀର । ତେଣୁ ତାଙ୍କୁ ସରକାରୀ ସହାୟତା ପ୍ରଦାନ କରିବା ନିମନ୍ତେ ଗ୍ରାମବାସୀ ପ୍ରଶାସନ ନିକଟରେ ଅନୁରୋଧ କରିଥିବା ଜଣାପଡ଼ିଛି ।

## ଶିବାନନ୍ଦ ଆଶ୍ରମରେ ଶାରଦୀୟ ନବରାତ୍ରରେ କୁମାରୀ ପୂଜା

କେନ୍ଦ୍ରାପଡା,୪।୧୦:(ମନ୍ଥନ)ଗରାପୁରସ୍ଥିତ ଶିବାନନ୍ଦ ଆଶ୍ରମରେ ଅଧ୍ୟକ୍ଷା ଶ୍ରୀମା ସ୍ୱାମୀ ଦିବ୍ୟସ୍ୱରୂପାନନ୍ଦ ସରସ୍ୱତୀଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଶାରଦୀୟ ନବରାତ୍ର ପାଳନ ସପ୍ତସତୀ ପାରାୟଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସାରା ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ନିମନ୍ତେ ନବଦିନ ବ୍ୟାପୀ ଚଣ୍ଡି ପଠନ, ହବନ, ଜପ ଓ ପାରାୟଣ ପ୍ରଭୃତି କରାଯାଇଛି। ଏଥିସହିତ ବିଶ୍ୱବାସୀଙ୍କ ଉଦ୍ଦେଶ୍ୟରେ ଶ୍ରୀମା ଅନ୍ନ ତ୍ୟାଗ କରି ବ୍ରତ କରିବା ସହ ନିଜର ଜୀବନକୁ ସମାଜର ମଙ୍ଗଳ ପାଇଁ ଉତ୍ସର୍ଗ କରିଛନ୍ତି। ଏହାବ୍ୟତିତ ନବକନ୍ୟା ପୂଜନ ବା କୁମାରୀ ପୂଜା ମଧ୍ୟ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଅନୁଷ୍ଠିତ ଉତ୍ସବରେ ରୀତାଞ୍ଜଳି ନାଥ, ଦ୍ରୌପଦୀ ରାଉତ, ପୁନମ ନାୟକ, ମନୋରଞ୍ଜନ ତ୍ରିପାଠୀ, ଶ୍ରୀଧର ମହାନ୍ତି, ସମ୍ପାଦକ ଶରତ ଚନ୍ଦ୍ର ପାତ୍ର, ଉପାଧ୍ୟକ୍ଷ ଡକ୍ଟର କାଳି ପ୍ରସନ୍ନ ଶତପଥୀ ପ୍ରମୁଖ ଯୋଗଦେଇଥିଲେ। ବିଶ୍ୱ କଲ୍ୟାଣ ପାଇଁ ଏବଂ ସଂସାରର ଦୁଃଖ ଦୁର୍ଦ୍ଦଶା ଦୂର ପାଇଁ ଶ୍ରୀମା’ କୁମାରୀ କନ୍ୟାମାନଙ୍କୁ ବିଧି ପୂର୍ବକ ପୂଜାର୍ଚ୍ଚନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ବ୍ରହ୍ମଚାରୀ ନୃସିଂହ ନାଥ ପରିଚାଳନା କରିଥିଲେ।

## ସାର୍ବଜନୀନ ଦୁର୍ଗାପୂଜା ମହାସମାରୋହରେ ପାଳିତ

ଜଳେଶ୍ୱର,୪।୧୦:(ମନ୍ଥନ)ଜଳେଶ୍ୱର ସହରର ନୂଆବଜାର ଠାରେ ପ୍ରଥମ ବର୍ଷରେ ଅନୁଷ୍ଠିତ ହୋଇଥିବା ସାର୍ବଜନୀନ ଦୁର୍ଗାପୂଜା ସମାଜସେବୀ ହରିଶ୍ଚନ୍ଦ୍ର ମହାପାତ୍ରଙ୍କ ନେତୃତ୍ୱରେ ଗତ ତା୨୮/୦୯/୨୦୨୫ ରିଖ ବେଲବରଣ ଠାରୁ ଆରମ୍ଭ ହୋଇ ସପ୍ତମୀରେ ଘଟ ଉତ୍ତୋଳନ ସହିତ ମା ଦୁର୍ଗାଙ୍କର ଯଥାବିଧି ପୂଜାର୍ଚ୍ଚନା ସହିତ ସଂପନ୍ନ ହୋଇଯାଇଛି । ସନ୍ଧ୍ୟାରେ ଜଳେଶ୍ୱର ତହସିଲଦାର ସତ୍ୟଜିତ ମହାନ୍ତିଙ୍କ ଦ୍ୱାରା ସାଂସ୍କୃତିକ ମଞ୍ଚ ଅନୁଷ୍ଠାନିକ ଭାବରେ ଉଦ୍‌ଘାଟିତ ହୋଇ ଭାରତୀୟ ସରକାରଙ୍କର ସଂସ୍କୃତି ମନ୍ତ୍ରଣାଳୟ ଓ ଓଡିଶା ସରକାରଙ୍କର ସଂସ୍କୃତି ବିଭାଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଉକ୍ତ ଅବସରରେ ଆୟୋଜିତ ସାଂସ୍କୃତିକ ସଭାରେ ମୁଖ୍ୟବକ୍ତା ଭାବରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ଅଧିବକ୍ତା ରାମଚନ୍ଦ୍ର ଜେନା ଏବଂ ସମାଜସେବୀ ସତ୍ୟ ନାରାୟଣ ଦାସ ଯୋଗ ଦେଇ ମା ଦୁର୍ଗା ଦେବୀଙ୍କର ପୂଜାର୍ଚ୍ଚନା ସମ୍ପର୍କୀତ ପୌରାଣିକ ତଥ୍ୟ ମାନ ଉପସ୍ଥାପିତ କରିଥିଲେ । ମହାଅଷ୍ଟମୀ ଦିନ ସନ୍ଧ୍ୟାରେ ଆୟୋଜିତ ସାଂସ୍କୃତିକ ସଭାରେ ପୂଜା କମିଟିର ବରିଷ୍ଠ ସଦସ୍ୟ କମଳ ଚକ୍ରବର୍ତ୍ତୀ ସଭାପତିତ୍ୱ କରିଥିଲାବେଳେ ମୁଖ୍ୟ ଅତିଥି ଭାବରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ,ବିଜେପିର ଉତ୍ତର ବାଲେଶ୍ୱର ଜିଲ୍ଲା ସଭାପତି ପ୍ରଦୀପ କୁମାର ପଣ୍ଡା, ବିଜେପି ନେତା ବ୍ରଜ ମୋହନ ପ୍ରଧାନ



ପ୍ରମୁଖ ଯୋଗ ଦେଇ ଭାରତ ଏବଂ ଓଡିଶା ସରକାରଙ୍କର ଜନହିତ କାରୀ ଯୋଜନା ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରିବା ସହିତ ସାଂସଦ ଶ୍ରୀ ଷଡ଼ଙ୍ଗୀ ବିଦେଶୀ ଦ୍ରବ୍ୟକୁ ବର୍ଜନ କରି ସ୍ୱଦେଶୀ ଦ୍ରବ୍ୟକୁ ଆପଣେଇବା ପାଇଁ ସମସ୍ତଙ୍କୁ ଶପଥ ପାଠ କରାଇଥିଲେ । ପୂଜା କମିଟିର ବରିଷ୍ଠ ସଦସ୍ୟ ଅଶୋକ ଦାସ ପୁରୀ ଶ୍ରୀ ଜଗନ୍ନାଥଙ୍କର ଅଙ୍ଗ ଲାଗି ଖଣ୍ଡୁଆ। ପାଟ ଦେଇ ସାଂସଦ ଏବଂ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ବିଜେପି ନଗର ସଭାପତି ତଥା କାଉନସିଲର ଶିବ ନାରାୟଣ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଅନୁରୂପ ଭାବରେ ମହାନବମୀ ଦିନ ଜାତୀୟ ରକ୍ତଦାନ ଦିବସ ଅବସରରେ ଜାତୀୟ ରାଜପଥ ପ୍ରାଧୀକରଣ ଷାଠିଏ ପକ୍ଷରୁ ମେଳା କମିଟି ସହଯୋଗରେ ଏକ ରକ୍ତଦାନ ଶିବିର ଏବଂ ରକ୍ତଦାନ ସମ୍ପର୍କୀତ ଏକ ସଚେତନତା ସଭା ଜଳେଶ୍ୱର ବ୍ଲକର ରକ୍ତ ଦାତା ସଂଘର ସଭାପତି ଡ଼ଃ ଅଜିତ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲା ରକ୍ତଦାତା ସଂଘର ସଭାପତି କମଳ ଚକ୍ରବର୍ତ୍ତୀ, ଉପସଭାପତି ପରିବେଶବିତ୍ ସୁମନ୍ତ କୁମାର ଜେନା, ସାଧାରଣ ସମ୍ପାଦକ ଡ଼ଃ ଇ ହୃଷିକେଶ ସାହୁ ରକ୍ତଦାନର ଆବଶ୍ୟକତା ଏବଂ ଯୁବପିଢି ମାନେ ରକ୍ତଦାନ ଆନ୍ଦୋଳନରେ ଅଧିକରୁ ଅଧିକ ଯୋଗଦାନ କରି ରକ୍ତର ଚାହିଦା ପୂରଣ କରିବା ସହିତ ଜୀବନ ରକ୍ଷା କରିବାକୁ ଆହ୍ୱାନ ଦେଇଥିଲେ। ସାଙ୍ଗଠନିକ ସମ୍ପାଦକ ମନୋରଞ୍ଜନ ଦାସ ମଞ୍ଚ ଆହ୍ୱାନ କରିଥିବା ବେଳେ ଉପସଭାପତି ଲକ୍ଷ୍ମୀଧର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ଜିଲ୍ଲା ସଙ୍ଘର ବରିଷ୍ଠ ଉପଦେଷ୍ଟା ତଥା ସୁପରପେଟ୍ରନ ମେମ୍ବର ପଦ୍ମଲୋଚନ ଦତ୍ତଙ୍କୁ ମାନପତ୍ର ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ବିଜୟା ଦଶମୀ ଅବସରରେ ଆୟୋଜିତ ସାଂସ୍କୃତିକ ସଭା ଅଶୋକ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବରେ ଜଳେଶ୍ୱରର ବରିଷ୍ଠ ନାଗରିକ ତଥା ୧୯୬୭ ମସିହାରେ ତତ୍କାଳୀନ ବାଲିଘାଇ ବଜାର ନୂଆବଜାରରେ ପ୍ରଥମ କରି ଆରମ୍ଭ ହୋଇଥିବା ପୂଜାର ସମ୍ପାଦକ ଉପସ୍ଥିତ ରହି ଯୁବପିଢି ମାନେ ଦେବୀ ଦୁର୍ଗାଙ୍କ ଆରାଧନା ସହିତ ସାମାଜିକ କାର୍ଯ୍ୟକ୍ରମରେ ଯୋଡ଼ି ହେବାପାଇଁ ଅନୁରୋଧ କରିଥିଲେ । ଏହି ଅବସରରେ ମେଳା କମିଟିର ଅନ୍ୟତମ ସଦସ୍ୟ ରାକେଶ ବାରିକ ଓ ଆକାଶ ଦାସ ଏବଂମୁଖ୍ୟ ଅତିଥିଙ୍କୁ ମେଳା କମିଟିର ଆବାହକ ହରିଶ୍ଚନ୍ଦ୍ର ମହାପାତ୍ରଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଉକ୍ତ ପଞ୍ଚଦିବସୀୟ ଶାରଦୀୟ ପୂଜାକୁ ମୁଖ୍ୟ ପୂଜକ ଅକ୍ଷୟ କୁମାର ମିଶ୍ର,ଫାଲଗୁନୀ ପାଣିଗ୍ରାହୀ, ଚିନ୍ମୟ ମହାପାତ୍ର, ତୋଫାନ ଆଚାର୍ଯ୍ୟ ପ୍ରମୁଖ ଆରାଧନା କରିଥିଲେ ।

## ଗାନ୍ଧୀ ଜୟନ୍ତୀରେ ନିଶାମୁକ୍ତ ସମାଜର ଶପଥ

କେନ୍ଦ୍ରାପଡ଼ା,୪।୧୦:(ମନ୍ଥନ)ଗାନ୍ଧୀ ଜୟନ୍ତୀ ଅବସରରେ କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ଶ୍ୟାମସୁନ୍ଦରପୁର ଗ୍ରାମପଞ୍ଚାୟତର ଗୁଣ୍ଡୁଚିବଟ ପରିସରରେ ନିଶା ନିବାରଣ ଅଭିଯାନର ଏକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଭାପତି ଦ୍ରୌପଦୀ ରାଉତଙ୍କ ପରିଚାଳନାରେ ଆୟୋଜିତ ଉକ୍ତ ସଭାରେ ଜିଲ୍ଲା ସମ୍ପାଦକ ଆଦିକନ୍ଦ ରାଉଳ ମୁଖ୍ୟ ଅତିଥି ଓ ପୂର୍ବତନ ସରପଞ୍ଚ ଚିତ୍ତରଞ୍ଜନ ଦାସ ସମ୍ମାନିତ ଅତିଥି ରୂପେ ଯୋଗଦେଇ ଗାନ୍ଧିଜୀଙ୍କ ସ୍ୱପ୍ନର ଭାରତବର୍ଷ ଗଠନ କରିବା ପାଇଁ ନିଶା ମୁକ୍ତ ସମାଜର ଆବଶ୍ୟକତା ସମ୍ପର୍କରେ ଆଲୋଚନା କରିଥିଲେ। ଏଥିସହିତ ରାଜ୍ୟ ସରକାର ବନ୍ଦ ପଡ଼ିଥିବା ୭୦ ଟି ମଦ ଦୋକାନକୁ ପୁଣି ଖୋଲିବା ଓ ୩ ଟି ନୂଆ ମଦ ଭାଟି ପ୍ରତିଷ୍ଠା କରିବା ପାଇଁ ନିକଟରେ ନେଇଥିବା ସମାଜ ବିରୋଧୀ ନିଷ୍ପତ୍ତିକୁ ତୁରନ୍ତ ପ୍ରତ୍ୟାହାର କରିବା ସହିତ ସରକାର ଲୋକଙ୍କୁ ଭୁଆଁ ବୁଲେଇବା ଛାଡ଼ି ତାଙ୍କର ନିର୍ବାଚନ କାଳୀନ ପ୍ରତିଶ୍ରୁତି ଅନୁଯାୟୀ ଯଥାଶୀଘ୍ର ନିଶା ନିବାରଣ ଆଇନକୁ କାର୍ଯ୍ୟକାରୀ କରିବା ପାଇଁ ଦାବି କରିଥିଲେ। ଅମରେନ୍ଦ୍ର କୁମାର ଦାସ ପ୍ରାରମ୍ଭିକ ସୂଚନା ଦେଇଥିବା ବେଳେ ସ୍ନେହଲତା ରାଉତ ଧନ୍ୟବାଦ ପ୍ରଦାନ କରିଥିଲେ। ଏଥିରେ ରାଜେଶ ସ୍ୱାଇଁ, ଲୋପାମୁଦ୍ରା ସାହୁ, ଯମୁନା ରାଉତ, ସୁଷମା ସାମଲ, ରିନାବାଳା ନାୟକ ପ୍ରମୁଖ ଶତାଧିକ ମହିଳା ଆଲୋଚନାରେ ଅଂଶଗ୍ରହଣ କରି ଏକ ନିଶାମୁକ୍ତ ସମାଜ ଗଠନ ପାଇଁ ଶପଥ ନେଇଥିଲେ।

## ୬୭ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ ପକ୍ଷରୁ ସୋନମ୍ ୱାଙ୍ଗଚୁକ୍‌ଙ୍କ ମୁକ୍ତି ଦାବି

କେନ୍ଦ୍ରାପଡ଼ା,୪।୧୦:(ମନ୍ଥନ)ଦେଶର ମୁକ୍ତି ସଂଗ୍ରାମର ମହାନାୟକ ଗାନ୍ଧିଜୀଙ୍କ ୧୫୭ ତମ ଜୟନ୍ତୀ ଅବସରରେ ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ କେନ୍ଦ୍ରାପଡ଼ା ଜିଲ୍ଲା କମିଟି ପକ୍ଷରୁ ଶିକ୍ଷା, ସଂସ୍କୃତି ଓ ପରିବେଶ ସୁରକ୍ଷାର ବିଶିଷ୍ଟ ରୂପକାର ତଥା ଲଦାଖର ସ୍ୱାୟତ୍ତତା ନିମନ୍ତେ ଗାନ୍ଧୀ ପ୍ରଦର୍ଶିତ ମାର୍ଗରେ ଅନଶନ ଆନ୍ଦୋଳନରେ ଥାଇ ବାହାରେ ହିଂସା ହେବା ମାତ୍ରେ ଶାନ୍ତି ରକ୍ଷା ପାଇଁ ନିବେଦନ କରିଥିବା ସୋନମ୍ ୱାଙ୍ଗଚୁକ୍‌ଙ୍କୁ ଜାତୀୟ ସୁରକ୍ଷା ଆଇନରେ ଗିରଫଦାରୀକୁ ନିନ୍ଦା କରାଯିବା ସହ ତାଙ୍କର ତୁରନ୍ତ ମୁକ୍ତି ଦାବି କରାଯାଇଛି। ସଂଗଠନ ପକ୍ଷରୁ ଗରାପୁର ସ୍ଥିତ ଗାନ୍ଧିଜୀଙ୍କ ପୂର୍ଣ୍ଣାବୟାବରେ ମାଲ୍ୟାର୍ପଣ କରାଯିବା ପରେ ଗାନ୍ଧୀ ସ୍ମୃତି ଭବନ ପରିସରରେ ଏହି ଉପଲକ୍ଷେ ଏକ ଆଲୋଚନା ସଭାର ଆୟୋଜନ କରାଯାଇଥିଲା। ସଂଗଠନର ସଭାପତି ପ୍ରାଧ୍ୟାପକ ନନ୍ଦକିଶୋର ପରିଡାଙ୍କ ପରିଚାଳନାରେ ଆୟୋଜିତ ସଭାରେ ସମ୍ପାଦକ ଆଦିକନ୍ଦ ରାଉଳ



ଆଲୋଚନାର ପ୍ରାକ୍ ସୂଚନା ପ୍ରଦାନ କରିବା ପରେ ସ୍ୱାଧୀନତା ସଂଗ୍ରାମୀ ରାଜ୍ୟ ସଂଘର ସଭାପତି ବିଦ୍ୟାଧର ମୁଦୁଲି, ସାହିତ୍ୟିକ ଡ. ବାସୁଦେବ ଦାସ, ସର୍ବୋଦୟ ମଣ୍ଡଳ ଜିଲ୍ଲା ସମ୍ପାଦକ ପଦ୍ମନାଭ ଦାସ, ରାଜ୍ୟ କମିଟି ସଭ୍ୟ ମହେନ୍ଦ୍ର ପଟ୍ଟନାୟକ, ଅଜୟ ସାମଲ, ପୂର୍ବତନ ନଗରପାଳ ଧୀରେନ୍ ସାହୁ, ଡ. ଚୈତନ୍ୟ ଚରଣ ପରିଡା, ମୁକ୍ତାର ଖାଁ, ଭାଗୀରଥି ଜେନା, ଗୟାଧର ଧଳ, ଶ୍ରମିକ ନେତା ଜଗଜ୍ଜୀବନ ଦାଶ, ଗାନ୍ଧୀ ସର୍ବୋଦୟ କର୍ମୀ ଅଭିମନ୍ୟୁ ରାଉତ, ଅଭିନେତା ତୁଷାର ଘୋଷ, ନିରୂପମା ରାଉତ, ସୁଦର୍ଶନ ମହାପାତ୍ର, ଗଦାଧର ନାୟକ ପ୍ରମୁଖ ରାଷ୍ଟ୍ରପିତା ଗାନ୍ଧିଜୀ ଓ ଶାନ୍ତି ଦୂତ ଶାସ୍ତ୍ରିଜୀଙ୍କ ଦେଶର ଗଣତାନ୍ତ୍ରିକ ବିଧି ବ୍ୟବସ୍ଥାକୁ ସୁଦୃଢ଼ କରିବାରେ ଅବଦାନ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ।

## ତୁଳସୀକ୍ଷେତ୍ର ମହୋତ୍ସବ ପାଇଁ ସଂସ୍କୃତି ବିଭାଗ ନିର୍ଦ୍ଦେଶକଙ୍କୁ ଦାବିପତ୍ର

କେନ୍ଦ୍ରାପଡ଼ା,୪।୧୦:(ମନ୍ଥନ)କେନ୍ଦ୍ରାପଡା ଜିଲ୍ଲା ତୁଳସୀକ୍ଷେତ୍ର ମହୋତ୍ସବ ନିମନ୍ତେ ସରକାରୀ ଆର୍ଥିକ ସହାୟତା ଯୋଗାଇ ଦେବାକୁ ତୁଳସୀକ୍ଷେତ୍ର କଳାକାର ସଙ୍ଘ ପକ୍ଷରୁ ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି। ସେହି ଦାବିପତ୍ରରେ ଉଲ୍ଲେଖ ରହିଛି ଯେ ଆସନ୍ତା ନଭେମ୍ବର ମାସ ୭,୮ ଓ ୯ତାରିଖ ତିନିଦିନ ଧରି କେନ୍ଦ୍ରାପଡ଼ା ଜିଲ୍ଲା ତୁଳସୀକ୍ଷେତ୍ର ମହୋତ୍ସବ ଅନୁଷ୍ଠିତ ହେବ। ଜିଲ୍ଲାର ସବୁ ବର୍ଗର କଳାକାର ମାନଙ୍କୁ ନେଇ ତୁଳସୀ କ୍ଷେତ୍ର କଳାକାର ସଂଘ ଏହି ମହୋତ୍ସବ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରିଛି। ଏହି ମହୋତ୍ସବରେ ପାଲା, ଦାସକାଠିଆ, ଘୋଡ଼ାନାଚ, ସଂକୀର୍ତ୍ତନ, କେନ୍ଦରା, ଶ୍ରୀରାମ ଲୀଳା, ଗୀତିନାଟ୍ୟ ତୁଳସୀ ବିବାହ, ଭଜନ, ଘଣ୍ଟନୃତ୍ୟ, ଓଡିଶୀ ନୃତ୍ୟ ଓ ମୃଦଙ୍ଗ ବାଦ୍ୟ ପରିବେଷଣ କରାଯିବା ସହିତ ବରିଷ୍ଠ କଳାକାରମାନଙ୍କୁ ସମ୍ବର୍ଦ୍ଧିତ କରାଯିବାକୁ ସ୍ଥିର କରାଯାଇଛି। ତେଣୁ ତୁଳସୀକ୍ଷେତ୍ର ମହୋତ୍ସବ ନିମନ୍ତେ ଆବଶ୍ୟକ ଆର୍ଥିକ ସହାୟତା ଯୋଗାଇ ଦେବାପାଇଁ କେନ୍ଦ୍ରାପଡ଼ା ତୁଳସୀ କ୍ଷେତ୍ର କଳାକାର ସଂଘ ପକ୍ଷରୁ ସଭାପତି ଗଗନବିହାରୀ ସିଂହ, ସମ୍ପାଦକ ବିଧୁଭୂଷଣ ତ୍ରିପାଠୀ, ସାଂସ୍କୃତିକ ସମ୍ପାଦକ ବାବାଜୀ ପଟ୍ଟନାୟକ, ନିରଞ୍ଜନ ପାତ୍ର, ଉପଦେଷ୍ଟା କେଦାର ସାମନ୍ତରାୟ ପ୍ରମୁଖ କଳାକାରମାନେ ଜିଲ୍ଲାପାଳଙ୍କୁ ସଂସ୍କୃତି ନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଏଥିସହିତ ସେମାନେ ଜିଲ୍ଲା ସଂସ୍କୃତି ଅଧିକାରୀଙ୍କୁ ମଧ୍ୟ ଭେଟି ଦାବିପତ୍ର ପ୍ରଦାନ କରିଥିବା ସୂଚନା ଦେଇଛନ୍ତି।

## ଜିଲ୍ଲା ବିଜେଡିର ସାମ୍ବାଦିକ ସମ୍ମିଳନୀ ଓ ଜିଲ୍ଲା ସଂଯୋଜକଙ୍କୁ ସମ୍ବର୍ଦ୍ଧନା

ବ୍ରହ୍ମପୁର,୪।୧୦:(ମନ୍ଥନ)ସ୍ଥାନୀୟ ଗଜପତି ନଗର ପ୍ରଥମ ଗଳି ସ୍ଥିତ ବିଜୁ ଜନତା ଦଳର, ଜିଲ୍ଲା କାର୍ଯ୍ୟାଳୟ ଠାରେ ଶନିବାର ସନ୍ଧ୍ୟା ସମୟରେ ଏକ ସାମ୍ବାଦିକ ସମ୍ମିଳନୀ ଓ ନୂତନ ରୂପେ ଜିଲ୍ଲାର ଆଇଟି ଓ ସୋସିଆଲ ମିଡ଼ିଆ ସଂଯୋଜକ ରୂପେ ମନୋନୀତ ହୋଇଥିବା ନେତା ମାନଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।ଜିଲ୍ଲା ସଭାପତି ଶ୍ରୀ ବିକ୍ରମ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ଛତ୍ରପୁର ବିଧାୟକ ଏବଂ ଚିକିଟି ନିର୍ବାଚନ ମଣ୍ଡଳୀ ବିଧାୟକ ପ୍ରାର୍ଥୀ ପ୍ରମୁଖ ଉପସ୍ଥିତ ରହି ସୂଚନା ଦେଇଛନ୍ତି ଯେ, ରାଜ୍ୟରେ ଭାରତୀୟ ଜନତା ପାର୍ଟି ସରକାରୀ ଆସିବା ପରେ ଓଡିଶାବାସୀଙ୍କୁ କେବଳ ମିଠା ମିଠା କଥା କହି ଠକିବା ସହ ଜନ ସାଧାରଣଙ୍କୁ ଆଶା ଦେଖାଇ ରଖିଛି । ସରକାର ଗଠନ ହେବାର ଦୀର୍ଘ ଦେଢ଼ ବର୍ଷ ବିତି ଯାଇଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ଓଡ଼ିଶାବାସୀଙ୍କ ପାଇଁ କୌଣସି ପ୍ରକାର ଆଖି ଦୃଷ୍ଟିଆ ଉନ୍ନତି ମୂଳକ କାର୍ଯ୍ୟ ହୋଇନାହିଁ । ସେହିପରି ଗତ କିଛି ଦିନ ମଧ୍ୟରେ ରାଜ୍ୟର ଚାଷୀ ମାନଙ୍କୁ ସୁଚାରୁ ରୂପେ ଚାଷ କରିବା ଦିଗରେ ବି ଏହି ସରକାର ପର୍ଯ୍ୟାପ୍ତ ପରିମାଣର ସାର ପ୍ରଦାନ କରିବା ପାଇଁ ଏହି ସରକାର ସକ୍ଷମ ନୁହେଁ ବୋଲି ଜିଲ୍ଲା ସଭାପତି ଶ୍ରୀ ପଣ୍ଡା କଟାକ୍ଷ କହିଛନ୍ତି । ଏଥରେ ଆହୁରି କୁହାଯାଇଛି ଯେ, କୃଷି ଓ ଚାଷୀ ମାନଙ୍କ ପାଇଁ ଅତ୍ୟାବଶ୍ୟକ ରହିଥିବା ସାର ଯାହାର ନିର୍ଦ୍ଧିଷ୍ଟ ମୂଲ୍ୟ ୨ଶହ ଟଙ୍କାର ରହିଥିବା ବେଳେ, ଉକ୍ତ ସାରକୁ କଳା ବଜାରରେ ୮ ଶହରୁ ୧ ହଜାର ଟଙ୍କା ଲେଖାଏଁ ଶାସକ ଦଳର ଦଲାଲ ମାନେ ଚାଷୀଙ୍କ ପାଇଁ ଉଦ୍ଦିଷ୍ଟ ସାରକୁ ବାଟ ମାରଣା କରି ବିକ୍ରି କରୁଥିବା ଅଭିଯୋଗ କରିଛନ୍ତି । ଅନ୍ୟପକ୍ଷରେ ଚିକିଟି ନିର୍ବାଚନ ମଣ୍ଡଳୀ ବିଧାୟକ ପ୍ରାର୍ଥୀ ଚିନ୍ମୟନନ୍ଦ ଶ୍ରୀରୂପ ଦେବ କହିଛନ୍ତି ଯେ, ବହୁଦା ନଦୀରେ ବୁଡି ଭାସି ଯାଇଥିବା ଘଟଣା ଏକ ହତ୍ୟା ସଦୃଶ ବୋଲି ଅଭିଯୋଗ କରିଛନ୍ତି । କାରଣ ସେଠାରେ ଜୀବନ ସୁରକ୍ଷା ପାଇଁ ସୁରକ୍ଷା ବ୍ୟବସ୍ଥା ନଥିବା ସହ କୌଣସି ସୁରକ୍ଷା କର୍ମୀ ମୁତୟନ ହୋଇନଥିବା ଅଭିଯୋଗ ହୋଇଛି । ତେଣୁ ବିଜେଡି ଆଜି ଉକ୍ତ ସମସ୍ତ ଘଟଣାକୁ କେନ୍ଦ୍ର କରି ଉଭୟ ମୁଖ୍ୟମନ୍ତ୍ରୀ, ବିଭାଗୀୟ ମନ୍ତ୍ରୀ ମାନଙ୍କ ଇସ୍ତଫା ଦାବି କରିଥିଲେ। ତେବେ ଉକ୍ତ ଘଟଣାରେ ମୃତକଙ୍କ ପରିବାରକୁ ୪ ଲକ୍ଷ୍ୟ ଟଙ୍କାର ସହାୟତା ଆର୍ଥିକ ରାଶି ପ୍ରଦାନ ବଦଳରେ ୧ କୋଟି ଟଙ୍କାର ଆର୍ଥିକ ସହାୟତା ରାଶି ପାଇଁ ଦାବି କରାଯାଇଛି । ତେବେ ସ୍ୱତନ୍ତ୍ର ରୂପେ ଗତ ୧୮ ଅଗଷ୍ଟର ଘଟଣା ସମ୍ପର୍କରେ ଜିଲ୍ଲା ପ୍ରଶାସନକୁ ଅଭିଯୋଗ ସତ୍ତ୍ୱେମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନଥିବା ନେଇ ଏହି ସମ୍ମିଳନୀରେ ଦୃଢ ନିନ୍ଦା କରାଯାଇଛି । ଅନ୍ୟପକ୍ଷେ ଏହି ଘଟଣାରେ ପ୍ରତ୍ୟେକ୍ଷ ରୂପେ ଯୋଡିତ ଥିବା ଜିଲ୍ଲାର ମନ୍ତ୍ରୀ ଓ ଚିକିଟି ବିଧାୟକଙ୍କ ସମ୍ପୃକ୍ତ ଥିବା ଅଭିଯୋଗ କରାଯାଇଛି । ସେହିପରି ପ୍ରଶ୍ନ କରାଯାଇଛି ଯେ, ଏଠାରେ ଏକ ଅନ୍ୟର ପାତର ନୀତି ହୋଇଥିବା କୁହାଯାଇଛି ଯଥା ଗତ କିଛି ଦିନ ପୂର୍ବେ କେଲୁଅ। ନଦୀରେ ଭାସି ଯାଇଥିବା ଛୋଟ ଛୁଆକୁ ଆଜି ପର୍ଯ୍ୟନ୍ତ ମୃତ୍ୟୁକାଳିନ ସହାୟତା ରାଶି ପ୍ରଦାନ ଘୋଷଣା କରାଯାଇ ନଥିବା ବେଳେ, ନିକଟରେ ଘଟିଥିବା ଅଘଟଣରେ ଏକ ତରବରିଆ। ଭାବରେ ଏହି ତିନି ଜଣଙ୍କୁ ତୁରନ୍ତ ସହାୟତା ରାଶି ପ୍ରଦାନ କରାଯିବା ଘୋଷଣାକୁ ନିନ୍ଦା କରାଯାଇଛି। ସାମ୍ବାଦିକ ସମ୍ମିଳନୀ ପରେ ଜିଲ୍ଲା ସଭାପତି ଶ୍ରୀ ପଣ୍ଡାଙ୍କ ନେତୃତ୍ୱରେ ଆୟୋଜିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଅତିଥି ରୂପେ ରାଜ୍ୟ ବରିଷ୍ଠ ଉପ ସଭାପତି ଡ଼ ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ ଯୋଗଦାନ କରିଥିବା ବେଳେ, ସମ୍ମାନିତ ଅତିଥି ରୂପେ ଜିଲ୍ଲା ବିଭିନ୍ନ ନିର୍ବାଚନ ମଣ୍ଡଳୀରୁ ବହୁ ବରିଷ୍ଠ ନେତୃ ବୃନ୍ଦଙ୍କ ଉପସ୍ଥିତିରେ ରାଜ୍ୟ ସଭାପତି ଶ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ବିଜୁ ଜନତା ଦଳର ଆଇଟି ଓ ସୋସିଆଲ ମିଡିଆ। ସେଲର ଷ୍ଟିୟରିଂ ଓ କାର୍ଯ୍ୟକାରୀ କମିଟି ସଦସ୍ୟଙ୍କ ନାମ ଘୋଷଣା କରାଯାଇଛି ।

## ଗାନ୍ଧିଜୀଙ୍କ ୧୫୭ତମ ଓ ଶାସ୍ତ୍ରୀଜୀଙ୍କ ୧୨୨ ତମ ଜୟନ୍ତୀ ପାଳିତ

ଡେଲାଙ୍ଗ,୪।୧୦:(ମନ୍ଥନ)ଡେଲାଙ୍ଗ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ୧୫୭ତମ ଓ ଶାନ୍ତି ଦୂତ ଲାଲ ବାହାଦୁର ଶାସ୍ତ୍ରୀଙ୍କ ୧୨୨ତମ ଜୟନ୍ତୀ ପାଳିତ ହୋଇଯାଇଛି । ପ୍ରାରମ୍ଭରେ ଆମ ଦେଶର ଏହି ଦୁଇ ମହାପୁରୁଷଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ରାମଧୂନ୍ ଗାନ କରାଯାଇଥିଲା । ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଅଭୟ ଚରଣ ସାହୁଙ୍କ ପୌରହିତ୍ୟରେ ଆୟୋଜିତ ସଭାରେ ଅତିଥି ଭାବେ ଗାନ୍ଧୀ ତତ୍ତ୍ୱ ପ୍ରଚାରକ ତଥା ଅବସରପ୍ରାପ୍ତ ପରିସଂଖ୍ୟାନ ଅଧିକାରୀ ଅନାମ ମଲ୍ଲିକ ଯୋଗ ଦେଇ ଦେଶକୁ ସ୍ୱାଧୀନତା ଆଣିବାରେ ଗାନ୍ଧିଜୀଙ୍କ ଅପୂର୍ବ ତ୍ୟାଗ ଓ ପୂର୍ବତନ ପ୍ରଧାନ ମନ୍ତ୍ରୀ ଶାସ୍ତ୍ରୀଜୀଙ୍କ ସଚ୍ଚୋଟ ଦେଶ ପ୍ରେମକୁ ଏ ଜାତି ସବୁଦିନ ମନେରଖିଥିବ ବୋଲି କହିଥିଲେ । ଶିକ୍ଷକ ଟିକେଇ ଦଳାଇ, ଅଙ୍ଗନବାଡ଼ି କର୍ମୀ ସ୍ୱପ୍ନାରାଣୀ ସିଂ, କମିଟି ଅଧ୍ୟକ୍ଷ ପ୍ରମୋଦ ସେଠୀ ଯୋଗଦେଇ ଦୁଇ ମହାପୁରୁଷଙ୍କ ଜୀବନାଦର୍ଶ ଉପରେ ଆଲୋକପାତ କରିଥିଲେ । ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ।

## ଓଡିଶା ସାହିତ୍ୟ ଏକାଡେମୀ ପକ୍ଷରୁ ସାରସ୍ୱତ ସଭା

ଡେଲାଙ୍ଗ,୪।୧୦:(ମନ୍ଥନ)ଓଡିଶା ସାହିତ୍ୟ ଏକାଡେମୀ ଭୁବନେଶ୍ୱର ଓ ଗାନ୍ଧୀ ସ୍ମାରକୀ ସମିତି ବେରବୋଇ ର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ବେରବୋଇ ସ୍ଥିତ ସେବା କୁଟୀର ଠାରେ ଗାନ୍ଧିଜୀ ଙ୍କ ସ୍ମୃତି ଉଦେଶ୍ୟରେଏକ ସାରସ୍ୱତ ସଭା ଅନୁଷ୍ଠିତ ହୋଇଯାଇଛି । ଶିକ୍ଷାବିତ କୁନ୍ତଳା କୁମାରୀ ବିଶ୍ୱାଳ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାବେଶରେ ଭୁବନେଶ୍ୱର ସ୍ଥିତ ଦୁର୍ନୀତି ନିବାରଣ ପ୍ରଶିକ୍ଷଣ କେନ୍ଦ୍ର ଉପନିର୍ଦ୍ଦେଶକ ଦିଲ୍ଲୀପ କୁମାର ଛୋଟରାୟ ମୁଖ୍ୟ ଅତିଥି, ଗାଦିବ୍ରହ୍ମ ସ୍ନାତକ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ଼ ସରୋଜ କୁମାର ପଣ୍ଡା ମୁଖ୍ୟବକ୍ତା, ବରିଷ୍ଠ ଶିଶୁ ସାହିତ୍ୟିକ ଡ଼ ହେମନ୍ତ କୁମାର ଛୋଟରାୟ ସମ୍ମାନିତ ଅତିଥି, ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଡ଼ ଜ୍ଞାନରଞ୍ଜନ ପଣ୍ଡା ସମ୍ମାନିତ ବକ୍ତା ଭାବେ ଯୋଗଦେଇ ଓଡ଼ିଶାରେ ଗାନ୍ଧିବାଦୀ ଚିନ୍ତାଧାରା ର ପ୍ରତିଫଳନ ସମ୍ପର୍କ ରେ ଆଲୋକପାତ କରିଥିଲେ । ପିପିଲି ମହାବିଦ୍ୟାଳୟ ର ଅଧ୍ୟାପକ ଡ଼ ସଂଗ୍ରାମ କେଶରୀ ପରିଡା ସଭା ସଂଯୋଜନାକରିଥିଲେ । ଓଡିଶା ସାହିତ୍ୟ ଏକାଡେମୀ ସହସଚିବ ସଞ୍ଜୟ କୁମାର ଛୁଆଳସିଂହ ସ୍ୱାଗତ ସମ୍ଭାଷଣ ପ୍ରଦାନକରିଥିଲେ । ଭାରତ ସ୍ୱାଧୀନତା ପୂର୍ବରୁ ଓ ପରେ ଦୁଇଟି ପର୍ଯ୍ୟାୟରେ ଓଡ଼ିଶାରେ ଗାନ୍ଧିବାଦୀ ଚିନ୍ତାଧାରା ର କିପରି ଭାବରେ ସକାରାତ୍ମକ ଓ ନକାରାତ୍ମକ ପ୍ରତିଫଳନ ସୃଷ୍ଟି ହୋଇଛି ତାହା ଅତିଥିମାନେ ବିସ୍ତୃତ ଭାବେ ଆଲୋଚନା କରିଥିଲେ । ଶେଷରେ ଗାନ୍ଧୀ ସ୍ମାରକୀ ସମିତି ସମ୍ପାଦକ ଚନ୍ଦ୍ରଶେଖର ବିଶ୍ୱାଳ ଧନ୍ୟବାଦ ଦେଇଥିଲେ । କାର୍ଯ୍ୟକ୍ରମ ରେ ଭାଗିରଥି ପରିଡା, କସ୍ତୁରବା ଟ୍ରଷ୍ଟ ସଂଚାଳିକା କବିତାରାଣୀ ପରିଡା, ସନ୍ତୋଷ ବିଶ୍ୱାଳ, ସୁରେଶ ମନ୍ତ୍ରୀ, ଶିକ୍ଷାବିତ ସନ୍ତୋଷ ମିଶ୍ର, ସରୋଜିନୀ ଜେନା, ଗାନ୍ଧୀ ବାର୍ତ୍ତା ପ୍ରଚାରକ ଅନାମ ମଲ୍ଲିକ, ଶିକ୍ଷକ ତଥା ସଂସ୍କୃତିପ୍ରେମୀ ଅଭୟ ଚରଣ ସାହୁ, ଆଇନଜୀବୀ ହୃଷିକେଶ ପାଢ଼ୀ, ଅମରେନ୍ଦ୍ର ବାରିକ,ରୋହିତ ଚମ୍ପତି, ହରିହର ବଳବନ୍ତରାୟ,ପ୍ରବଚକ ଶରତ ରାଉତ ପ୍ରମୁଖ ସହଯୋଗ କରିଥିଲେ ।



ସୃଜନ

ରବିବାର ୦୫ ଅକ୍ଟୋବର ୨୦୨୫, ଭୁବନେଶ୍ୱର

SUNDDAY 05 OCTOBER, 2025, BHUBANESWAR



'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

# ସମ୍ପାଦକୀୟ

## ସରିଲା ଦୁର୍ଗା ପୂଜା

ଦୁର୍ଗା ପୂଜା ହିନ୍ଦୁ ଧର୍ମରେ, ବିଶେଷକରି ପଶ୍ଚିମବଙ୍ଗ, ଓଡିଶା ଏବଂ ପୂର୍ବ ଭାରତର ଅନ୍ୟାନ୍ୟ ଅଂଶରେ ଏକ ଗୁରୁତ୍ୱପୂର୍ଣ୍ଣ ସାଂସ୍କୃତିକ ପର୍ବ । ଏହା ମଇଁଷି ରାକ୍ଷସ ମହିଷାସୁର ଉପରେ ଦେବୀ ଦୁର୍ଗାଙ୍କ ବିଜୟକୁ ମନେ ପକାଇଥାଏ, ଯାହା ମନ୍ଦ ଉପରେ ଭଲର ବିଜୟର ପ୍ରତୀକ । ଐତିହାସିକ ଗୁରୁତ୍ୱ – ପ୍ରାଚୀନ ଉତ୍ପତି : ଦେବୀ ଦୁର୍ଗାଙ୍କ ପୂଜା ବୈଦିକ ଯୁଗରୁ ଆରମ୍ଭ ହୋଇଥିଲା, ଏହି ପର୍ବ ଷୋଡଶ ଶତାବ୍ଦୀରେ ବଙ୍ଗଳାରେ ଲୋକପ୍ରିୟତା ହାସଲ କରିଥିଲା । ସମୟ ସହିତ ବିବର୍ତନ : ପ୍ରାରମ୍ଭରେ ଏକ ଘରୋଇ ପୂଜା, ଦୁର୍ଗା ପୂଜା ଏକ ସାର୍ବଜନୀନ ମହୋତ୍ସବରେ ପରିଣତ ହୋଇଥିଲା, ଯେଉଁଥିରେ ସାମ୍ପ୍ରଦାୟିକ ଅଂଶଗ୍ରହଣ ଏବଂ ବିସ୍ତୃତ ଉତ୍ସବ ଅନୁଷ୍ଠିତ ହୋଇଥିଲା । ୟୁନେସ୍କୋ ସ୍ୱୀକୃତି : ୨୦୨୧ ମସିହାରେ, କୋଲକତାର ଦୁର୍ଗା ପୂଜାକୁ ମାନବତାର ଅମୃତ ସାଂସ୍କୃତିକ ଐତିହ୍ୟର ୟୁନେସ୍କୋର ପ୍ରତିନିଧି ତାଲିକାରେ ଲିପିବଦ୍ଧ କରାଯାଇଥିଲା, ଏହାର ସାଂସ୍କୃତିକ ଐତିହ୍ୟର ୟୁନେସ୍କୋର ପ୍ରତିନିଧି ତାଲିକାରେ ଲିପିବଦ୍ଧ କରାଯାଇଥିଲା, ଏହାର ସାଂସ୍କୃତିକ ଗୁରୁତ୍ୱ ସ୍ୱୀକାର କରାଯାଇଥିଲା । ସାଂସ୍କୃତିକ ପ୍ରଭାବ – କଳାତ୍ମକ ଅଭିବ୍ୟକ୍ତି : ଦୁର୍ଗା ପୂଜା ବଙ୍ଗୀୟ ଐତିହ୍ୟକୁ ଉଜ୍ଜ୍ୱଳ କରି ପାରମ୍ପରିକ ସଙ୍ଗୀତ, ନୃତ୍ୟ ଏବଂ ନାଟକ ସମେତ ବିଭିନ୍ନ କଳା ରୂପ ପ୍ରଦର୍ଶନ କରେ । ସମ୍ପ୍ରଦାୟ ବନ୍ଧନ : ଏହି ପର୍ବ ଲୋକମାନଙ୍କୁ ଏକାଠି କରିଥାଏ, ସମ୍ପ୍ରଦାୟ ଏବଂ ସାମାଜିକ ବନ୍ଧନର ଭାବନାକୁ ବୃଦ୍ଧି କରିଥାଏ । ସାଂସ୍କୃତିକ ପ୍ରତୀକ : ଦୁର୍ଗା ପୂଜା ବଙ୍ଗାଳୀ ସଂସ୍କୃତିର ଏକ ଅବିଚ୍ଛେଦ୍ୟ ଅଂଶ, ଏହି ଅଂଚଳର ସମୃଦ୍ଧ ପରମ୍ପରା ଏବଂ ରୀତିକୁ ପ୍ରତୀକ କରିଥାଏ । ଅନନ୍ୟ ପରମ୍ପରା : କୁମାରତୁଲି ମୂର୍ତ୍ତି : କୋଲକତାର କୁମାରତୁଲିରେ କାରିଗରମାନେ ଦେବୀ ଦୁର୍ଗାଙ୍କ ଜଟିଳ ମୂର୍ତ୍ତି ତିଆରି କରନ୍ତି, ସେମାନଙ୍କର କାରିଗରୀ ପ୍ରଦର୍ଶନ କରନ୍ତି । ପାଣ୍ଡାଲ –ହପିଂ : ଭକ୍ତମାନେ କଳାତ୍ମକ ବିଷୟବସ୍ତୁ ଏବଂ ସାଜସଜ୍ଜାକୁ ପ୍ରଶଂସା କରି ଅନେକ ପାଣ୍ଡାଲ ପରିଦର୍ଶନ କରନ୍ତି । ସିନ୍ଦୁର ଖେଳ : ବିବାହିତ ମହିଳାମାନେ ପରସ୍ପର ଏବଂ ଦେବୀଙ୍କୁ ସିନ୍ଦୁର ପାଉଡର ଲଗାନ୍ତି, ଯାହା ବୈବାହିକ ଆନନ୍ଦର ପ୍ରତୀକ ଏବଂ ଦୁର୍ଗାଙ୍କୁ ବିଦାୟ ଦିଏ । ଓଡିଶାରେ ଦୁର୍ଗା ପୂଜା ଏକ ଗୁରୁତ୍ୱପୂର୍ଣ୍ଣ ପର୍ବ ଯାହା ମହା ଉତ୍ସାହ ଏବଂ ପାରମ୍ପରିକ ରୀତିନୀତି ସହିତ ପାଳିତ ହୁଏ । ଓଡିଶାରେ ଦୁର୍ଗା ପୂଜାର କିଛି ଅନନ୍ୟ ଦିଗ ଏଠାରେ ଦିଆଯାଇଛି । ରୂପା ଏବଂ ସୁନା ଫିଲୀଗ୍ରୀ କାମ : କଟକର ଦୁର୍ଗା ପୂଜା ମୂର୍ତିର ମୁକୁଟ ଏବଂ ପାଣ୍ଡାଲରେ ଏହାର ଜଟିଳ ରୂପା ଏବଂ ସୁନା ଫିଲିଗ୍ରୀ କାମ ପାଇଁ ପ୍ରସିଦ୍ଧ, ଯାହା ଅସାଧାରଣ କାରିଗରୀ ପ୍ରଦର୍ଶନ କରେ । ପାରମ୍ପରିକ ଓଡିଆ ଖାଦ୍ୟ: ଭକ୍ତମାନେ ମା ଦୁର୍ଗାଙ୍କୁ ଭୋଗ ଭାବରେ ଦହି ପଖାଳ, ସାଗ ଭଜା, ଖିଚୁଡି, ଡାଲମା, ଚାଉଳ, ଖଟା ଏବଂ ପୟା ଭଳି ପାରମ୍ପରିକ ଓଡିଆ ଖାଦ୍ୟ ପ୍ରଦାନ କରନ୍ତି । କଳଶ ଯାତ୍ରା ବିଧି : ମହିଳାମାନେ ନିକଟବର୍ତୀ ପୋଖରୀରୁ ଏକ ଶୋଭାଯାତ୍ରାରେ ପାଣି ନେଇ ଯାଆନ୍ତି, ବିଧିରେ ଜଳ ଗୁରୁତ୍ୱକୁ ଉଜାଗର କରନ୍ତି । ଅନନ୍ୟ ବିଷୟବସ୍ତୁ : ଭୁବନେଶ୍ୱରର ମଣ୍ଡପଗୁଡିକରେ ତନ୍ତ୍ର ପୂଜା, ଅପରେସନ ସିନ୍ଦୂର ଏବଂ ପ୍ରାକୃତିକ ସମନ୍ୱୟ ଭଳି ବିବିଧ ବିଷୟବସ୍ତୁ ରହିଛି, ଯାହା ରାଜ୍ୟର ସମୃଦ୍ଧ ସାଂସ୍କୃତିକ ଐତିହ୍ୟକୁ ପ୍ରତିଫଳିତ କରେ । ସମ୍ପ୍ରଦାୟ ଉତ୍ସବ : ଦୁର୍ଗା ପୂଜା ଲୋକମାନଙ୍କୁ ଏକାଠି କରେ, ସମ୍ପ୍ରଦାୟ ଏବଂ ସାମାଜିକ ବନ୍ଧନର ଭାବନାକୁ ବଢାଏ, ଭକ୍ତମାନେ ପୂଜା କରିବା, ଭୋଜନ ବାଂଟିବା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବା ପାଇଁ ଏକତ୍ରିତ ହୁଅନ୍ତି । ଓଡିଶାର କିଛି ଉଲ୍ଲେଖନୀୟ ଦୁର୍ଗାପୂଜା ଉତ୍ସବ ମଧ୍ୟରେ ରହିଛି । କଟକର ଝାଞ୍ଜିରି ମଙ୍ଗଳା ମନ୍ଦିର : ଦୁର୍ଗାପୂଜା ସମୟରେ ଏହାର ସ୍ୱତନ୍ତ୍ର ବେଶ (ସାଜସଜ୍ଜା) ପାଇଁ ଜଣାଶୁଣା । ଝାରପଡା ଦୁର୍ଗାପୂଜା : ଭୁବନେଶ୍ୱରରେ ଏକ ଲୋକପ୍ରିୟ ଉତ୍ସବ, ଯଦିଓ ଆଭ୍ୟନ୍ତରୀଣ ଦ୍ୱନ୍ଦ ଏହି ବର୍ଷ ଉତ୍ସବକୁ ବିଭାଜିତ କରିଥିଲା । ଭୁବନେଶ୍ୱରର ମଣ୍ଡପ : ଅଭିନବ ବିଷୟବସ୍ତୁ, କଳାତ୍ମକ ସାଜସଜ୍ଜା ଏବଂ ପରିବେଶ ଅନୁକୂଳ ଅଭ୍ୟାସଗୁଡିକୁ ପ୍ରଦର୍ଶିତ କରେ, ଯାହା ରାଜ୍ୟ ସାରାରୁ ପରିଦର୍ଶକମାନଙ୍କୁ ଆକର୍ଷିତ କରେ । ଏହି ଉତ୍ସବ ପାଂଚଦିନ ଧରି ପାଳିତ ହୁଏ, ମୁଖ୍ୟ ରୀତିନୀତି ସହିତ– ମହା ଷଷ୍ଠୀ : ବୋଧନ (ଦେବୀଙ୍କ ଜାଗରଣ) ଏବଂ କଳ୍ପରମ୍ଭ ରୀତିନୀତି ଉତ୍ସବର ଆରମ୍ଭରୁ ଚିହ୍ନିତ କରେ । ମହା ସପ୍ତମୀ : ନବପତ୍ରିକା କିମ୍ବା କୋଳ ବୋଉ ରୀତିନୀତିରେ ସ୍ନାନ ଏବଂ ଦେବୀଙ୍କ ପ୍ରତୀକ ନଅଟି ଗଛ ପୂଜା ଅର୍ନ୍ତଭୁକ୍ତ । ମହା ଅଷ୍ଟମୀ : ସନ୍ଧି ପୂଜା ଅଷ୍ଟମୀ ଏବଂ ନବମୀର ସନ୍ଧି ସମୟରେ ହୁଏ, ଯାହା ଦେବୀ ଦୁର୍ଗାଙ୍କ ମହିଷାସୁର ଉପରେ ବିଜୟକୁ ସୂଚିତ କରେ । ମହାନବମୀ : ଦେବୀଙ୍କ ନିକଟରେ ସ୍ୱତନ୍ତ୍ର ପ୍ରାର୍ଥନା ଏବଂ ଭୋଗ ଅର୍ପଣ କରାଯାଏ । ବିଜୟ ଦଶମୀ : ମୂର୍ତ୍ତି ବିସର୍ଜନ (ବିସର୍ଜନ) ଉତ୍ସବର ସମାପ୍ତିକୁ ସୂଚିତ କରେ, ଭକ୍ତମାନେ ମା ଦୁର୍ଗାଙ୍କୁ ବିଦାୟ ଦିଅନ୍ତି । ଓଡିଶାର ଦୁର୍ଗା ପୂଜା ମଣ୍ଡପଗୁଡିକ ପ୍ରକୃତରେ ସୁନ୍ଦର ଏବଂ ଆକର୍ଷଣୀୟ ଅସାଧାରଣ କାରିଗରୀ ଏବଂ ସୃଜନଶୀଳତନା ପ୍ରଦର୍ଶନ କରନ୍ତି । ଏଠାରେ କିଛି ଦିନି ଅଛି ଯାହା ସେମାନଙ୍କୁ ସ୍ୱତନ୍ତ୍ର କରିଥାଏ । ଅନନ୍ୟ ବିଷୟବସ୍ତୁ : ଉତ୍ପାଦନ ବିଷୟବସ୍ତୁ : ମଣ୍ଡପଗୁଡିକରରେ ତନ୍ତ୍ର ପୂଜା, ଅପରେସନ ସିନ୍ଦୂର ଏବଂ ପ୍ରାକୃତିକ ସମନ୍ୱୟ ଭଳି ବିବିଧ ବିଷୟବସ୍ତୁ ରହିଛି, ଯାହା ରାଜ୍ୟର ସମୃଦ୍ଧ ସାଂସ୍କୃତିକ ଐତିହ୍ୟକୁ ପ୍ରତିଫଳିତ କରେ । କଳାତ୍ମକ ସାଜସଜ୍ଜା : ମଣ୍ଡପଗୁଡିକ ରୂପା ଏବଂ ସୁନା ଫିଲିଗ୍ରୀ କାମ, ମାଟି ମଡେଲିଂ ଏବଂ ପାରମ୍ପରିକ ଓଡିଆ ଗଳା ସମେତ ଜଟିଳ ସାଜସଜ୍ଜାରେ ସଜ୍ଜିତ । କଳାତ୍ମକ ଉତ୍କର୍ଷତା : କାର୍ଯ୍ୟଶିଳ୍ପ : ମଣ୍ଡପଗୁଡିକରେ ପ୍ରଦର୍ଶିତ କାରିଗରୀ ଅସାଧାରଣ, କାରିଗରମାନେ ଜଟିଳ ମୂର୍ତ୍ତି ଏବଂ ସାଜସଜ୍ଜା ତିଆରି କରିବାରେ ସେମାନଙ୍କର ଦକ୍ଷତା ପ୍ରଦର୍ଶନ କରନ୍ତି । ବିସ୍ତୃତ ବିବରଣୀ ପ୍ରତି ଧ୍ୟାନ : ପାଣ୍ଡାଲରେ ବିବରଣୀ ପ୍ରତି ଧ୍ୟାନ ଆକର୍ଷଣୀୟ ପ୍ରତିଟି ଦିଗ ସହିତ, ମୂର୍ତିର ପୋଷାକ ଠାରୁ ସାଜସଜ୍ଜା ପର୍ଯ୍ୟନ୍ତ, କାରିଗରଙ୍କ ସୃଜନଶୀଳତାକୁ ପ୍ରତିଫଳିତ କରେ ।

# ଶ୍ରୀ ଗୁରୁ କଳ୍ପତରୁ ଶରଣ

### ଶ୍ରୀଗୁରୁ ଆଶ୍ରିତ ଅତୀଶ

ବାବା ତାଙ୍କ ଏହି ହଟ ଯୋଗୁ ତାଙ୍କୁ ଶୁଦ୍ଧ ଭାବରେ ସଂସ୍କୃତ ଭାଗବତ ପଢ଼ି ବାୟାଙ୍କୁ ଶୁଣାଇଲେ ଦେହ ଭଲ ହୋଇଯିବ । ସେହି ଅନୁସାରେ ଭାଗବତ ସପ୍ତାହ ଅନୁଷ୍ଠିତ ହେଲା ଯାହାଦ୍ୱାରା ବାବା ସମ୍ପୂର୍ଣ୍ଣ ଭଲ ହୋଇଗଲେ । କହିବାକୁଗଲେ ଭାଗବତ ପ୍ରତି ନିବିଡ଼ ଯୋଗୁ ନିଜେ ଭାଗବତମୟ ହୋଇ ଯାଇଥିଲେ ।

ଭକ୍ତ କଳ୍ପତରୁ : ଭଗବାନ ଯେପରି ଭକ୍ତର ସକାଳ ମନୋବାଞ୍ଛା ପୂର୍ଣ୍ଣ କରନ୍ତି ସେହିପରି ଭଗବାନଙ୍କୁ ହୃଦୟରେ ଧାରଣ କରିଥିବା ଭକ୍ତମାନେ ଅନ୍ୟର ଅଭିଳାଷ ପୂର୍ଣ୍ଣ କରିଥାନ୍ତି । ତାଙ୍କୁ ଯିଏ ଯେତେ ଅସୁବିଧା ସୁବିଧାରେ ଡାକିଛି ଯେତେ ଦୂରରୁ ସେ ପାଖରେ ପହଞ୍ଚିଛନ୍ତି ସମୁ ସମୟରେ ଆଜି ମଧ୍ୟ । ତାଛାଡ଼ ସେ ବୈଷ୍ଣବ ବା ଭକ୍ତ ଶେଖର ହୋଇଥିବାରୁ ଅନେକ ଶରୀରୀ ବା ଆଶରୀରୀ ଉଚ୍ଚକୋଟିର ଭକ୍ତ ମହାତ୍ମା ମାନଙ୍କ ନିୟମିତ ଓ ଶୁଭାଗମାନ ହେଉଥିଲା । ଏହି ସଭିଙ୍କୁ ଭଗବାନଙ୍କ ପ୍ରିୟଜନ ଭାବି ସେମାନଙ୍କ ସମାଦର କରୁଥିଲେ । ସଂକ୍ଷପାରେ କହିଲେ ଯେ ଭକ୍ତ–ଭକ୍ତିମୟ ଓ ତାଙ୍କ ପାଇଁ ବିଶ୍ୱ ମଧ୍ୟ ଭକ୍ତ – ଭକ୍ତିମୟ । ତେଣୁ ସେ ନିଜେ ହେଉଛନ୍ତି କଳ୍ପତରୁ । ଗୁରୁ କଳ୍ପତରୁ : 'ମୁଁ ହିଁ ବସଇ ଗୁରୁଦେହେ, ମୋ ତହିଁ ଗୁରୁ ଭିନ୍ନ ନୁହେଁ ।' ଭକ୍ତି ଗ୍ରନ୍ଥରେ ଗୁରୁଙ୍କୁ ଭଗବାନଙ୍କ ସହିତ ତୁଳନା କରାଯାଇଛି । ଭଗବାନ ସମଷ୍ଟି ଜୀବର କଲ୍ୟାଣ ନିମନ୍ତେ ଶ୍ରୀ ରାମ ଶ୍ରୀକୃଷ୍ଣ ଅବତାର ରୂପରେ ଆସିଥାନ୍ତି ଓ ବ୍ୟଷ୍ଟି ଜୀବନର ଉଦ୍ଧାର ପାଇଁ ଅନନ୍ତ ଶକ୍ତିର ଆଧାର ଶ୍ରୀଭଗବାନ କରୁଣାଶକ୍ତି ହିଁ ମୂର୍ତ୍ତିମାନ ହୋଇ ଗୁରୁ ରୂପରେ ଆସିଥାନ୍ତି ଧରାପୃଷ୍ଠକୁ । ନାମଚାର୍ଯ୍ୟ ଶ୍ରୀ ବାୟାବାବାଙ୍କ ସମଗ୍ର ଲୀଳାରେ ପ୍ରକଟଲୀଳା ଓ ଅପ୍ରକଟ ଲୀଳାରେ କରୁଣା ଭରି ରହିଛି । ଅନେକ ଲୀଳା ରହିଛି ତାଙ୍କ ଜୀବନୀ ପାଠକଲେ ଜଣାପଡ଼ିବ । ଠାକୁର ହରିଦାସଙ୍କ ପରି ସେ ମଧ୍ୟ ନାମସିଦ୍ଧ ଥିଲେ ସାରା ଜୀବନ ନାମ ଓ ଜଗନ୍ନାଥଙ୍କୁ ନିଜର ପ୍ରାଣପ୍ରିୟ କରିଥିଲେ ଦେହତ୍ୟାଗ ପୂର୍ବରୁ କଟକ କଳ୍ପତରୁ ଆଶ୍ରମରେ ଶ୍ରୀ ସିଦ୍ଧ ବଳଦେବଙ୍କ ପରି ଚତୁର୍ଦ୍ଧାମୂର୍ତ୍ତି ନିର୍ମାଣ କରି ତାଙ୍କୁ ମନ୍ଦିରରେ ସ୍ଥାପନ କରି ସେବା ପୂଜାର ବ୍ୟବସ୍ଥା କରିଥିଲେ । ସେ ଯୋଗୁଁ ତାଙ୍କ ନିତ୍ୟ ସ୍ଥିତି ମଧ୍ୟ ଶ୍ରୀଜଗନ୍ନାଥଙ୍କ କ୍ଷେତ୍ରରେ ।

ସିଦ୍ଧବକୁଳବନ ନିବାସୀ ନାମଚାର୍ଯ୍ୟ ହରିଦାସ ଠାକୁରଙ୍କ ପରି ତାଙ୍କର ଭାଦ୍ରବ ମାସ ଶୁକ୍ଳପକ୍ଷ ଅନନ୍ତଚତୁର୍ଦ୍ଦଶୀ ତିଥିରେ ବ୍ରହ୍ମମୁହୂର୍ତ୍ତରେ ଇଷ୍ଟ ନାମ ଉଚ୍ଚାରଣ କରି ଦେହତ୍ୟାଗ କରିଥିଲେ । ଜୟ ବାୟା ଜୟ ବାୟା ।

ଦୂରଭାଷ : ୬୩୭୧୫୮୦୫୨୪

# ଗୁରୁ-ନିର୍ବାଚନ

### ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ୟୁନେସ୍କୋ ଓ ଏଜୁକେସନ ଇଣ୍ଟରନେସନାଲ ଆନୁକୂଲ୍ୟରେ ୧୯୯୪ରୁ ପ୍ରତି ବର୍ଷ ଅକ୍ଟୋବର ୫ରେ ବିଶ୍ୱ ସ୍ତରରେ ପାଳିତ ହେଉଛି ଅନ୍ତର୍ଜାତୀୟ ଶିକ୍ଷକ ଦିବସ । ଭବିଷ୍ୟତର ପିଢ଼ିକୁ ଗଢ଼ିବାରେ ଶିକ୍ଷକ ସମାଜର ଅବଦାନକୁ କେହି ଅସ୍ୱୀକାର କରିପାରିବେନାହିଁ । ତେଣୁ ଶିକ୍ଷକ ମାନଙ୍କ ସମ୍ମାନର୍ଥେ ଶହେରୁ ଅଧିକ ଦେଶରେ ଏହି ଦିବସ ପାଳନ କରାଯାଉଛି । ଉଲ୍ଲେଖଯୋଗ୍ୟ ଯେ, ଏଜୁକେସନ ଇଣ୍ଟରନେସନାଲର ସଦସ୍ୟ ସଂସ୍ଥା ସଂଖ୍ୟା ୪୦୧ । ଶିକ୍ଷା ବ୍ୟବସ୍ଥାର ବିକାଶ ଲାଗି ଏହି ସଂସ୍ଥାଗୁଡ଼ିକ କାର୍ଯ୍ୟ କରୁଛନ୍ତି ।

ଶିକ୍ଷା ପରମ୍ପରାରେ ଅତିବ ଗୁରୁତ୍ୱପୂର୍ଣ୍ଣ ଭାବେ ଗୁରୁ ପରମ୍ପରାର ଏକ ବିଶେଷ ନେତିବାଚକ ଦିଗ ହେଉଛି ଯେ ଗୁରୁ ଯଦି ଠିକ୍ ନ ହୁଅନ୍ତି ତାହାହେଲେ ତାଙ୍କର ଦୋଷଗୁଡ଼ିକୁ ଶିଷ୍ୟମାନେ ନିର୍ବିଚାରରେ ଅନୁସରଣ କରି ପତନାଭିମୁଖୀ ହୁଅନ୍ତି । ଏହିପରି ବହୁ ଭଣ୍ଡ ଓ ଛଦ୍ମବେଶୀ ଗୁରୁମାନେ ସମାଜରେ ତାଙ୍କର ପ୍ରତିପତ୍ତି ବିସ୍ତାର କରି ଚାଲିଛନ୍ତି । ଗୁରୁ ଯଦି ବେତ୍ତା ବା ଅବତାର ପୁରୁଷ ନ ହୁଅନ୍ତି ବା ଆଚରଣ ସିଦ୍ଧ ଆଚାର୍ଯ୍ୟ ନ ହୁଅନ୍ତି ତାହାହେଲେ ସେ କିନ୍ତୁ ଆମ୍ଭମାନଙ୍କୁ ଠିକ୍ ଅନୁସାରେ ପରିଚାଳନା କରିପାରିବେ ନାହିଁ । ଗୁରୁଙ୍କର ଗୋଟିଏ ମଧ୍ୟ ପ୍ରବୃତ୍ତି ଯଦି ଅନିୟନ୍ତ୍ରିତ ଥାଏ ତେବେ ସେହି ପ୍ରବୃତ୍ତି ଦ୍ୱାରା ଯାବତୀୟ ବିଷୟର ଜ୍ଞାନ ଓ ଗୁଣ ରଙ୍ଗୀନ ହୋଇ ଉଠେ । ତେଣୁ ସେ ଯାହା କିଛି କହନ୍ତି ତାହା ଭିତରେ ସତ୍ୟର ଆଲୋକ ଉଦ୍ଭାସିତ ହୁଏ ନାହିଁ । ଏହିପରି ଏକ ସଂଶୟାତ୍ମକ ପରିବେଶ ମଧ୍ୟରେ ଯୁଗାବତାର ଶୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ମୁକ୍ତ କଣ୍ଠରେ କହିଛନ୍ତି – ଗୁରୁ ହିସାବରେ କାହାକୁ ଗ୍ରହଣ କରିବା ପୂର୍ବରୁ ଭଲ କରି ଦେଖି ଶୁଣି ନେବାକୁ ହୁଏ । ବିଶେଷତଃ ଦେଖିବାକୁ ହୁଏ ଗୁରୁଙ୍କର ଗୁରୁଭକ୍ତି କିପରି ଏବଂ ସେ ଯେଉଁ ଉପଦେଶ ଦିଅନ୍ତି ତାହା ସେ ନିଜେ ପାଳନ କରନ୍ତି କି ନାହିଁ ? ପ୍ରକୃତ ଗୁରୁ ଯିଏ ସେ ନିଜର ସ୍ୱାର୍ଥକୁ ଅନ୍ୟର ସ୍ୱାର୍ଥ ଠାରୁ ଅଲଗା କରି ଭାବି ପାରନ୍ତି ନାହିଁ । ସବୁ ସମୟରେ ତାଙ୍କର ବୁଦ୍ଧି ଥାଏ ମଣିଷକୁ ବଡ କରି ତୋଳିବା । ସେ ଯେତେବେଳେ ଭକ୍ତମାନଙ୍କ ପାଖରୁ କିଛି ନିଅନ୍ତି ସେତେବେଳେ ମଧ୍ୟ ସେହି ଦେବା ଭିତର ଦେଇ ଭକ୍ତର ଉପକାର ହେବ ବୋଲି ହିଁ ନିଅନ୍ତି, ନଚେତ୍ ନେବାର ଗରଜରେ ନିଅନ୍ତି ନାହିଁ । ତେଣୁ ଶୋଷଣ କରିବା ତାଙ୍କ ପକ୍ଷେ ସମ୍ଭବ ନୁହେଁ । ବରଂ ସେ ଆମ୍ଭମାନଙ୍କର ସତ୍ତାକୁ ସେବା କରିବା ପାଇଁ ଆମ୍ଭମାନଙ୍କର ପ୍ରବୃତ୍ତି ଗୁଡ଼ିକୁ ଶୋଷଣ କରିପାରନ୍ତି । ଗୁରୁକରଣ କରିବାକୁ ଗଲେ ଦେଖିବାକୁ ହୁଏ ଗୁରୁ ଆତ୍ମ–ନିବେଦିତ କି ନା ? ସେ ପ୍ରବୃତ୍ତି ଅଭିଭୂତିର ଉର୍ଦ୍ଧ୍ୱ ରାଜ୍ୟରେ ଅଛନ୍ତି କି ନା ? ତାଙ୍କର ଭାଗବତ ଗୁଣାବଳୀ ଅଛି କି ନା? ଯିଏ ପ୍ରକତ ଗୁରୁ ତାଙ୍କ ଭିତରେ ପୂର୍ବବର୍ତ୍ତୀ ପ୍ରତ୍ୟେକ ଅବତାର ଙ୍କୁ ଖୋଜି ପାଇ ହେବ । ଏହା ପୂରାପୂରି ମାନଚିତ୍ର ଦେଖିବା ପରି । ଯେପରି ଶ୍ରୀରାମକୃଷ୍ଣଙ୍କୁ ଦେଖିଲେ ବୁଝି ହେବ ସେ ହିଁ ଶ୍ରୀକୃଷ୍ଣ, ସେ ହିଁ ବୁଦ୍ଧ, ସେ ହିଁ ଯୀଶୁ, ସେ ହିଁ ମହମ୍ମଦ ଓ ସେ ହିଁ ଶ୍ରୀଚୈତନ୍ୟ । ପରିଷ୍କାର ଭାବରେ ସମସ୍ତଙ୍କୁ ବୁଝି ହେବ ଓ ତାଙ୍କ ଭିତରେ ସମସ୍ତଙ୍କୁ ଦେଖା ମିଳିବ । ଏହା ନ ହେଲେ ସେ ଗୁରୁ ହେବା ପାଇଁ ଉପଯୁକ୍ତ ନୁହଁନ୍ତି । ଯୁଗ ପୁରୁଷୋତ୍ତମଙ୍କୁ କେନ୍ଦ୍ର କରି ସମନ୍ୱୟୀ ସଙ୍ଗତି ଅକ୍ଷୁର୍ଣ୍ଣ ରଖି ପାରିଲେ ହଜାରେ ମତର ଲୋକ ରହିଲେ ମଧ୍ୟ କିଛି ଯାଏ ଆସେ ନାହିଁ । ଆମ ଦେଶରେ ଭଗବାନ ଶ୍ରୀକୃଷ୍ଣ ବା ତଜ୍ଜାତୀୟ ଅବତାରମାନଙ୍କୁ ନମାନି, ଅସ୍ୱୀକାର ବା ଅପମାନ କରି ମଧ୍ୟ ମଣିଷ ଗୁରୁଙ୍କ ଆସନରେ ବସି ପାରେ, ଏହାଠାରୁ ଦୂରାବସ୍ଥା ଆଉ କ'ଣ କିଛି ହୋଇପାରେ ?

ଗୁରୁ ନିର୍ବାଚନରେ ଚାରୋଟି ଜିନିଷ ବିଶେଷ କରି ଦେଖିବାକୁ ହୁଏ । ପ୍ରଥମତଃ ଦେଖିବାକୁ ହୁଏ – ପୂର୍ବତନ ପ୍ରାଜ୍ଞ ଆଚାର୍ଯ୍ୟମାନଙ୍କର ଧାରା ସହିତ ତାଙ୍କର ସାମଞ୍ଜସ୍ୟ ଅଛି କି ନାହିଁ? ଦ୍ୱିତୀୟତଃ ଦେଖିବାକୁ ହୁଏ – ସେ ବୈଶିଷ୍ଟ୍ୟର ପରିପାଳନ ଓ ପରିପୋଷଣ କରି ଚାଲନ୍ତି କି ନାହିଁ? ତୃତୀୟତଃ ଦେଖିବାକୁ ହୁଏ ତାଙ୍କର ଗୁରୁନିଷ୍ଠା କିପରି ? ଗୁରୁ ନିଷ୍ଠାର ଲକ୍ଷଣ ହେଲା ଆତ୍ମପ୍ରତିଷ୍ଠାରେ ଔଦାସୀନ୍ୟ ଓ ଗୁରୁଙ୍କ ପ୍ରତିଷ୍ଠାରେ ଉଦଗ୍ର ଆଗ୍ରହ । ଆଉ ଚତୁର୍ଥ ଜିନିଷ ହେଲା – ଗୁରୁଙ୍କ କଥା ଓ କାମରେ ସଙ୍ଗତି । ମଣିଷ ଯାହା କହେ ତାହା ଯଦି ନିଜେ ଆଚରଣ ନ କରେ, ତାହାହେଲେ ସେଠାରେ ସନ୍ଦେହର ଅବକାଶ ଅଛି । ତେବେ ମୂଳଗୁଡିକ ଯଦି ଠିକ୍ ନଥାଏ କେବଳ କଥାରେ – କାମରେ ମେଳ ବା ସାମଞ୍ଜସ୍ୟ ରହିଲେ ମଧ୍ୟ ସେ କିନ୍ତୁ ଅନୁସରଣଯୋଗ୍ୟ ବା ଗୁରୁ ପଦବାଚ୍ୟ ନୁହଁନ୍ତି ।

ପ୍ରବୃତିବଶ୍ୟତା ଠାରୁ ମୁକ୍ତ ନ ହେଲେ ଅଖଣ୍ଡ ବ୍ୟକ୍ତିତ୍ୱ ଗଜାଏ ନାହିଁ । ବ୍ୟଷ୍ଟିବ୍ୟକ୍ତିତ୍ୱ ଭୂମାୟିତ ହୋଇ ସମଷ୍ଟି ବ୍ୟକ୍ତିତ୍ୱରେ ଉଦ୍ଭିନ୍ନ ହୋଇ ଉଠେ । ସମଷ୍ଟି ବ୍ୟକ୍ତିତ୍ୱରେ ଥାଏ ପ୍ରତ୍ୟେକଙ୍କୁ ତାର ବୈଶିଷ୍ଟ୍ୟ ଅନୁଯାୟୀ ପରିପୂରଣ କରିବାର ଆକୂତି ଓ କ୍ଷମତା । ସମଷ୍ଟି ବ୍ୟକ୍ତିତ୍ୱ ସମ୍ପନ୍ନ ମଣିଷ ଛଡ଼ା ଅନ୍ୟ କେହି ଗୁରୁ ହୋଇପାରେ ନାହିଁ । ଜଣଙ୍କ ପାଖରେ ଯଦି କେବଳ ହିନ୍ଦୁମାନଙ୍କ ପାଇଁ ସ୍ଥାନ ଥାଏ ଓ ମୁସଲମାନ ଏବଂ ଖ୍ରୀଷ୍ଟିୟାନ ପ୍ରଭୃତି ଅନ୍ୟ ସମ୍ପ୍ରଦାୟର ଲୋକଟି ସ୍ୱ-ସ୍ୱ ବିଶ୍ୱାସ ଓ ଶୁଭ ବୈଶିଷ୍ଟ୍ୟର ପୋଷଣ ତାଙ୍କ ପାଖରୁ ପାଆନ୍ତି ନାହିଁ, ସେ ପୁଣି କିପରି ଗୁରୁ ପଦବାଚ୍ୟ ହେବେ ? ବିଭିନ୍ନ ବ୍ୟକ୍ତିଙ୍କର ବିଭିନ୍ନ ରୁଚି, କାହାର ବିଜ୍ଞାନ ଦିଗକୁ ଆକର୍ଷଣ, କାହାର ଦର୍ଶନ ଦିଗକୁ, କାହାର ସାହିତ୍ୟ ଦିଗକୁ, କାହାର ବ୍ୟବସାୟ-ବାଣିଜ୍ୟ ଦିଗକୁ, କାହାର କୃଷି ଦିଗକୁ, କାହାର ସାହିତ୍ୟ ଦିଗକୁ, କାହାର ସଙ୍ଗୀତ-ବାଦ୍ୟ ଦିଗକୁ, କିମ୍ବା କାହାର ସାଧନା-ତପସ୍ୟା ଦିଗକୁ, ଏହି ବିଭିନ୍ନ ପ୍ରକାର ବ୍ୟକ୍ତିଙ୍କୁ ଯିଏ ବିହିତ ଭାବରେ ସମାଦର ଓ ସମାବେଶ କରି ଉଦ୍‌ବର୍ଦ୍ଧନ ଦିଗକୁ ପ୍ରେରଣା ଓ ନିର୍ଦ୍ଦେଶ ଦେଇପାରନ୍ତି, ସେ ହିଁ ସମଷ୍ଟି ବ୍ୟକ୍ତିତ୍ୱ ସମ୍ପନ୍ନ ଗୁରୁ ବା ଗୁରୁ-ପୁରୁଷୋତ୍ତମ । ଜାତି, ଧର୍ମ, ବର୍ଣ୍ଣ ଓ ପ୍ରକୃତି ନିର୍ବିଶେଷରେ ଯାହାଙ୍କ ପାଖରେ ପ୍ରତ୍ୟେକଙ୍କ ସମ୍ବର୍ଦ୍ଧନୀ ଆଶ୍ରୟ ରହିଛି ସେ ହିଁ ପ୍ରକୃତ ଗୁରୁ । ଜଗତ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କ କଥିତ ମଦ୍‌ଗୁରୁ ଶ୍ରୀଜଗତ୍‌ଗୁରୁ ଅର୍ଥ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ – ମୋରୁ ଗୁରୁ ଯିଏ ଜଗତର ସମସ୍ତ ଗୁରୁ ମଧ୍ୟ ସିଏ । ସେମାନଙ୍କ ମଧ୍ୟରେ କୌଣସି ପ୍ରଭେଦ ନାହିଁ । ସମସ୍ତ ପ୍ରେରିତ ପୁରୁଷ ବା ଅବତାର ପୁରୁଷ ଏକ । କଥା ପ୍ରସଙ୍ଗରେ କଲ୍‌କୀ ବିଗ୍ରହ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ପ୍ରକାଶ କଲେ – ଚିରକାଳ ଏକ ଆଦେଶ ହିଁ ପୃଥିବୀ ପୃଷ୍ଠକୁ ଓହ୍ଲାଇ ଆସିଛି, ତାହା ହେଉଛି ଭାଗବତ ଆଦେଶ, ସେହି ଆଦେଶର ବାର୍ତ୍ତାବହ ହେଲେ ଅବତାର । ପ୍ରତ୍ୟେକ ଗୁରୁ ସେମାନଙ୍କର ଶିଷ୍ୟଙ୍କୁ କହି ଦେବା ଉଚିତ୍ – ମୁଁ ଯାହା ଜାଣେ ତାହା ତୁମକୁ କହିଲି । କିନ୍ତୁ ତୁମେ ଯୁଗଗୁରୁ ବା ପୁରୁଷୋତମଙ୍କର ସନ୍ଧାନରେ ରୁହ । ତାଙ୍କୁ ପାଇଲେ କୌଣସି ପ୍ରକାରେ ହିଁ ଛାଡ଼ ନାହିଁ । ସେହିଭଳି କାହାକୁ ପାଇଲେ ମୋତେ ମଧ୍ୟ ଜଣାଅ । ମୁଁ ମଧ୍ୟ ତାଙ୍କର ଶରଣାଗତ ହୋଇ ଜୀବନ ସାର୍ଥକ କରିବି ।

ପ୍ରତିରତ୍ୱିକ ଓ ଅବସର ପ୍ରାପ୍ତ ପ୍ରଫେସର, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,

ଦୂରଭାଷ : ୯୪୩୭୦୫୧୯୫୭

# ଏକତ୍ୱ ହିଁ ଦୈବତ୍ୱ

### ଅନୀତା ପଟ୍ଟନାୟକ

ସୃଷ୍ଟି ରୋଷେଇ ଘରକୁ ଯାଇ ଦେଖିଲା ତାର ମାଆ କଖାରୁ ଆଳୁ, ବାଇଗଣ ସବୁ କାଟୁଛନ୍ତି । ଚାକରାଣୀ ଦିବ୍ୟା ଗୋଟିଏ ଛୁରୀ ଧରି ଧନିଆ ପତ୍ର, ଲଙ୍କା, ଅଦା ପ୍ରଭୃତି କାଟି ପକାଉଛି । ଭଉଣୀ ଶ୍ରେଷ୍ଠା ପେଷିବା ଯନ୍ତ୍ରରେ ଗୁଡ଼ାଏ ଫଳକାଳି ଫଳରସ କରି ପକାଉଛି । ରୋଷେଇ ଘରେ ସେ ମାଆକୁ ପଚାରିଲା ସବୁ ଖଣ୍ଡ ଖଣ୍ଡ କରି ପକାଉଛ କାହିଁକ ?

ବିଜ୍ଞାନସାରା କହୁଥିଲେ ଦୁଇଟି ପଥର ବାଜି ଖଣ୍ଡ ଖଣ୍ଡ ହୋଇ ଏ ପୃଥିବୀ ଗଢ଼ା । ଏ ପୃଥିବୀରେ ମୁଁ ଦେଖୁଛି ସବୁ କିଛି ଖଣ୍ଡ ଖଣ୍ଡ ହୋଇ ଯାଉଛି । ଏହା କ'ଣ ସତ୍ୟ । ସୃଷ୍ଟିର ମାଆ ସୃଷ୍ଟିକୁ କହିଲେ ସମୟକ୍ରମେ ସବୁକିଛି ଖଣ୍ଡ ଖଣ୍ଡ ହୋଇଯାଏ । ଶ୍ରେଷ୍ଠା କହିଲା ବାପା କହୁଥିଲେ, ତାଙ୍କ ବାପା ଓ ଜେଜେଙ୍କର ଏକ ବିରାଟ ପରିବାର ଥିଲା । ଦିନେ ଖାଇବା ପାଇଁ ଖନ୍ଦା ବସୁଥିଲା । ପିତଳ ହଣ୍ଡାହାଣ୍ଡିରେ ରନ୍ଧା ହେଉଥିଲା କିନ୍ତୁ ଏବେ ଯେ ବିବାହ କରୁଛି ସେ ଏକ ଅଲଗା ଘରଟିଏ କରି ରହିବାକୁ ଚାହୁଁଛି । ସେ ପ୍ରବଚକ ମାନଙ୍କ ଠାରୁ ଶୁଣୁଛି ଏକତ୍ୱ ହିଁ ଦୈବତ୍ୱ । ବିଭିନ୍ନତା ମଧ୍ୟରେ ଏକତା ଦେଖ । କିନ୍ତୁ ପ୍ରକୃତରେ ସବୁ କିଛି ଖଣ୍ଡ ଖଣ୍ଡ ହୋଇଯାଉଛି । ଆଉ ସେ ଏକାନ୍ନବର୍ତ୍ତୀ ପରିବାର ନାହିଁ । ମାଆ କହିଲେ, ସବୁଆଡ଼େ ବିଭିନ୍ନତା ଦେଖାଯାଉଛି । ଦ୍ୱୈତ ମନୋଭାବ ଦେଖାଯାଉଛି । ଏହା ଦ୍ୱୈତ ମନୋଭାବ ନୁହେଁ । ଏହା ହେଉଛି ଦୈତ୍ୟ ମନୋଭାବ । ଏହି ଦୈତ୍ୟକୁ ସଂହାର କରିବା ପାଇଁ ଦେବୀ ଦୁର୍ଗାଙ୍କୁ ପ୍ରତିବର୍ଷ ବିରାଜମାନ ହେବାକୁ ପଡ଼ିଥାଏ ।

ଦିନେ ଏକାଠି ଏକ ମନ, ଏକ ପ୍ରାଣ ହୋଇ ରହୁଥିବା ଭାଇମାନେ ଜମିବାଡ଼ି ଟଙ୍କା ପଇସା ପାଇଁ କୋର୍ଟ କଚେରୀକୁ ଧାଇଁ ଅଲଗା ଅଲଗା ହୋଇଯାଉଛନ୍ତି । ଯାଆଁଳା ଭାଇ ଭଉଣୀ ଧନସଂପତ୍ତି ପାଇଁ ପରସ୍ପର ଠାରୁ ଅଲଗା ଅଲଗା ହୋଇଯାଉଛନ୍ତି । ଏକାଠି ଯୋଡ଼ି ହୋଇଥିବା ଶରୀର ଓ ମୁଣ୍ଡକୁ ଡାକ୍ତରମାନେ ପରିଶ୍ରମ କରି ଅଲଗା କରିବା ପରେ ସେମାନେ ସମ୍ପର୍କରେ ଅଲଗା ଅଲଗା ଭାଗ ନେଉଛନ୍ତି । ଭଗବାନ ଗୋଟିଏ ପୃଥିବୀ ମଣିଷକୁ ଦେଇଥିଲେ ମଧ୍ୟ ଏହାକୁ ଭାଗିଁ ସୀମା ନିର୍ଦ୍ଧାରଣ କରି ମନୁଷ୍ୟ ସମାଜ ନିଜ ନିଜ ଭିତରେ କଳହ କରୁଛି । ରୋଷେଇ ଘରେ ଏହି ସବୁ କଥା ଚାଲିଲାବେଳେ ବାପା ଦିବ୍ୟଶଙ୍କର ପିଲା ଓ ସ୍ତ୍ରୀ ସହ ଯୋଗ ଦେଲେ । ସେ କହିଲେ, ଏପରି କାହିଁକି ଘଟୁଛି କହିଲ ? ସେମାନଙ୍କୁ ବୁଝାଇ ଦିବ୍ୟଶଙ୍କର କହିଲେ କାରଣ ମନୁଷ୍ୟ ତାର ଶରୀରକୁ ଦେଖୁନାହିଁ କି ସେଥିରୁ କିଛି ଶିଖୁନାହିଁ । ଆଖି, କାନ, ନାକ, ପାଟି ଓ ଚର୍ମ ଏମାନଙ୍କର କାମ ଅଲଗା ଅଲଗା । ଆଖି ଶୁଣିପାରେ ନାହିଁ । କାନ ଦେଖିପାରେ ନାହିଁ । ପାଟି ଖାଇ ପରେ କଥା କହିପାରେ କିନ୍ତୁ ଶୁଙ୍ଘିପାରେ ନାହିଁ । ନାକୁ ଶୁଙ୍ଘିପାରେ କିନ୍ତୁ ଚର୍ମ ପରି ସ୍ପର୍ଶ କରିପାରେ ନାହିଁ । ସତ୍ୟ, ଧର୍ମ, ଶାନ୍ତି, ପ୍ରେମ, ଅହିଂସା ମଣିଷ ଭିତରେ ଭଗବାନ ଖଞ୍ଜି ଦେଇଛନ୍ତି । କାମ, କ୍ରୋଧ, ଲୋଭ, ମଦ, ମୋହ, ମାତ୍ସର୍ଯ୍ୟ ମଣିଷ ଭିତରେ ଖଞ୍ଜିଛନ୍ତି । ଏହାକୁ ହାସଲ କରିବା ପାଇଁ ବିଦ୍ୟାଳୟ ବା ବିଶ୍ୱବିଦ୍ୟାଳୟକୁ ଯିବା ଆବଶ୍ୟକ ନାହିଁ । କିନ୍ତୁ ଭଗବାନ ଶରୀରକୁ ଏପରି କରିଛନ୍ତି, ଯେ ଭଲ ଜିନିଷ ପାଇବା ପାଇଁ ସେ ବେଶି ସମୟ ପରିଶ୍ରମ କରିପାରି ନଥାଏ । କିନ୍ତୁ ଖରାପକାମ କରିବା ପାଇଁ ସେ ଚେଷ୍ଟିତ ହୁଏ । ଆଜି କାଲିର ପିଲାମାନେ ସତ କହିବାକୁ ଡରୁଛନ୍ତି । ମିଛ ଅର୍ନଗଳ କହିପାରୁଛନ୍ତି । ଲୋକଙ୍କର ଭଲ ଗୁଣ ବର୍ଣ୍ଣନା କରିପାରୁନାହାଁନ୍ତି । କିନ୍ତୁ ଦୁର୍ଗୁଣ ବଖାଣିବାରେ ପଟୁତା ଦେଖାଉଛନ୍ତି । ଆଧୁନିକତାର ଚାକଚକ୍ୟତା ଯୋଗୁ ଅଖାଦ୍ୟ ଖାଇ ରୋଗରେ ପୀଡ଼ିତ ହେଉଛନ୍ତି । ସାତ୍ତ୍ୱିକ ଖାଦ୍ୟ ରୁଚୁ ନାହିଁ । କାନରେ ଗୋଟିଏ ଶ୍ରବଣ ଯନ୍ତ୍ର ଖଞ୍ଜି ଯାହା ଶୁଣିବା କଥା ନୁହେଁ ତାହା ଗୋପନୀୟତାର ବାହାନା କରି ଶୁଣୁଛନ୍ତି । ମଣିଷ ଇନ୍ଦ୍ରିୟ ଗୁଡ଼ିକରେ ଦୁର୍ବ୍ୟବହାର କରୁଛି ଓ ପତନମୁଖି ହେଉଛି ।

ସେ ପ୍ରତି ବର୍ଷ ଦ୍ୱୈତଭାବରେ ପ୍ରଚଣ୍ଡ ଦୈତ୍ୟ ମହିଷାସୁରର ବଧ ଦେଖୁଥିଲେ ମଧ୍ୟ ଦ୍ୱୈତ ଅସୁରକୁ ନିଜ ଭିତରୁ ଛାଡ଼ି ପାରୁନାହିଁ । ନାରୀ ଶକ୍ତିକୁ ପ୍ରକୃତ ପକ୍ଷେ ସମାଜ ସମ୍ମାନ କରିପାରୁନାହିଁ । ସେ ଧର୍ଷଣ, ବ୍ୟଭିଚାର, ବଳାତ୍କାର ଇତ୍ୟାଦିରେ ମାଡ଼ି ନିଜ ଜୀବନକୁ ଶେଷ କରି ଦେଉଛି । ଏକତ୍ୱ ହିଁ ଦୈବତ୍ୱ ଏହାକୁ ବୁଝିପାରୁ ନାହିଁ । ଶ୍ରେଷ୍ଠା କହିଲା ହଁ ସବୁ ଖଣ୍ଡ ଖଣ୍ଡ । ସୃଷ୍ଟି କିହଲା ଶ୍ରେଷ୍ଠା ଅପା ମୋର ଭଲ ଖାଇବାରୁ ଖାଇ ଦେଇଥିବାରୁ ତାର ମୋର ଗଣ୍ଡଗୋଳ ହେଉଛି । ମଧୁ ତ ସ୍କେଟଭ ପରି ଦ୍ୟୈତ୍ୟ ଓ ଦାନବ ମାନେ କାନରୁ ବାହାରୁଥିଲେ ମଧ୍ୟ ମଣିଷ ତାର କାନର ସଦବ୍ୟବହାର କରି ପାରୁନାହିଁ । ଦେବୀଙ୍କ ଆଗରେ ନିଜର ଭକ୍ତି ନୈବେଦ୍ୟ ଅର୍ପଣ କରିବା ଛାଡ଼ି ମେଲୋଡି ଓ ନୃତ୍ୟରେ ନିଜକୁ ହଜାଇ ଦେଉଛି । ଟଙ୍କା ଓ ପ୍ରତିପତ୍ତି ପାଇଁ ପୂଜା କମିଟି ସବୁ ଅଲଗା ଅଲଗା ଗଠିତ ହେଉଛି । ତେଣୁ ଏକତ୍ୱ ନାହି କି ଦୈବତ୍ୱ ନାହିଁ । ଯଦି କିଛି ଅଛି ତାହା ହେଉଛି ଦୁର୍ଗାପୂଜା ଚାନ୍ଦା ଓ ଚାନ୍ଦାର ଅପବ୍ୟବହାର । ଏହି କାରଣ ପାଇଁ ଦେବୀଙ୍କୁ ପ୍ରତିବର୍ଷ ଆସିବାକୁ ପଡୁଛି ଓ ଏକତ୍ୱ ହିଁ ଦୈବତ୍ୱ ବୁଝାଇବାକୁ ପଡୁଛି ।

ଅବସରପ୍ରାପ୍ତ ପ୍ରଧାପିକା, ସିଡିଏ, କଟକ, ଦୂରଭାଷ : ୯୬୯୨୯୮୦୦୨୬

# ବିଶାଳ ବିଶ୍ୱମାନବ ଚିତ୍ତଭାଇ

### ପ୍ରାଧ୍ୟାପକ ଭବେଶ ଚନ୍ଦ୍ର ସାହୁ



*(୩ ଅକ୍ଟୋବର ୨୦୨୫ ରେ ଚିତ୍ତଭାଇଙ୍କ ୧୦୩ତମ ଜନ୍ମ ଦିବସରେ ଶ୍ରଦ୍ଧାଞ୍ଜଳି)*

ଅନେକ ଲୋକ ଜାଣନ୍ତି ନାହିଁ, ବିଶାଳ ଜୀବନ କହିଲେ କ'ଣ ବୁଝାଯାଏ । ସେମାନଙ୍କ ପାଇଁ ଓଡ଼ିଶାର ଯଶସ୍ୱୀ ଲେଖକ ଚିତ୍ତରଂଜନ ଦାସ, ଶ୍ରଦ୍ଧାନାମ ଚିତ୍ତଭାଇ ଜଣେ ଉଦାହରଣ ହୋଇପାରିବେ । ଓଡ଼ିଶାର ଜଗତସିଂହପୁର ଜିଲ୍ଲାର ବାଗଲପୁର ଗାଁରେ ଗୋଟିଏ ମଧ୍ୟବି ପରିବାରରେ ଜନ୍ମ ହୋଇ ନିଜକୁ ଜଣେ ମହାପ୍ରାଜ୍ଞ ବିଶ୍ୱମନୀଷୀରେ ପରିଣତ କରି ପାରିବାର ଏକ ଯାତ୍ରାଟିର ନାମ ଚିତ୍ତଭାଇ । ଏହି ଯାତ୍ରାପଥର ବିଶଦ କାହାଣୀ ଯେତେବେଳେ ଓଡ଼ିଶାର ଯୁବଛାତ୍ର ମାନେ ଜାଣିବେ ସେମାନେ ମଧ୍ୟ ନିଜ ଜୀବନଟିକୁ ଜଣେ ବିଶ୍ୱମାନବ ରୂପେ ବଂଚିପାରିବେ । ପାଂଚ ଭାଇ ଓ ତିନି ଭଉଣୀଙ୍କ ମଧ୍ୟରେ ସେ ଥିଲେ ବାପା ମା'ଙ୍କର ତୃତୀୟ ସନ୍ତାନ । ନିଜ ଗାଁରେ ପାଠ ପଢ଼ିଲେ । ଗଲେ ନିକଟସ୍ଥ ପୁନଙ୍ଗ ସ୍କୁଲ, ତା'ପରେ ରାଣୀହାଟ ମାଇନର ସ୍କୁଲ । ରେଭେନ୍‌ସା କଲେଜିଏଟ୍ ସ୍କୁଲରୁ ୧୯୪୧ ରେ ମାଟ୍ରିକୁଲେସନ୍ ପାସ କରି ରେଭେନ୍‌ସା ମହାବିଦ୍ୟାଳୟରେ ନାମ ଲେଖାଇଲେ । କମ୍ୟୁନିଷ୍ଟ ପାର୍ଟି ଅଫ୍ ଇଣ୍ଡିଆର ଜଣେ ସକ୍ରିୟ କର୍ମୀ ଭାବେ ୧୯୪୨ ଭାରତଛାଡ଼ ଆନ୍ଦୋଳନରେ ଭାଗ ନେଇ ପାଠପଢ଼ା ଛାଡ଼ି ଜେଲ୍ ବରଣ କଲେ ୧୮ବର୍ଷର ଚିରଞ୍ଜନ । ଜେଲ୍ ଭିତରେ ଶିଖିଲେ କନ୍ନଡ ଓ ତାମିଲ ଭାଷା । ଅଢ଼େଇ ବର୍ଷ ପରେ ୧୯୪୫ରେ ଜେଲ୍‌ରୁ ମୁକ୍ତି ପାଇ ରବୀନ୍ଦ୍ରନାଥଙ୍କ ଶାନ୍ତିନିକେତନରେ ଅଧ୍ୟୟନ ଜାରି ରଖିଲେ । ପରେ ଡେନ୍‌ମାର୍କ କୋପେନ୍‌ହାଗାନ ବିଶ୍ୱବିଦ୍ୟାଳୟରେ ଉଚ୍ଚତର ଅଧ୍ୟୟନ ପାଇଁ ଗଲେ । ଗୋଟିଏ ବର୍ଷ ଛାଡ଼ି ଜୀବନସାରା ସେ ବୃି ପାଇ ପାଠ ପଢ଼ିଥିଲେ । ଏହି ସମୟର ସବୁ ଘଟଣାକୁ ସେ ବିଭିନ୍ନ ପୁସ୍ତକରେ ସ୍ଥାନିତ କରିଛନ୍ତି ।

ପ୍ରସିଦ୍ଧ ମନୋବିଜ୍ଞାନୀ ସିଗ୍‌ମଣ୍ଡ ଫ୍ରଏଡ୍‌ଙ୍କ ସ୍ଥାପିତ ଭିଏନା ସ୍କୁଲରୁ ସେ ମନସ୍ତ୍ୱ ଉପରେ ଅଧ୍ୟୟନ କଲେ ଓ ଦାର୍ଶନିକ ଭିକ୍ଟର ଫ୍ରଙ୍କଲ୍ (Victor Frankl)ଙ୍କ ସହ ତାଙ୍କର ପରିଚୟ ଘନିଷ୍ଠ ହେଲା । ତାଙ୍କର ସମଗ୍ର ଜୀବନ କେବଳ ଅଧ୍ୟୟନ ଓ ଅନୁଭୂତିର ଜୀବନ । ୧୯୫୪ମସିହାରୁ ସେ ବିଦେଶରୁ ଫେରିବା ବେଳକୁ ମନସ୍ତତ୍ୱ, ସମାଜବିଜ୍ଞାନ, ଏବଂ ସାଂସ୍କୃତିକ ନୃତ୍ୱ ବିଷୟଗୁଡ଼ିକରେ ବିଶାଳ ଜ୍ଞାନ ନେଇ ଫେରିଥିଲେ । ଓଡ଼ିଶାର ବିଖ୍ୟାତ ଗାନ୍ଧିବାଦୀ ନେତା ନବକୃଷ୍ଣ ଚୌଧୁରୀ ଓ ମାଳତୀ ଦେବୀଙ୍କ ସହଯୋଗରେ ଚମ୍ପିମୁଣ୍ଡା ଠାରେ ଏକ ଚର୍ଚ୍ଚିତ ଅନୁଷ୍ଠାନ 'ଜୀବନ ବିଦ୍ୟାଳୟ' ସ୍ଥାପନ କରି ଏହାର ପ୍ରଧାନ ଶିକ୍ଷକ ଭାବେ ଶିକ୍ଷାଦାନ କଲେ । ୧୯୫୮ ରୁ ୭୦ ଯାଏ ଆଗ୍ରା କୃଷି ବିଦ୍ୟାଳୟରେ ଅଧାପନା କାଳରେ ବର୍ଷେ ପାଇଁ ଜର୍ମାନୀର ସୋନେନ୍‌ବର୍ଗ ବିଶ୍ୱବିଦ୍ୟାଳୟରେ ଅଧାପନା ସହ କେକେ ବନ୍ଧୁଙ୍କୁ ଶଙ୍ଖୋଳି ଆସିଥିଲେ । ୧୯୭୦ଠାରୁ ଶ୍ରୀ ଅରବିନ୍ଦ-ରଚିତ ଦିବ୍ୟ ଦର୍ଶନ, ମାନବ ଏକତାର ଆଦର୍ଶ, ଯୋଗ ସମନ୍ୱୟ ଓ ମାନବ ଯୁଗଚକ୍ର ଭଳି ବିଶ୍ୱପ୍ରସିଦ୍ଧ ଗ୍ରନ୍ଥ ଓ ଶ୍ରୀମାଙ୍କର ସମଗ୍ର ମାତୃରଚନାବଳୀର ଓଡ଼ିଆ ଅନୁବାଦ ସମ୍ପନ୍ନ କଲେ । ତା' ପରଠାରୁ ଜୀବନର ଅନ୍ତିମ ବର୍ଷ ୨୦୧୧ ପର୍ଯ୍ୟନ୍ତ ସେ ଦୀର୍ଘ ଚାରିଦଶନ୍ଧି ପୂର୍ଣ୍ଣାଙ୍ଗ ଶିକ୍ଷା ଆନ୍ଦୋଳନର ଜଣେ ସୂତ୍ରଧର ଥିଲେ ।



ଚିଭାଇ ହିନ୍ଦୀ, ଉର୍ଦ୍ଦୁ, ବଙ୍ଗଳା, ଅସମୀୟା, ସଂସ୍କୃତ ଭଳି ପ୍ରାଦେଶିକ ଭାଷା ତଥା ଡେନ୍‌ମାର୍କ, ଫିନ୍‌ଲ୍ୟାଣ୍ଡ, ଫ୍ରାନ୍‌ସ, ସ୍ପେନ, ଇସ୍‌ରାଇଲ୍, ଜର୍ମାନୀ ଓ ବ୍ରିଟେନ୍‌ର ଭାଷା ଗୁଡ଼ିକ ଭଲ କରି ଆୟ କରିଥିଲେ । ସେ ଥିଲେ ଜଣେ ସମାଜଶାସ୍ତ୍ରୀ, ଦାର୍ଶନିକ, ଗବେଷକ, ପ୍ରାବନ୍ଧିକ, ପରିବ୍ରାଜକ, ଭାଷାବିତ୍, ଅନୁବାଦକ, ପ୍ରବୀଣ ବକ୍ତା, ସଂଗଠକ, କବି, ସ୍ତମ୍ଭଲେଖକ । ମୋଟ୍ ଉପରେ ଲକ୍ଷ ଲକ୍ଷ ତରୁଣଙ୍କ ଜୀବନକୁ ଛୁଇଁଥିବା, ସେମାନଙ୍କୁ ପ୍ରେରଣା ପ୍ରଦାନ କରି ସେମାନଙ୍କ ଜୀବନକୁ ଗଢ଼ିଥିବା ଅନନ୍ୟ ମନୀଷୀ । ମିଷ୍ଟକଥା, ଧୋତିପୋଷାକ, ନିରହଂକାର ଜୀବନ, ଉପନିଷଦୀୟ ବାଗ୍ମିତାରେ ତାଙ୍କ ନିଜ ଜୀବନ ତାଙ୍କୁ ଏକ ବିଶାଳ ବିଶ୍ୱମନୁଷ୍ୟରେ ପରିଣତ କରିଛି । ତାଙ୍କ ନିଜ ଦ୍ୱାରା ରଚିତ ଏବଂ ବିଭିନ୍ନ ଭାଷାରୁ ଅନୂଦିତ ୨୫୦ ଖଣ୍ଡରୁ ଅଧିକ ପୁସ୍ତକ ସେ ପ୍ରକାଶିତ କରିଛନ୍ତି । ବିଶ୍ୱ ସାହିତ୍ୟକୁ ଏତେ ବେଶୀ ଜାଣିଥିବା ଏବଂ ଏତେ ଭାଷାରେ ତାଙ୍କର ପ୍ରବେଶ ତାଙ୍କୁ ଏକ ମହାମନୀଷୀରେ ପରିଣତ କରିଛି । ଓଡ଼ିଶାର ଅନେକ ପୁରପଲ୍ଲୀକୁ ସେ ଦିନ ଦିନ ମାସ ମାସ ଧରି ଭ୍ରମଣ କରିଛନ୍ତି । ସମଗ୍ର ବିଶ୍ୱପ୍ରତି ତାଙ୍କର ସେଇ ଦୃଷ୍ଟିକୋଣ । ଶିଖିବାର ନିଶା ନେଇ ସେ ଘୂରି ବୁଲୁଥିଲେ । ଯେତେବେଳେ ସେ ସ୍କୁଲରେ ପଢୁଥିଲେ ଓ ତାଙ୍କ ବୟସ ୧୪ ହୋଇଥିଲା, ସେତେବେଳେ ରେଭେନ୍‌ସା କଲେଜିଏଟ୍ ମାଗାଜିନ୍ 'ଶିକ୍ଷାବନ୍ଧୁ' ରେ 'ସକ୍ରେଟିସ୍' ନାମକ ତାଙ୍କର ପ୍ରଥମ ଲେଖା ପ୍ରକାଶିତ ହୋଇଥିଲା । ତାଙ୍କ ଲେଖକୀୟ ଜୀବନର ଯାତ୍ରା ଦୀର୍ଘ ୭୪ବର୍ଷର । ଓଡ଼ିଆ ଖବରକାଗଜ ଧରିତ୍ରୀ, ପ୍ରଗତିବାଦୀ, ସମ୍ବାଦ, ସମାଜ, ସବୁଠି ସେ ତାଙ୍କର ପ୍ରବନ୍ଧମାନ ପ୍ରକାଶିତ କରୁଥିଲେ । ପ୍ରାୟ ୨୪ ଖଣ୍ଡରେ ପ୍ରକାଶିତ "ରୋହିତର ଡାଏରୀ" ତାଙ୍କ ଆତ୍ମଲିପି । "ମିତ୍ରସ୍ୟ ଚକ୍ଷୁସା" ତାଙ୍କର ଅସମ୍ପୂର୍ଣ୍ଣ ଆତ୍ମଜୀବନୀ । ବହୁ ଘଟଣା, ଭ୍ରମଣ, ଅନୁଭୂତିରେ ସମୃଦ୍ଧ ତାଙ୍କ ବିରଳ ସାହିତ୍ୟ । ଭାଷା, ଶୈଳୀ, ଉପସ୍ଥାପନା, ସବୁ ଦୃଷ୍ଟିରୁ ଅନନ୍ୟ ଓ ନିଆରା । ଖଲିଲ୍ ଜିବ୍ରାନ୍‌ଙ୍କ 'The Prophet' ବହିଟିକୁ ସେ ଅନୁବାଦ କରିଛନ୍ତି । ତାଙ୍କୁ 'ବିଶ୍ୱକୁ ଗବାକ୍ଷ', 'ଜୀବନ ବିଦ୍ୟାଳୟ', 'ଓଡ଼ିଶା ଓ ଓଡ଼ିଆ' ପୁସ୍ତକ ପାଇଁ ଯଥାକ୍ରମେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର (୧୯୯୮) ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର, (୧୯୬୨) ଏବଂ ସାରଳା ପୁରସ୍କାର (୧୯୮୯) ମିଳିଥିଲା ।

ଚିଭାଇଙ୍କ ଏହି ଅତି ସଂକ୍ଷିପ୍ତ ଜୀବନାଲେଖ୍ୟଟି ତାଙ୍କର ପରିଚୟ ନୁହେଁ । ଗୁଣଗ୍ରାହୀ, ବିଚକ୍ଷଣ ପ୍ରତିଭା, ଉଦାର ହୃଦୟ, ସବୁ ମଣିଷର ସୁଖଦୁଃଖରେ ଯିଏ ମିଶିକରି ଏପରି ସାରସ୍ୱତ ଜୀବନଟିଏ ବଂଚିଛନ୍ତି – ତାଙ୍କ ପାଇଁ କୃତଜ୍ଞତାର ଶବ୍ଦ କେତୋଟି ବାଢ଼ିଦେବା ଯଥେଷ୍ଟ ନୁହେଁ । ସେ ଭାବର ମଣିଷ, ଭାବନାର ମଣିଷ । ଜୀବନର ସବୁକିଛି ପାଇଁ ତାଙ୍କର ରହିଛି ଏକ ମୌଳିକ ଭାବନାଦର୍ଶ ଓ ଦୃଷ୍ଟିକୋଣ । ପୃଥିବୀର ସବୁ ଦରଦୀ, ମରମୀ ମଣିଷ ତାଙ୍କର ଆପଣାର । ତାଙ୍କୁ ହୃଦୟ ଭରି ଭଲ ପାଉଥିବା ଅନେକ ଚିତ୍ତ ଅନୁରାଗୀ ମଣିଷ ଅଛନ୍ତି, ଯେଉଁମାନେ ତାଙ୍କଠାରୁ ମଣିଷକୁ ଅସରନ୍ତି ଭଲ ପାଇବାର ପାଠ ପଢ଼ିଛନ୍ତି । ନିଷ୍ଠା ଓ ଆନ୍ତରିକତା ଥିଲା ତାଙ୍କ ଧର୍ମ, ତାଙ୍କ ହୃଦୟର ଅଫୁରନ୍ତ ସ୍ନେହ ଥିଲା ତାଙ୍କ ଅସଲ ଦାନଯୋଗ୍ୟ ସମ୍ପତ୍ତି ।



## ଭାରତୀୟଙ୍କ ପାଇଁ ସୁରକ୍ଷିତ ନୁହେଁ ଆମେରିକା !

**ଡାଲାସ,୪।୧୦** ପୁଣି ଥରେ ଆମେରିକାରେ ଜଣେ ଭାରତୀୟଙ୍କୁ ହତ୍ୟା କରାଯାଇଛି । ତେଲେଙ୍ଗାନାର ହାଇଦ୍ରାବାଦର ଏଲବି ନଗରର ବାସିନ୍ଦା ପୋଲ ଚନ୍ଦ୍ରଶେଖରଙ୍କୁ ଆମେରିକାର ଡାଲାସରେ ଲୁଟେରାମାନେ ଗୁଳି କରି ନିର୍ମମ ଭାବରେ ହତ୍ୟା କରିଛନ୍ତି । ବିଡିଏସ ସମାପ୍ତ କରି ଉଚ୍ଚଶିକ୍ଷା ପାଇଁ ଆମେରିକା ଆସିଥିବା ଏହି ଦଳିତ ଯୁବକଙ୍କ ମୃତ୍ୟୁ ତାଙ୍କ ସମଗ୍ର ପରିବାରକୁ ଗଭୀର ମର୍ମାହତ କରିଛି । ଯେଉଁ ପୁଅ ଉପରେ ସମଗ୍ର ପରିବାର ନିର୍ଭର କରୁଥିଲେ, ସେ ଏବେ ସବୁଦିନ ପାଇଁ ଚାଲିଯାଇଛନ୍ତି । ଏହି ଘଟଣା ଶୁକ୍ରବାର ସକାଳେ ଘଟିଥିଲା । ୨୫ ବର୍ଷୀୟ ଚନ୍ଦ୍ରଶେଖର ହାଇଦ୍ରାବାଦର ଏକ କଲେଜରୁ ଡେଣ୍ଟାଲ ସର୍ଜରୀ (ବିଡିଏସ) ଡିଗ୍ରୀ ହାସଲ କରିଥିଲେ । ଏକ ଉଜ୍ଜ୍ୱଳ ଭବିଷ୍ୟତ ଖୋଜିବା ପାଇଁ, ସେ ସମ୍ପ୍ରତି ଡାଲାସକୁ ଚାଲି ଆସିଥିଲେ, ଯେଉଁଠାରେ ସେ ଉଚ୍ଚଶିକ୍ଷା ଗ୍ରହଣ କରିବା ସହିତ ଏକ ପେଟ୍ରୋଲ ପମ୍ପରେ ଅଂଶକାଳୀନ କାମ କରୁଥିଲେ । ସ୍ଥାନୀୟ ସୂତ୍ର ଅନୁଯାୟୀ, କିଛି ଅଜ୍ଞାତ ଡକାୟତ ସକାଳେ ଷ୍ଟେସନରେ ପ୍ରବେଶ କରି ଲୁଟ ଉଦ୍ଦେଶ୍ୟରେ ଗୁଳି ଚଳାଇଥିଲେ । ଚନ୍ଦ୍ରଶେଖରଙ୍କ ଛାତିରେ ଦୁଇଟି ଗୁଳି ବାଜିଥିଲା ଏବଂ ହସ୍ପିଟାଲରେ ପହଞ୍ଚିବା ପୂର୍ବରୁ ତାଙ୍କର ମୃତ୍ୟୁ ହୋଇଥିଲା । ଡାଲାସ ପୁଲିସ ଜଣେ ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଅଟକ ରଖିଛି ଓ ତଦନ୍ତ ଜାରି ରହିଛି ।

## ଆଫଗାନ ଶରଣାର୍ଥୀଙ୍କ ଉପରେ ପାକିସ୍ତାନର ଅତ୍ୟାଚାର

**ନୂଆଦିଲ୍ଲୀ,୪।୧୦** ପାକିସ୍ତାନରେ ରହୁଥିବା ଆଫଗାନ ଶରଣାର୍ଥୀମାନଙ୍କ ଉପରେ ଅତ୍ୟାଚାର ଆରମ୍ଭ କରିଛି ପାକିସ୍ତାନ । ସେମାନଙ୍କ ଶିବିରକୁ ବନ୍ଦ କରିବା ସହ ସେମାନଙ୍କୁ ଜବରଦସ୍ତ ପାକିସ୍ତାନରୁ ବାହାର କରିଦିଆଯାଉଛି । ଚମନରେ ଆଫଗାନ ଶରଣାର୍ଥୀଙ୍କୁ ସମର୍ଥନ କରୁଥିବା ଏକ ନାଗରିକ ସମାଜ ସଂଗଠନର ସଦସ୍ୟ ୱାଲି ମହମ୍ମଦ କହିଛନ୍ତି, ମୁଁ ପାକିସ୍ତାନ ସରକାରଙ୍କୁ ଶରଣାର୍ଥୀଙ୍କୁ ବଳପୂର୍ବକ ବିତାଡ଼ିତ କରିବା ସମୟରେ ମାନବାଧିକାରକୁ ସମ୍ମାନ ଦେବାକୁ ନିବେଦନ କରୁଛି । ବିଶ୍ୱର ଅନ୍ୟ ଦେଶ ପାଞ୍ଚ ବର୍ଷ ମଧ୍ୟରେ ଆଫଗାନୀମାନଙ୍କୁ ନାଗରିକତା ପ୍ରମାଣପତ୍ର ପ୍ରଦାନ କରନ୍ତି, କିନ୍ତୁ ଦଶନ୍ଧି ପରେ ମଧ୍ୟ ପାକିସ୍ତାନ ଏପରି କରିନାହିଁ । ବେଲୁଚିସ୍ତାନର ଏହି ଶିବିରଗୁଡ଼ିକରେ ବିତାଡ଼ିତ ଶରଣାର୍ଥୀମାନେ କହୁଛନ୍ତି ଯେ ସେମାନେ ଆଫଗାନିସ୍ତାନ ତ ଫେରୁଛନ୍ତି କିନ୍ତୁ ସେଠାରେ ତାଙ୍କର ଆଉ କିଛି ନାହିଁ । ଏଣୁ ସେମାନଙ୍କୁ ତୁରନ୍ତ ଶରଣାର୍ଥୀ ଓ ମାନବୀୟ ସହାୟତା ଆବଶ୍ୟକ । ଆଫଗାନିସ୍ତାନର ତୋଲୋ ନ୍ୟୁଜର ଏକ ରିପୋର୍ଟ ଅନୁଯାୟୀ, କର୍ତ୍ତୃପକ୍ଷ କିଛି ସହାୟତା ପ୍ରଦାନ କରୁଛନ୍ତି, କିନ୍ତୁ ପାକିସ୍ତାନରୁ ଆଫଗାନ ଶରଣାର୍ଥୀଙ୍କୁ ବଳପୂର୍ବକ ବିତାଡ଼ିତ କରିବାର ଘଟଣା ନେଇ ଚିନ୍ତିତ । ଅଧିକାରୀଙ୍କ ଅନୁଯାୟୀ, କେବଳ ଗତ ପାଞ୍ଚ ଦିନରେ, ଶହ ଶହ ପୂର୍ବତନ କଏଦୀଙ୍କ ସମେତ ୧୩୫୦୪ ଶରଣାର୍ଥୀ ସୀମା ଦେଇ ଆଫଗାନସ୍ତାନ ଫେରିଛନ୍ତି । ଏହି କଷ୍ଟ ଏବଂ ଫେରି ଆସୁଥିବା ଶରଣାର୍ଥୀଙ୍କ ସଂଖ୍ୟା ବୃଦ୍ଧି ପାଇବା ଚିନ୍ତାର ବିଷୟ ଏବଂ ସ୍ଥାନୀୟ ଏବଂ ଅନ୍ତର୍ଜାତୀୟ ସମ୍ପ୍ରଦାୟର ତୁରନ୍ତ ସହାୟତା ଆବଶ୍ୟକ ।

## ବାଂଲାଦେଶରେ ପଶିବାକୁ ଟ୍ରମ୍ପଙ୍କ ପ୍ରସ୍ତୁତି

**ନୂଆଦିଲ୍ଲୀ,୪।୧୦** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବେ ବାଂଲାଦେଶରେ ପ୍ରବେଶ କରିବାକୁ ପ୍ରସ୍ତୁତ ହେଉଛନ୍ତି । ସେ ବାଂଲାଦେଶର ପୂର୍ବରେ ଥିବା ସେଣ୍ଟ ମାର୍ଟିନ୍ସ ଦ୍ୱୀପରେ ଏକ ରିସର୍ଟ ନିର୍ମାଣ କରିବାକୁ ଯୋଜନା କରୁଛନ୍ତି । ବିଦେଶୀମାନଙ୍କ ପାଇଁ ଏଠାରେ ଏକ ସ୍ୱତନ୍ତ୍ର ଜୋନ୍ ସୃଷ୍ଟି କରାଯିବ । ସୂତ୍ର ଅନୁସାରେ, ବାଂଲାଦେଶ ସରକାରଙ୍କ ମୁଖ୍ୟ ପରାମର୍ଶଦାତା ମହମ୍ମଦ ୟୁନୁସ୍ ନ୍ୟୁୟର୍କରେ ଟ୍ରମ୍ପଙ୍କୁ ଭେଟିଛନ୍ତ । ସେଠାରେ ସେଣ୍ଟ ମାର୍ଟିନ୍ସ ଦ୍ୱୀପ ବିଷୟରେ ଆଲୋଚନା ହୋଇଥିବା କୁହାଯାଉଛି । ଏସିଆ ପାଇଁ ସ୍ୱତନ୍ତ୍ର ପରାମର୍ଶଦାତା ସର୍ଗିଓ ଗୋରଙ୍କୁ ମଧ୍ୟ ଭେଟିଛନ୍ତି ୟୁନୁସ । ଏହି ସମୟରେ ସେଣ୍ଟ ମାର୍ଟିନ୍ସ ବିଷୟରେ ମଧ୍ୟ ଆଲୋଚନା କରାଯାଇଛି ଏବଂ ଦ୍ୱୀପରେ ଆମେରିକୀୟ ରିସର୍ଟ ସ୍ଥାପନ କରିବାକୁ ନିଷ୍ପତ୍ତି ହୋଇଛି । ସୂଚନା ଅନୁଯାୟୀ, ବାଂଲାଦେଶର ମଧ୍ୟବର୍ତ୍ତୀକାଳୀନ ସରକାର ସେଣ୍ଟ ମାର୍ଟିନ୍ସ ଦ୍ୱୀପକୁ ଲିଜରେ ଦେଇପାରନ୍ତି । ଏହି ଲିଜ୍ ୯୯ ବର୍ଷ ପର୍ଯ୍ୟନ୍ତ ରହିବ ବୋଲି ଆଶା କରାଯାଉଛି । ବାଂଲାଦେଶ ସଂସଦ ବର୍ତ୍ତମାନ କାର୍ଯ୍ୟକ୍ଷମ ନଥିବାରୁ ସେଣ୍ଟ ମାର୍ଟିନ୍ସ ଦ୍ୱୀପକୁ ଆମେରିକାକୁ ଲିଜ୍ ଦେବା ପାଇଁ ମଧ୍ୟବର୍ତ୍ତୀକାଳୀନ ସରକାରଙ୍କୁ ସଂସଦୀୟ ଅନୁମୋଦନ ନେବାକୁ ପଡ଼ିବ ନାହିଁ । ସାମରିକ ବାହିନୀର ଅନୁମୋଦନ ସହିତ ମଧ୍ୟବର୍ତ୍ତୀକାଳୀନ ସରକାର ନିଜର ନିଷ୍ପତ୍ତି ନେଇପାରିବେ ।

## ଅସୀମ ମୁନିରଙ୍କ ନୂଆ ଚାଲ୍
## ଆମେରିକାକୁ ଆରବ ସାଗରରେ ବନ୍ଦର ତିଆରି କରିବାକୁ ଦେଲେ ଅଫର

**ନୂଆଦିଲ୍ଲୀ,୪।୧୦** ଆରବ ସାଗରରେ ଏକ ନୂତନ ବନ୍ଦର ନିର୍ମାଣ ଏବଂ ପରିଚାଳନା କରିବାକୁ ଆମେରିକାକୁ ପାକିସ୍ତାନ ପ୍ରସ୍ତାବ ଦେଇଛି । ବ୍ରିଟିଶ ଖବରକାଗଜ ଫାଇନାନ୍ସିଆଲ୍ ଟାଇମ୍ସର ଏକ ରିପୋର୍ଟ ଅନୁଯାୟୀ, ପାକିସ୍ତାନୀ ସେନା ମୁଖ୍ୟ ଫିଲ୍ଡ ମାର୍ଶାଲ୍ ଅସୀମ ମୁନିରଙ୍କ ପରାମର୍ଶଦାତାମାନେ ଆମେରିକୀୟ ଅଧିକାରୀମାନଙ୍କୁ ଏହି ପ୍ରସ୍ତାବ ଦେଇଛନ୍ତି । ଏହି ପ୍ରସ୍ତାବ ଅନୁଯାୟୀ, ଆମେରିକୀୟ ନିବେଶକ ବେଲୁଚିସ୍ତାନ ପ୍ରଦେଶର ପାସନି ସହରରେ ଏକ ବନ୍ଦର ଟର୍ମିନାଲ ନିର୍ମାଣ କରିବ ଏବଂ ପରିଚାଳନା କରିବ । ଫଳରେ ପାକିସ୍ତାନର ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ ପହଞ୍ଚିବାରେ ସହଜ କରିବ । ରିପୋର୍ଟ ଅନୁଯାୟୀ, ସେପ୍ଟେମ୍ବର ଶେଷ ଭାଗରେ ୱାଶିଂଟନରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ ତାଙ୍କର ସାକ୍ଷାତ ପୂର୍ବରୁ ଦେଖିବାକୁ ମିଳିଥିଲା । ଏହି ବୈଠକରେ ପାକିସ୍ତାନର ପ୍ରଧାନମନ୍ତ୍ରୀ ଶାହବାଜ ସରିଫ ମଧ୍ୟ ଉପସ୍ଥିତ ଥିଲେ । ସେ କୃଷି, ପ୍ରଯୁକ୍ତିବିଦ୍ୟା, ଖଣି ଏବଂ ଶକ୍ତି କ୍ଷେତ୍ରରେ ଆମେରିକୀୟ ନିବେଶ ମାଗିଥିଲେ ।

## ପଞ୍ଜାବରୁ ରାଜ୍ୟସଭା ପାଇଁ ଲଢ଼ିବେ ନାହିଁ କେଜ୍ରିଓ୍ୱାଲ

**ନୂଆଦିଲ୍ଲୀ,୪।୧୦** ଅରବିନ୍ଦ କେଜ୍ରିଓ୍ୱାଲ ପଞ୍ଜାବରୁ ରାଜ୍ୟସଭା ପାଇଁ ଲଢ଼ିବେ ନାହିଁ । ଟ୍ରାଇଡେଣ୍ଟ ଗ୍ରୁପର ମାଲିକ ଏବଂ ବ୍ୟବସାୟୀ ରାଜେନ୍ଦ୍ର ଗୁପ୍ତା ଆମ ଆଦମୀ ପାର୍ଟିର ରାଜ୍ୟସଭା ପ୍ରାର୍ଥୀ ହେବେ । ଗୁପ୍ତାଙ୍କୁ ୨୦୨୨ ମସିହାରେ ଆମ ଆଦମୀ ପାର୍ଟି ସରକାର ଦ୍ୱାରା ପଞ୍ଜାବ ଯୋଜନା ବୋର୍ଡରେ ନିଯୁକ୍ତ କରାଯାଇଥିଲା । ରାଜେନ୍ଦ୍ର ଗୁପ୍ତା ସେହି ପଦବୀରୁ ଇସ୍ତଫା ଦେଇଛନ୍ତି । ଲୁଧିଆନା ପଶ୍ଚିମ ଉପନିର୍ବାଚନରେ ସଞ୍ଜୀବ ଆରୋରା ବିଜୟୀ ହେବାରୁ ରାଜ୍ୟସଭା ଆସନ ଖାଲି ହୋଇଜି । ଏବେ ଏହି ଆସନରୁ ରାଜେନ୍ଦ୍ର ଗପ୍ତା ରାଜ୍ୟସଭାକୁ ଯିବେ । ହେଲେ ତାଙ୍କ ନାମ ଏପର୍ଯ୍ୟନ୍ତ ଦଳ ପକ୍ଷରୁ ଆନୁଷ୍ଠାନିକ ଭାବରେ ଘୋଷଣା କରାଯାଇ ନାହିଁ । ବିଧାନସଭା ଉପନିର୍ବାଚନ ପାଇଁ ସଞ୍ଜୀବ ଆରୋରାଙ୍କୁ ପ୍ରାର୍ଥୀ ଭାବରେ ଘୋଷଣା କରାଯିବା ପରଠାରୁ ଆ।ପ୍ କାହାକୁ ରାଜ୍ୟସଭାକୁ ପଠାଇବ ସେନେଇ ଚର୍ଚ୍ଚା ହେଉଥିଲା । ଏହି ଆସନରୁ ଦଳର ଜାତୀୟ ସଂଯୋଜକ ଅରବିନ୍ଦ କେଜ୍ରିଓ୍ୱାଲ ରାଜ୍ୟସଭା ଯିବେ ବୋଲି କୁହାଯାଉଥିଲା । ପଞ୍ଜାବର ବିରୋଧୀ ଦଳଗୁଡ଼ିକ ଦାବି କରିଥିଲେ ଯେ, କେଜ୍ରିଓ୍ୱାଲ ରାଜ୍ୟସଭାକୁ ଯିବେ । ପରେ କେଜ୍ରିଓ୍ୱାଲ ନିଜେ ଏଭଳି ଦାବିକୁ ଖଣ୍ଡନ



କରିଥିଲେ ଏବଂ ରାଜ୍ୟସଭା ଯିବେ ନାହିଁ ବୋଲି ସ୍ପଷ୍ଟ କରିଥିଲେ । ଚଳିତ ବର୍ଷ ଜୁନ୍ ମାସରେ ସଞ୍ଜୀବ ଆରୋରା ଲୁଧିଆନା ପଶ୍ଚିମ ଉପନିର୍ବାଚନରେ ୧୦,୦୦୦ରୁ ଅଧିକ ଭୋଟ ବ୍ୟବଧାନରେ ଜିତିଥିଲେ । ସେ କଂଗ୍ରେସ ପ୍ରାର୍ଥୀ ଭାରତ ଭୂଷଣ ଆଶୁଙ୍କୁ ପରାସ୍ତ କରିଥିଲେ । ବିଜେପିର ଜୀବନ ଗୁପ୍ତା ତୃତୀୟ ସ୍ଥାନରେ ରହିଥିଲେ । ଆରୋରା ୩୫,୧୭୯ ଭୋଟ ପାଇଥିବା ବେଳେ, ଆଶୁ ୨୪,୫୨୫ ଭୋଟ ପାଇଥିଲେ । ଉପନିର୍ବାଚନରେ ବିଜୟୀ ହେବା ପରେ, ସଞ୍ଜୀବ ଆରୋରା ରାଜ୍ୟସଭା ସଦସ୍ୟ ପଦରୁ ଇସ୍ତଫା ଦେଇଥିଲେ ଏବଂ ପରେ ପଞ୍ଜାବରେ ମନ୍ତ୍ରୀ ଭାବରେ ନିଯୁକ୍ତ ହୋଇଥିଲେ । କ୍ୟାବିନେଟ୍ ମନ୍ତ୍ରୀ ସଞ୍ଜୀବ ଆରୋରା ମୋଟ ତିନୋଟି ବିଭାଗ ରଖିଛନ୍ତି । ପଞ୍ଜାବରେ ମୋଟ ୭ଟି ରାଜ୍ୟସଭା ଆସନ ରହିଛି । ଗୋଟିଏ ସିଟ୍ ଖାଲି ଅଛି । ଅବଶିଷ୍ଟ ୬ ସାଂସଦ ଇଇଚରୁ ରହିଛନ୍ତି । ରାଘବ ଚଡ୍ଢା, ଅଶୋକ କୁମାର ମିତ୍ତଲ, ସନ୍ଦୀପ ପାଠକ, ବିକ୍ରମଜିତ ସିଂହ ସାହନି, ହରଭଜନ ସିଂହ ଏବଂ ସନ୍ତ ବଲବୀର ସିଂ ରାଜ୍ୟସଭା ସାଂସଦ ଅଛନ୍ତି ।

## ପାକିସ୍ତାନକୁ ସେନାମୁଖ୍ୟଙ୍କ କଡ଼ା ଚେତାବନୀ

**ନୂଆଦିଲ୍ଲୀ,୪।୧୦** ଭାରତୀୟ ସେନା ମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ ପାକିସ୍ତାନକୁ ଏକ କଡ଼ା ଚେତାବନୀ ଦେଇଛନ୍ତି । ସେ କହିଛନ୍ତି ଯେ ଯଦି ପାକିସ୍ତାନ ପ୍ରାୟୋଜିତ ଆତଙ୍କବାଦକୁ ସମର୍ଥନ ଜାରି ରଖେ, ତେବେ ଭାରତୀୟ ସେନା ପୂର୍ବରୁ ବିଭିନ୍ନ ଅପରେସନ୍ରେ ଦେଖାଇଥିବା ସଂଯମ ପ୍ରଦର୍ଶନ କରିବ ନାହିଁ ଏବଂ ପାକିସ୍ତାନକୁ ମାନଚିତ୍ରରୁ ଲୋପ କରିଦେବ । ରାଜସ୍ଥାନର ଅନୁପଗଡ଼ରେ ଏକ ସେନା କ୍ୟାମ୍ପରେ ଯବାନଙ୍କୁ ସମ୍ବୋଧିତ କରିବା ଅବସରରେ ସେନାମୁଖ୍ୟ ପାକିସ୍ତାନକୁ ଏହି କଡ଼ା ବାର୍ତ୍ତା ଦେଇଛନ୍ତି । ଜେନେରାଲ ଦ୍ୱିବେଦୀ କହିଛନ୍ତି, 'ଯଦି ପାକିସ୍ତାନ ଭୂଗୋଳରେ ନିଜର ସ୍ଥାନ ରଖିବାକୁ ଚାହେଁ, ତେବେ ଏହାର ସରକାର ଓ ସେନା ଦ୍ୱାରା ଆତଙ୍କବାଦକୁ ସମର୍ଥନ ବନ୍ଦ କରିବାକୁ ପଡ଼ିବ । ପୁଣିଥରେ ଆମେ ଅପରେସନ୍ ସିନ୍ଦୁର ୧.୦ ସମୟରେ ଦେଖାଇଥିବା ସଂଯମ ପ୍ରଦର୍ଶନ କରିବୁ ନାହିଁ । ଏଥର ଆମେ ଏପରି କିଛି କରିବୁ ଯାହା ପାକିସ୍ତାନକୁ ଭାବିବାକୁ ବାଧ କରିବ ଯେ ସେ ଭୂଗୋଳରେ ରହିବାକୁ ଚାହେ କି ନାହିଁ ।' ସେନାମୁଖ୍ୟ ଯବାନଙ୍କୁ ସମ୍ବୋଧିତ କରି କହିଛନ୍ତି ଯେ ସେମାନେ ପ୍ରସ୍ତୁତ ରହନ୍ତୁ ଏବଂ ଆବଶ୍ୟକ ସ୍ଥଳେ ଶତ୍ରୁକୁ ମୂଳପୋଛ କରିବା



ପାଇଁ କେଣସି ସୁଯୋଗ ହାତଛଡ଼ା କରାଯିବ ନାହିଁ । ଗତ ଏପ୍ରିଲ ୨୨, ୨୦୨୫ରେ ଜମ୍ମୁ ଓ କାଶ୍ମୀରର ପହଲଗାମ୍ ଆତଙ୍କବାଦୀ ଆକ୍ରମଣର ଜବାବରେ ଭାରତ ମେ' ୭ରେ ଅପରେସନ୍ 'ସିନ୍ଦୂର' ଆରମ୍ଭ କରିଥିଲା । ଏଥିରେ ଭାରତୀୟ ସେନା ପାକିସ୍ତାନରେ ଥିବା ୯ଟି ଆତଙ୍କବାଦୀ କ୍ୟାମ୍ପ ଧ୍ୱଂସ କରିଥିଲା ଏବଂ ୧୦୦ରୁ ଅଧିକ ଆତଙ୍କବାଦୀଙ୍କୁ ନିପାତ କରିଥିଲା । ଏହି ଅପରେସନରେ ଭାରତୀୟ ବାୟୁସେନା ପାକିସ୍ତାନର ୪ରୁ ୫ଟି ଯୁଦ୍ଧବିମାନ (ଏଫ୍-୧୬ ଏବଂ ଜେଏଫ୍-୧୭) ଏବଂ ଏକ ଆୱାକସ୍ ବିମାନକୁ ଧ୍ୱଂସ କରିଥିଲା । ପାକିସ୍ତାନୀ କମାଣ୍ଡରମାନେ ଭାରତୀୟ ପକ୍ଷକୁ ଅସ୍ତ୍ରବିରତି ପାଇଁ ତୁହାକୁତୁହା ଅନୁରୋଧ କରିବା ପରେ ମେ ୧୦ରେ ଯୁଦ୍ଧବିରତି ଘୋଷଣା ହୋଇଥିଲା ସେନାମୁଖ୍ୟଙ୍କ ଏହି ବୟାନ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କ ଚେତାବନୀ ପରେ ଆସିଛି ।

## ୟୁକ୍ରେନ ଉପରେ ଋଷର ବଡ଼ ଧରଣର ଏୟାର ଷ୍ଟ୍ରାଇକ

**ନୂଆଦିଲ୍ଲୀ,୪।୧୦** ଥମୁନି ୟୁକ୍ରେନ୍-ଋଷ୍ ଯୁଦ୍ଧ । ପରସ୍ପର ମଧ୍ୟରେ ଆକ୍ରମଣ ପ୍ରତି ଆକ୍ରମଣ ଜାରିରଖିଛନ୍ତି । ଦୁଇ ଦେଶ ମଧ୍ୟରୁ କେହି ନରମିବାକୁ ଚେଷ୍ଟା କରୁନାହାଁନ୍ତି । ଜଣେ ଅନ୍ୟ ଜଣଙ୍କ ଉପରେ ଆକ୍ରମଣ ଜାରି ରଖିଛନ୍ତି । ପୁଣି ୟୁକ୍ରେନ ଉପରେ ବଡ଼ ଧରଣରର ଅ।କ୍ରମଣ କରିଛି ଋଷ୍ । ୟୁକ୍ରେନ୍ର ଭୂମିରେ ଆକାଶ ମାର୍ଗରୁ ଜୋରଦାର ଆକ୍ରମଣ କରିଛି ଋଷ୍ । ଏହି ଆକ୍ରମଣରେ ୟୁକ୍ରେନର ପ୍ୟାସେଞ୍ଜର ଟ୍ରେନ୍ ଏବଂ ରେଳ ଷ୍ଟେସନକୁ ଟାର୍ଗେଟ କରିଛି । ଯେଉଁଥିରେ ଅନେକ ଲୋକ ଗୁରୁତର ହୋଇଥିବା ସୂଚନା । ଏକ ରିପୋର୍ଟ ଅନୁସାରେ ଏହି ଆକ୍ରମଣ ରେ ୩୦ ରୁ ଅଧିକ ଲୋକ ଗୁରୁତର ହୋଇଛନ୍ତି । ତେବେ ଦୁଇ ମାସ ଧରି ୟୁକ୍ରେନର ରେଳ ଭିତ୍ତିଭୂମି ଉପରେ ଟାର୍ଗେଟ କରି ଆସୁଛି ଋଷ୍ । ଋଷ ପ୍ରାୟ ପ୍ରତିଦିନ ୟୁକ୍ରେନୀୟ ପରିବହନ ନେଟୱାର୍କ ଉପରେ ଆକ୍ରମଣ କରିଆସୁଛି । ମାତ୍ର ଗୋଟିଏ ଦିନ ପୂର୍ବରୁ, ଋଷ ଖାରକିଭ ଏବଂ ପୋଲ୍ଟାଭା ଅଞ୍ଚଳରେ ୟୁକ୍ରେନର ରାଷ୍ଟ୍ରାୟତ୍ତ ଗ୍ୟାସ ଏବଂ ତୈଳ କମ୍ପାନୀ, ନାଫ୍ଟୋଗେଜର ଅନୁଷ୍ଠାନ ଉପରେ ୩୫ଟି କ୍ଷେପଣାସ୍ତ୍ର ଏବଂ ୬୦ଟି ଡ୍ରୋନ୍ ନିକ୍ଷେପ କରିଛି । ଏହି ଆକ୍ରମଣରେ ପ୍ରାୟ ୮,୦୦୦ ଗ୍ରାହକଙ୍କ ବିଦ୍ୟୁତ ସରବରାହ ବ୍ୟାଘାତ ହୋଇଛି । ଋଷ-ୟୁକ୍ରେନ ଯୁଦ୍ଧ ୨୦୨୨ ଫେବୃଆରୀରେ ଆରମ୍ଭ ହେବା ପରଠାରୁ ଉଭୟ ଦେଶ ମଧ୍ୟରେ ତିକ୍ତତା ଲାଗି ରହିଛି । ଋଷର ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ ୟୁକ୍ରେନକୁ ନାଜିମୁକ୍ତ କରିବା ଏବଂ ନାଟୋର ବିସ୍ତାରକୁ ରୋକିବା ଲକ୍ଷ୍ୟରେ ଏହି ଆକ୍ରମଣ ଆରମ୍ଭ କରିଥିଲେ । ତେବେ, ୟୁକ୍ରେନ ଏବଂ ପାଶ୍ଚାତ୍ୟ ରାଷ୍ଟ୍ରମାନେ ଏହାକୁ ୟୁକ୍ରେନର ସାର୍ବଭୌମତ୍ୱ ଉପରେ ଏକ ଅଯଥା ଆକ୍ରମଣ ବୋଲି ନିନ୍ଦା କରିଛନ୍ତି । ଯୁଦ୍ଧ ଆରମ୍ଭ ହେବା ପରଠାରୁ ଉଭୟ ପକ୍ଷରେ ବହୁ ସଂଖ୍ୟକ ସୈନିକ ଏବଂ ସାଧାରଣ ନାଗରିକ ମୃତାହତ ହୋଇଛନ୍ତି । ତେବେ ଏହି ଆକ୍ରମଣର ସଠିକ୍ ଲକ୍ଷ୍ୟ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ, କିନ୍ତୁ ଋଷୀୟ ସେନା ପ୍ରାୟତଃ ୟୁକ୍ରେନର ଭିତ୍ତିଭୂମିକୁ ଟାର୍ଗେଟ କରୁଛି । ଯାହା ଫଳରେ ଦେଶର ଅର୍ଥନୀତି ଏବଂ ସାମରିକ କ୍ଷମତା ଦୁର୍ବଳ ହେଉଛି । ରେଳବାଇ ୟୁକ୍ରେନରେ ସାମରିକ ଏବଂ ଅର୍ଥନୈତିକ କାର୍ଯ୍ୟକଳାପ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ ହୋଇଥିବାରୁ, ଏହାକୁ ଟାର୍ଗେଟ କରିବା ଦ୍ୱାରା ୟୁକ୍ରେନର ପ୍ରତିରକ୍ଷା ପ୍ରୟାସରେ ବାଧା ସୃଷ୍ଟି ହୋଇପାରେ । ୟୁକ୍ରେନର ରାଷ୍ଟ୍ରପତି ଭୋଲୋଡିମିର ଜେଲେନସ୍କି ଏହି ଆକ୍ରମଣକୁ ନିନ୍ଦା କରିଛନ୍ତି ଏବଂ ଋଷକୁ ଏଥିପାଇଁ ଦାୟୀ କରିଛନ୍ତି ।

## ୧୯ ଔଷଧ ଉପରେ ପ୍ରତିବନ୍ଧକ

**ନୂଆଦିଲ୍ଲୀ,୪।୧୦** ମଧ୍ୟପ୍ରଦେଶ ଏବଂ ରାଜସ୍ଥାନରେ କଫ୍ ସିରପ୍ ଖାଇବା ପରେ ୧୨ ଜଣ ଶିଶୁଙ୍କ ମୃତ୍ୟୁ ଘଟିଛି । ଏହି ପିଲାମାନଙ୍କ ମଧ୍ୟରୁ ଅଧିକାଂଶ ମଧ୍ୟପ୍ରଦେଶର ଛିନ୍ଦୱାଡ଼ାର ଥିଲେ । କଫ୍ ସିରପ୍ ମୃତ୍ୟୁର କାରଣ ବୋଲି କୁହାଯାଉଥିଲା । ଏହି ମାମଲାଗୁଡ଼ିକ ଦେଶବ୍ୟାପୀ କଫ୍ ସିରପ୍ ପ୍ରତି ଆତଙ୍କ ସୃଷ୍ଟି କରିଛି । ରାଜସ୍ଥାନ ଏବଂ ମଧ୍ୟପ୍ରଦେଶ ସରକାର ଏବେ ଏହି ମାମଲାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି । ରାଜସ୍ଥାନର ଭଜନ ଲାଲ ଶର୍ମା ସରକାର ଜୟପୁରର କେସନ୍ସ ଫାର୍ମାର ସମସ୍ତ ୧୯ ଔଷଧ ବଣ୍ଟନ ଉପରେ ପ୍ରତିବନ୍ଧକ ଲଗାଇଛନ୍ତି । କଫ୍ ସିରପରୁ ପିଲାମାନଙ୍କର ସନ୍ଦେହଜନକ ମୃତ୍ୟୁ ଏବଂ ନିମ୍ନମାନର ଔଷଧ ଆବିଷ୍କାର ରିପୋର୍ଟ ପରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି । ରାଜ୍ୟ ଔଷଧ ନିୟନ୍ତ୍ରକ ରାଜାରାମ ଶର୍ମାଙ୍କୁ ମଧ୍ୟ ନିଲମ୍ବିତ କରାଯାଇଛି । ମୁଖ୍ୟମନ୍ତ୍ରୀ ଭଜନ ଲାଲ ଶର୍ମା ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି । ମଧ୍ୟପ୍ରଦେଶର ମୋହନ ଯାଦବ ସରକାର କଫ୍ ସିରପ୍ କୋଲଡ୍ରିଫ୍ ବିକ୍ରୟ ଉପରେ ନିଷେଧାଜ୍ଞା ଜାରି କରିଛନ୍ତି । ମୁଖ୍ୟମନ୍ତ୍ରୀ ଏହି କମ୍ପାନୀ ଦ୍ୱାରା ନିର୍ମିତ ଅନ୍ୟ ଔଷଧକୁ ମଧ୍ୟ ନିଷେଧ କରିଛନ୍ତି । ରାଜସ୍ଥାନ ଚିକିତ୍ସା ଏବଂ ସ୍ୱାସ୍ଥ୍ୟ ବିଭାଗ ଜୟପୁର ସ୍ଥିତ କେସନ୍ସ ଫାର୍ମା ଦ୍ୱାରା ନିର୍ମିତ ୧୯ ଔଷଧକୁ ନିଷେଧ କରିଛନ୍ତି । ଏହି ଔଷଧଗୁଡ଼ିକ ନିମ୍ନମାନର ଏବଂ ନିମ୍ନମାନର ବୋଲି ଜଣାପଡିଥିଲା । ସ୍ୱାସ୍ଥ୍ୟ ମନ୍ତ୍ରୀ ଗଜେନ୍ଦ୍ର ସିଂହ ଖିନୱସାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି । ବଣ୍ଟନ ଏବଂ ଉତ୍ପାଦନ ମଧ୍ୟ ବନ୍ଦ କରାଯାଇଛି । ଗତ ମାସ ମଧ୍ୟରେ ମଧ୍ୟପ୍ରଦେଶର ଛିନ୍ଦୱାଡା ଜିଲ୍ଲାରେ ନଅ ଜଣ ଏବଂ ରାଜସ୍ଥାନର ଜୟପୁରରେ ତିନି ଜଣ ଶିଶୁ କଫ ସିରପ ଯୋଗୁ ମୃତ୍ୟୁବରଣ କରିଥିବା ଅଧିକାରୀମାନେ ନିଶ୍ଚିତ କରିଛନ୍ତି । ତଥାପି, ତଦନ୍ତ ଚାଲିଛି । ପ୍ରାରମ୍ଭିକ ତଦନ୍ତରୁ ଜଣାପଡିଛି ଯେ କଫ୍ ସିରପ୍ ପିଲାମାନଙ୍କ ମୃତ୍ୟୁରେ ସହାୟକ ହୋଇଥାଇପାରେ । ସରକାର ପିଲାମାନଙ୍କ ସୁରକ୍ଷା ସମ୍ପର୍କରେ ଏକ ପରାମର୍ଶ ମଧ୍ୟ ଜାରି କରିଛନ୍ତି । ଏଥିରେ ଉଲ୍ଲେଖ ଅଛି ଯେ, ଡେକ୍ସଟ୍ରୋମେଥୋର୍ଫାନ୍ ୪ ବର୍ଷରୁ କମ୍ ବୟସର ପିଲାମାନଙ୍କୁ ଦିଆଯିବା ଉଚିତ୍ ନୁହେଁ । ଏଥିରେ ଏହା ମଧ୍ୟ କୁହାଯାଇଛି ଯେ, ଏହି ଔଷଧ ସାଧାରଣତଃ କେବଳ ୫ ବର୍ଷ ଏବଂ ତା'ଠାରୁ ଅଧିକ ବୟସର ପିଲାମାନଙ୍କୁ ଦିଆଯିବା ଉଚିତ । କୌଣସି ପରିସ୍ଥିତିରେ ଏହି ଔଷଧ ୨ ବର୍ଷରୁ କମ୍ ବୟସର ପିଲାମାନଙ୍କୁ ଦିଆଯିବା ଉଚିତ ନୁହେଁ । ୨୦୧୨ ମସିହାରୁ, ଜୟପୁର ସ୍ଥିତ କେସନସ ଫାର୍ମାର ୧୦,୧୧୯ ଔଷଧ ନମୁନା ପରୀକ୍ଷା କରାଯାଇଛି । ଏଥିମଧ୍ୟରୁ ୪୨ ନମୁନା ନିମ୍ନମାନର ବୋଲି ଜଣାପଡିଛି । ସତର୍କତାମୂଳକ ପଦକ୍ଷେପ ସ୍ୱରୂପ, ବିଭାଗ ପରବର୍ତ୍ତୀ ସୂଚନା ପର୍ଯ୍ୟନ୍ତ ଏହି କମ୍ପାନୀ ଦ୍ୱାରା ଉତ୍ପାଦିତ ସମସ୍ତ ୧୯ ପ୍ରକାରର ଔଷଧ ଯୋଗାଣକୁ ନିଷେଧ କରିଛି ।

## ଭାରତରେ ହିନ୍ଦୁ ଜିନ୍ନାଙ୍କ ଶାସନ ଚାହୁଁଛି ଆରଏସଏସ

**ମୁମ୍ବାଇ,୪।୧୦** ଶିବସେନା (ୟୁବିଟି)ଗତ କିଛି ଦିନ ଧରି ଲଗାତାର ବିଜେପି ଏବଂ ଆରଏସଏସକୁ ଟାର୍ଗେଟ କରି ଆସୁଛି । ଏହି ପରିପ୍ରେକ୍ଷୀରେ, ଶନିବାର ୟୁବିଟି ଏହାର ମୁଖପତ୍ର ସାମନା ମାଧ୍ୟମରେ ଆରଏସଏସକୁ କଡ଼ା ସମାଲୋଚନା ଉପରେ ଆକ୍ରମଣ କରିଛି । ସାମନାରେ ଆରଏସଏସର ଡିଏନଏ ଉପରେ ମଧ୍ୟ ପ୍ରଶ୍ନ ଉଠାଯାଇଛି । ସାମନାରେ ଏକ ବିବାଦୀୟ ମନ୍ତବ୍ୟ ପ୍ରଦାନ କରାଯାଇ ଲେଖାଯାଇଛି, ଆରଏସଏସର ଡିଏନଏରେ କି ପ୍ରକାରର ଜାତୀୟତାବାଦ ଏବଂ ହିନ୍ଦୁତ୍ୱ ଅଛି ତାହା ଉପରେ ଗବେଷଣା ଆବଶ୍ୟକ । ଶିବସେନା ଏହାର ମୁଖପତ୍ର ସାମନାରେ ଲେଖିଛି, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆରଏସଏସ) ଦେଶର ସ୍ୱାଧୀନତା ସଂଗ୍ରାମ କିମ୍ବା ପରବର୍ତ୍ତୀ ରାଷ୍ଟ୍ର ନିର୍ମାଣ ପ୍ରୟାସରେ ସାମିଲ ନଥିଲା । ଭାରତର ସ୍ୱାଧୀନତା ସଂଗ୍ରାମ ଆରଏସଏସର ପ୍ରଗତି ଉପରେ ସାମାନ୍ୟତମ ପ୍ରଭାବ ପକାଇନାହିଁ । ଏହା ଆଶ୍ଚର୍ଯ୍ୟଜନକ ଯେ, ଆରଏସଏସ ଏବେ ବି ସ୍ୱାଧୀନତା, ଜାତୀୟତାବାଦ ଇତ୍ୟାଦି ଉପରେ ଭାଷଣ ଦେଉଛି । ମୁଖପତ୍ରରେ ଉଲ୍ଲେଖ କରାଯାଇଛି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଅମିତ ଶାହଙ୍କ ଶାସନ ଆରଏସଏସର ସ୍ୱପ୍ନ ପୂରଣ କରିବାକୁ ଲକ୍ଷ୍ୟ ରଖିଛି । ଆ।ରଏସଏସର ଦୃଷ୍ଟିକୋଣ ହେଉଛି ଦେଶର ଏକତାକୁ ନଷ୍ଟ କରିବା ଏବଂ ସହନଶୀଳ ହିନ୍ଦୁମାନଙ୍କର ନୁହେଁ ବରଂ କଠୋର ତଥା ଖରାପ ମନୋଭାବ ରଖିଥିବା ହିନ୍ଦୁମାନଙ୍କର ଏକ ଶାସନ ପ୍ରତିଷ୍ଠା କରିବା । ସେହି ଶାସନକୁ ଏକ ହିନ୍ଦୁ ରାଷ୍ଟ୍ର ଭାବରେ ମାନ୍ୟତା ଦେବା । ସଂକ୍ଷେପରେ, ଆରଏସଏସ ଦେଶରେ ଏକ ହିନ୍ଦୁ ମହମ୍ମଦ ଅଲି ଜିନ୍ନାଙ୍କ ପରି ଶାସନ ଚାହୁଁଛି । ସେମାନଙ୍କର ଲକ୍ଷ୍ୟ



ହେଉଛି ଭାରତକୁ ଏକ ହିନ୍ଦୁ ପାକିସ୍ତାନରେ ପରିଣତ କରିବା । ଏହାର ଅର୍ଥ ବ୍ୟକ୍ତିଗତ ସ୍ୱାଧୀନତା, ଗଣତନ୍ତ୍ର ଏବଂ ଦେଶର ସଂସଦକୁ ବଳିଦାନ ଦେବାକୁ ପଡ଼ିପାରେ । ସାମନାରେ ପ୍ରକାଶ ପାଇଛି, ସଂଘର ବୌଦ୍ଧିକ ଶାଖାକୁ ଶ୍ରୀଲଙ୍କା, ନେପାଳ ଏବଂ ବାଂଲାଦେଶରେ ଦେଖାଦେଇଥିବା ସାର୍ବଜନୀନ ଆନ୍ଦୋଳନ ଉପରେ ପ୍ରତିଫଳନ କରିବା ଉଚିତ । ସେମାନଙ୍କର ଶାସକମାନେ ପ୍ରଥମେ ଲୋକଙ୍କୁ ଧର୍ମାନ୍ଧତା ଏବଂ ଉଗ୍ର ଜାତୀୟତାବାଦ ଦ୍ୱାରା ଉତ୍ତେଜିତ କରିଥିଲେ । ପରେ ସେମାନଙ୍କୁ ଅନ୍ଧ ଭକ୍ତରେ ପରିଣତ କରିଥିଲେ । ମୁଖପତ୍ରରେ ପ୍ରକାଶ ପାଇଛି, ସରସଂଘଚାଳକ ମୋହନ ଭାଗବତ ଆରଏସଏସ ବିଜୟାଦଶମୀ ସମ୍ମିଳନୀରେ ତାଙ୍କର ସାଧାରଣ ଭାଷଣ ଦେଇଥିଲେ । ସେଥିରେ ମାର୍ଗଦର୍ଶନ କିମ୍ବା ଦିଗଦର୍ଶନର ଅଭାବ ଥିଲା । ଆରଏସଏସ ଶହେ ବର୍ଷ ଧରି ପ୍ରତିଷ୍ଠିତ ହୋଇଛି । ତେଣୁ, ବିଜୟାଦଶମୀ ସମ୍ମିଳନୀରେ ଏକ ଭିନ୍ନ ବାର୍ତ୍ତା ଦିଆଯିବ ବୋଲି ଆଶା କରାଯାଉଥିଲା । ସରସଂଘଚାଳକ ବିଜେପିର ଭାବନାକୁ ପ୍ରତିଫଳିତ କରିଥିଲେ । ମୋଦୀ-ଶାହ ଶାସନ ଆରଏସଏସର ସ୍ୱପ୍ନ ପୂରଣ କରିବାକୁ ଲକ୍ଷ୍ୟ ରଖିଛନ୍ତି । ଆ।ରଏସଏସର ଦୃଷ୍ଟିକୋଣ ହେଉଛି ଦେଶର ଏକତାକୁ ନଷ୍ଟକରିବା ଏବଂ ସହନଶୀଳ ହିନ୍ଦୁମାନଙ୍କର ନୁହେଁ ବରଂ ଭ୍ରଷ୍ଟ ମାନସିକତା ଥିବା ଧର୍ମାନ୍ଧ, ଖରାପ ମନୋଭାବ ରଖିଥିବା ହିନ୍ଦୁମାନଙ୍କର ଶାସନ ପ୍ରତିଷ୍ଠା କରିବା ଏବଂ ସେହି ଶାସନକୁ ହିନ୍ଦୁ ରାଷ୍ଟ୍ର ଭାବରେ ମାନ୍ୟତା ଦେବା । ମୁଖପତ୍ର ସାମନାରେ ପ୍ରକାଶ ପାଇଛି, କେନ୍ଦ୍ର ସରକାର ଏହାର ୧୦୦ତମ ବାର୍ଷିକୀ ପାଳନ ପାଇଁ ଆରଏସଏସ ନାମରେ ଡାକ ଟିକେଟ୍ ଏବଂ ସ୍ୱତନ୍ତ୍ର ମୁଦ୍ରା ଜାରି କରିଛନ୍ତି, କିନ୍ତୁ ଆରଏସଏସ ଦ୍ୱାରା ପ୍ରଚଳିତ ବିଜେପିର ମୁଦ୍ରା ନକଲି ଏବଂ ଦୁର୍ନୀତିଗ୍ରସ୍ତ । ଆରଏସଏସ ମୋଦୀ ଏବଂ ଶାହଙ୍କ ପରି ଏକଛତ୍ରବାଦୀଙ୍କୁ ସୃଷ୍ଟି କରିଛି ତଥା ସେମାନଙ୍କର ଏକଛତ୍ରବାଦକୁ ମଜବୁତ କରିଛି । ବର୍ତ୍ତମାନ, ଆରଏସଏସର ଏହି ପାପ ଦେଶ ଉପରେ ଭାରୀ ପଡ଼ିଛି । ଏହି ଗୋଷ୍ଠୀଗୁଡ଼ିକର ଜାତୀୟତାବାଦର ପର୍ଦ୍ଦାଫାସ୍ ସମ୍ପର୍କରେ ପ୍ରତିଦିନ ପ୍ରକାଶ ପାଉଛି ।

## ଫାରୁକ ଅବଦୁଲ୍ଲା ଅସୁସ୍ଥ

**ନୂଆଦିଲ୍ଲୀ,୪।୧୦** ଜମ୍ମୁକାଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ଏବଂ ନ୍ୟାସନାଲ କନଫରେନ୍ସର ସଭାପତି ଫାରୁକ ଅବଦୁଲ୍ଲାଙ୍କୁ ଶନିବାର (ଅକ୍ଟୋବର ୪) ଶ୍ରୀନଗରର ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ସୂଚନା ଅନୁଯାୟୀ, ୮୭ ବର୍ଷୀୟ ଫାରୁକ ଅବଦୁଲ୍ଲା ଗତ କିଛି ଦିନ ଧରି ଅସୁସ୍ଥ ଥିଲେ । ଜମ୍ମୁ-କାଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ଫାରୁକ ଅବଦୁଲ୍ଲାଙ୍କ ପେଟରେ ସଂକ୍ରମଣ ହୋଇଥିଲା ଏବଂ ତାଙ୍କୁ ଚିକିତ୍ସା ପାଇଁ ଏକ ଘରୋଇ ହସ୍ପିଟାଲକୁ ନିଆଯାଇଛି ବୋଲି ଦଳୀୟ ନେତାମାନେ କହିଛନ୍ତି । ଦଳର ଜଣେ ନେତା କହିଛନ୍ତି, 'ସେ (ଅବଦୁଲ୍ଲା) ଗତ କିଛି ଦିନ ଧରି ଅସୁସ୍ଥ ଅନୁଭବ କରୁଥିଲେ । ଏବେ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଆସୁଛି ଏବଂ ତାଙ୍କୁ ଆଜି କିମ୍ବା କାଲି ଡିସଚାର୍ଜ କରାଯିବାର ସମ୍ଭାବନା ଅଛି ।' ଫାରୁକ ଅବଦୁଲ୍ଲାଙ୍କ ଜନ୍ମ ୨୧ ଅକ୍ଟୋବର ୧୯୩୭ରେ ଶ୍ରୀନଗରରେ ହୋଇଥିଲା । ସେ ଜମ୍ମୁକାଶ୍ମୀରର ପ୍ରମୁଖ ନେତାମାନଙ୍କ ମଧ୍ୟରୁ ଅନ୍ୟତମ । ୮୭ ବର୍ଷ ବୟସରେ ମଧ୍ୟ ସେ ରାଜନୀତିରେ ସମ୍ପୂର୍ଣ୍ଣ ସକ୍ରିୟ ଅଛନ୍ତି ଏବଂ ବିଭିନ୍ନ ପ୍ରସଙ୍ଗରେ ମନ୍ତବ୍ୟ ଦେଉଛନ୍ତି । ସେ ଇଂଲଣ୍ଡରେ ତାଙ୍କର ଶିକ୍ଷା ସମାପ୍ତ କରିଥିଲେୟ ୧୯୭୫ ମସିହାରେ, ସେ ଭାରତ ଫେରିଆ।ସି ତାଙ୍କ ପିତା ଶେଖ ଅବଦୁଲ୍ଲାଙ୍କ ରାଜନୈତିକ ଉତ୍ତରାଧିକାର ଗ୍ରହଣ କରିଥିଲେ । ଯଦିଓ ତାଙ୍କର ବ୍ରିଟିଶ ନାଗରିକତା ଏକ ଚ୍ୟାଲେଞ୍ଜ ସୃଷ୍ଟି କରିଥିଲା, ପରେ ସେ ଭାରତୀୟ ନାଗରିକତା ପାଇଥିଲେ । ପରେ ସେ ରାଜନୀତିରେ ପ୍ରବେଶ କରିଥିଲେ । ୧୯୮୦ ମସିହାରେ ଫାରୁକ ଅବଦୁଲ୍ଲା ପ୍ରଥମ ଥର ପାଇଁ ସଂସଦକୁ ନିର୍ବାଚିତ ହୋଇଥିଲେ । ଏହା କୌଣସି ନିର୍ବାଚନରେ ତାଙ୍କର ପ୍ରଥମ ବିଜୟ ଥିଲା । ଏହା ପରେ ଅବଦୁଲ୍ଲା ଆଉ ପଛକୁ ଫେରି ଚାହିଁନଥିଲେ । ସେ ୧୯୮୨ ମସିହାରେ ପ୍ରଥମ ଥର ପାଇଁ ବିଧାୟକ ହୋଇଥିଲେ ଏବଂ ପରବର୍ତ୍ତୀ ସମୟରେ ପାଞ୍ଚ ଥର ନିର୍ବାଚିତ ହୋଇଥିଲେ । ସେ ୧୯୮୨ ରୁ ୧୯୮୩ ପର୍ଯ୍ୟନ୍ତ ଜମ୍ମୁକାଶ୍ମୀରର ସ୍ୱାସ୍ଥ୍ୟମନ୍ତ୍ରୀ ଭାବରେ ମଧ୍ୟ କାର୍ଯ୍ୟ କରିଥିଲେ ।

## ସମ୍ଭଲ ବୁଲଡୋଜର ଆକ୍ସନ ଉପରେ ରୋକ ଲଗାଇବାକୁ ମନା କଲେ ହାଇକୋର୍ଟ

**ନୂଆଦିଲ୍ଲୀ,୪।୧୦** ଉତ୍ତର ପ୍ରଦେଶର ସମ୍ଭଲରେ ସରକାରୀ ଜମିରେ ନିର୍ମିତ ଏକ ମସଜିଦ ଏବଂ ସଂଲଗ୍ନ ବିବାହ ଗୃହ ସହ ଏକ ହସ୍ପିଟାଲ ଭଙ୍ଗାଯିବା ଉପରେ ରୋକ ଲଗାଇବାକୁ ମନା କରିଛନ୍ତି ଆହ୍ଲାବାଦ ହାଇକୋର୍ଟ । ଶନିବାର ଏହି ଆବେଦନକୁ ଖାରଜ କରି ବିଚାରପତି ଦିନେଶ ପାଠକଙ୍କ ଦ୍ୱାରା ଗଠିତ ଏକକ ଖଣ୍ଡପୀଠ ମସଜିଦ କମିଟିକୁ ଏହି ଆଦେଶ ବିରୋଧରେ ଟ୍ରାଏଲ୍ କୋର୍ଟରେ ଆବେଦନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ମସଜିଦ ସରିଫ ଗୌସୁଲ ୱାରା ରାୱା ବୁଜୁର୍ଗ ଏବଂ ଏହାର ମୁତାୱାଲ୍ଲୀ (ଯତ୍ନକର୍ତ୍ତା), ମିଞ୍ଜାରଙ୍କ ଦ୍ୱାରା ଏହି ଆବେଦନଟି ଦାୟର କରାଯାଇଥିଲା । ସୂଚନା ମୁତାବକ, ଗତ ଗୁରୁବାର ଦିନ, ପ୍ରଶାସନ ରାୟା ବୁଜୁର୍ଗ ଗାଁରେ ସରକାରୀ ଜାଗା ଉପରେ ନିର୍ମିତ ଏକ ମସଜିଦ ଏବଂ ୩୦ହଜାର ବର୍ଗଫୁଟ ପରିମିତରେ ନିର୍ମିତ ବିବାହ ମଣ୍ଡପକୁ ଭାଙ୍ଗିଥିଲା । ବ୍ୟପକ ପୋଲିସ ଫୋର୍ସ ଉପସ୍ଥିତିରେ ବୁଲଡୋଜର ବ୍ୟବହାର କରି ହଲଟିକୁ ଭାଙ୍ଗି ଦିଆଯାଇଥିଲା । ଦଶ ବର୍ଷ ପୂର୍ବେ ନିର୍ମିତ ଏହି ମସଜିଦ ଏବଂ ବିବାହ ମଣ୍ଡପକୁ ସର୍ଭେ ସମୟରେ ବେଆଇନ ଜବରଦଖଲ ଭାବେ ଘୋଷଣା କରାଯାଇଥିଲା । ଗତ ଚାରି ମାସ ମଧ୍ୟରେ ସମ୍ଭଲରେ ମସଜିଦକୁ ନେଇ ଏହା ଦ୍ୱିତୀୟ ବିବାଦ ଭାବେ ସାମ୍ନାକୁ ଆସିଛି । ଶୁଣାଣି ସମୟରେ, ମସଜିଦ କମିଟି ପୂର୍ବ ଶୁଣାଣିରେ କୋର୍ଟ ଦ୍ୱାରା ମଗାଯାଇଥିବା ଜମି ମାଲିକାନା ଦଲିଲ ଉପସ୍ଥାପନ କରିଥିଲା । ମସଜିଦ ପକ୍ଷରୁ ଉପସ୍ଥିତ ଓକିଲ ଅରବିନ୍ଦ କୁମାର ତ୍ରିପାଠି ଯୁକ୍ତି ଦେଇଥିଲେ ଯେ କୌଣସି ଆନୁଷ୍ଠାନିକ ନିର୍ଦ୍ଦେଶ ବିନା ଏହି ଅଭିଯାନ ଆରମ୍ଭ ହୋଇଥିଲା । ତେବେ, କୋର୍ଟଙ୍କ ହସ୍ତକ୍ଷେପ ପରେ, ଶେଷରେ ଏକ ନିର୍ଦ୍ଦେଶ ଜାରି କରାଯାଇଛି ବୋଲି ସେ ସୂଚନା ଦେଇଛନ୍ତି । ଏହି ଘଟଣାକୁ ନେଇ ଓକିଲ କହିଛନ୍ତି ଯେ ବିବାହ ମଣ୍ଡପ ପୂର୍ବରୁ ଭଙ୍ଗାଯାଇଥିଲା । ସେ ଆହୁରି ଅଭିଯୋଗ କରିଛନ୍ତି ଯେ କର୍ତ୍ତୃପକ୍ଷ ଜାଣିଶୁଣି ଗାନ୍ଧୀ ଜୟନ୍ତୀ ଏବଂ ଦଶହରା ସମୟକୁ ଏହି ଅଭିଯାନ ପାଇଁ ବଛିଥିଲେ । ତେବେ ପ୍ରସାସନର ଏହି ନିଷ୍ପତ୍ତି ବଡ଼ ଧରଣର ଦଙ୍ଗା ସୃଷ୍ଟି କରିପାରିଥାନ୍ତା ବୋଲି ସେ କହିଛନ୍ତି । ଅନ୍ୟପଟେ, ପ୍ରଶାସନ ଦାବି କରିଥିଲା ଯେ ବିବାହ ମଣ୍ଡପଟି ସେଠାରେ ପୂର୍ବରୁ ଥିବା ଏକ ପୋଖରୀ ଜମିରେ ନିର୍ମିତ ହୋଇଛି ।

## ୩୩ ବର୍ଷରେ ବଡମାଣିତିଆ ଦୁର୍ଗାପୂଜା

**କେନ୍ଦ୍ରାପଡ଼ା,୪।୧୦** କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ସାନମାଣିତିଆ ପଞ୍ଚାୟତର ବଡମାଣିତିଆ ଗ୍ରାମରେ ଦୁର୍ଗତୀ ନାଶିନୀ ମା' ଦୁର୍ଗାଦେବୀଙ୍କ ପଞ୍ଚ ଦିନାତ୍ମକ ପୂଜା ୩୩ ବର୍ଷରେ ପଦାର୍ପଣ କରିଛି । ୩୩ବର୍ଷ ତଳେ ଏହି ପୂଜା ମଣ୍ଡପରେ ମା' ଦୁର୍ଗାଙ୍କ ପୂଜା ଷୋଡ଼ଶ ଉପଚାର ପୂଜାବିଧି ଅନୁଯାୟୀ ଆରମ୍ଭ ହୋଇଥିଲା । ଏହି ଦୁର୍ଗା ପୂଜା ଦେଖିବା ପାଇଁ ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ । ପରମ୍ପରାକୁ ବଜାୟ ରଖି ମା'ଙ୍କ ପୂଜା ଆନନ୍ଦ ଓ ଭକ୍ତିର ସହ କରାଯାଉଛି ବୋଲି ବଡମାଣିତିଆ ଗ୍ରାମର ଯୁବନେତା ତଥା କେନ୍ଦ୍ରାପଡା ଜିଲ୍ଲା ପରିଷଦର ପୂର୍ବତନ ସଭାପତି ମାନସ କୁମାର ପରିଡା କହିଛନ୍ତି । ଏହି ପୂଜା ସହିତ ୫ଦିନ ବ୍ୟାପି ଯଜ୍ଞ ଉତ୍ସବ ଅନୁଷ୍ଠିତ ହେଉଛି । ଏହି ଅବସରରେ ବିଲ୍ୱବରଣ, କଳସାଧିବାସ ଆଦି ପୂଜା ପାରମ୍ପରିକ ରୀତିରେ ହେଉଥିବା ବେଳେ ଆସନ୍ତା କାଲି ମହାନବମୀ ପୂଜା ଅନୁଷ୍ଠିତ ହେବ । ନବମୀ ପୂଜା ପରେ ଦଶହରାରେ ମା'ଦୁର୍ଗାଙ୍କୁ ବିସର୍ଜନ କରାଯିବ । ଏହି ପୂଜା ମଣ୍ଡପରେ ପ୍ରତ୍ୟେକ ସନ୍ଧ୍ୟାରେ ଭଜନ ଓ ନାମ ସଂକୀର୍ତ୍ତନ ପରିବେଷଣ କରାଯାଉଛି ବୋଲି ଶ୍ରୀ ପରିଡା କହିଛନ୍ତି । ଏହି ପୂଜାକୁ କମିଟିର ସଭାପତି ରବୀନ୍ଦ୍ର କୁମାର ପରିଡ଼ା ୩୩ ବର୍ଷ ତଳେ ଆରମ୍ଭ କରିଥିଲେ । ସେବେଠାରୁ ନିରବଚ୍ଛିନ୍ନ ଭାବେ ପୂଜା ହୋଇଆସୁଛି ବୋଲି ଶ୍ରୀ ପରିଡ଼ା କହିଛନ୍ତି ।



# ଉତ୍କଳ ଆଲୁମିନା ପକ୍ଷରୁ ମହାଡମ୍ବରରେ ଶାରଦୀୟ ଦୁର୍ଗା ପୂଜା ଆୟୋଜିତ





ରାୟଗଡ଼ା,୪।୧୦ (ନି.ପ୍ର) : ରାୟଗଡ଼ା ଜିଲ୍ଲା ଟିକିରି ଅନ୍ତର୍ଗତ ଦୋରାଗୁଡ଼ା ସ୍ଥିତ ଉତ୍କଳ ଆଲୁମିନା ପକ୍ଷରୁ ସ୍ଥାନୀୟ ଦଶହରା ପଡ଼ିଆ ଠାରେ ସାର୍ବଜନୀନ ଶାରଦୀୟ ଦୁର୍ଗା ପୂଜା ମହାଡମ୍ବରରେ ଆୟୋଜିତ ହୋଇଛି । ଦୀର୍ଘ ପାଞ୍ଚଦିନ ଧରି ଆୟୋଜିତ ହେବାକୁ ଥିବା ଏହି ପୂଜାରେ ମାଁ ଦୂର୍ଗାଙ୍କ ଆରାଧନାରେ ଅଞ୍ଚଳର ଦଶଦିଗ ମୁଖରିତ ହୋଇଛି । ଗତ ୨୭ ରିଖରେ ମାଁଙ୍କ ମଣ୍ଡପରେ ମହାଷଷ୍ଠୀ ଦିନଠୁ ପୂଜାର୍ଚ୍ଚନା ଆରମ୍ଭ ହୋଇଛି। ଏଥିପାଇଁ ସମଗ୍ର ଅଞ୍ଚଳ ଉତ୍ସବମୁଖର ହୋଇପଡିଛି। ମାଁଙ୍କ ମୁର୍ମୟୀ ମୂର୍ତ୍ତି ଆକର୍ଷଣୀୟ ହୋଇଥିବାବେଳେ ରଙ୍ଗୀନ ଆଲୋକମାଳା ଓ ସୁସଜ୍ଜିତ ତୋରଣ ସ୍ଥାନୀୟ ଲୋକଙ୍କୁ ଆକର୍ଷିତ କରିଛି । ଆଜି ମାଁଙ୍କ ସନ୍ଧିପୂଜା ଓ ମହାନବମୀ ପୂଜା ଅନୁଷ୍ଠିତ ହେବାକୁ ଥିବାବେଳେ ଆସନ୍ତା କାଲି ଅର୍ଥାତ୍ ଗୁରୁବାର ଦିନ ଦଶହରା ଓ ରାବଣପୋଡ଼ି ପାଳିତ ହେବ। ଉତ୍କଳ ଆଲୁମିନା ଆନୁକୁଲ୍ୟରେ ଏହି ଶାରଦୀୟ ପୂଜା ଆୟୋଜିତ ହୋଇଥିବାବେଳେ ସ୍ଥାନୀୟ ଜନ ସାଧାରଣମାନେ ଏହାକୁ ଅକୁଣ୍ଠ ସହଯୋଗ କରିଛନ୍ତି। ମାଁଙ୍କୁ ଦର୍ଶନ କରିବାକୁ ଆସୁଥିବା ସ୍ଥାନୀୟ ଗ୍ରାମାଞ୍ଚଳ ଶ୍ରଦ୍ଧାଳୁଙ୍କ ମନୋରଞ୍ଜନ ସକାଶେ ପ୍ରତ୍ୟେକ ଦିନ ସନ୍ଧ୍ୟାରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ବିଭିନ୍ନ ସାମାଜିକ ବିଷୟବସ୍ତୁ ଆଧାରିତ ନାଟକ ମଞ୍ଚସ୍ଥ କରାଯାଉଛି। ଗତ ୨୮ ରିଖ ଦିନ ମଞ୍ଚରେ ସ୍ଥାନୀୟ ଗ୍ରାମାଞ୍ଚଳ କଳାକାରଙ୍କ ଦ୍ୱାରା ଭୁଗିଭୁଗି ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିବା ବେଳେ ଉକ୍ତ କାର୍ଯ୍ୟକ୍ରମରେ ପାଖାପାଖି ୨୨ଗୋଟି ନୃତ୍ୟ ଦଳ ଅଂଶଗ୍ରହଣ କରି ସେମାନଙ୍କର କଳା ପ୍ରଦର୍ଶନ କରିଥିଲେ। ସେହିପରି ଶ୍ରଦ୍ଧାଳୁଙ୍କ ମନୋରଞ୍ଜନକୁ ଗୁରୁତ୍ୱ ଦେଇ ରାଜ୍ୟର ବିଭିନ୍ନ ପ୍ରସିଦ୍ଧ ଅର୍କେଷ୍ଟ୍ରାର ଦଳ ତରଫରୁ ଦୈନିକ ସନ୍ଧ୍ୟାରେ ମନୋରଞ୍ଜନ ଭିତ୍ତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି। ଏଥିସହିତ ସ୍ଥାନୀୟ ଗ୍ରାମ ପଞ୍ଚାୟତ ସରପଞ୍ଚ ଅତିଥି ଭାବେ ଯୋଗ ଦେଇ ପାରମ୍ପରିକ ରୀତି ଅନୁଯାୟୀ ଦୀପ ପ୍ରଜ୍ୱଳନ ଓ ନଡ଼ିଆ ଭାଙ୍ଗିବା ପୂର୍ବକ କାର୍ଯ୍ୟକ୍ରମ ପ୍ରାରମ୍ଭ କରୁଥିବାବେଳେ ଗତ ୨୮ରିଖ ଦିନ କୁଚେଇପଦର ସରପଞ୍ଚ ବଙ୍ଗାରି ମାଝୀ, ୨୯ରିଖ ଦିନ ପୋଡାପାଡ଼ି ସରପଞ୍ଚ ନିଳାବତି ମଣ୍ଡାଙ୍ଗି ଓ ୩୦ରିଖ ଦିନ କୋଡ଼ିପାରି ସରପଞ୍ଚ ଡମ୍ବରୁଧର ମାଝୀ ଓ ସ୍ଥାନୀୟ ମାନ୍ୟଗଣ୍ୟ ବ୍ୟକ୍ତି ସାବଲା ନାଏକ, ଚିତ୍ରସେନ ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମ ଗୁଡ଼ିକ ଉତ୍କଳ ଆଲୁମିନା ପ୍ରତେକ୍ଷ ତତ୍ୱାବଧାନରେ ଆୟୋଜିତ ହୋଇଥିବାବେଳେ ନାରାୟଣ ମୀତ୍ରା, କିରଣ ନାୟକ, ପିତାମ୍ବର ବେହେରା, ଭୋଜରାଜ୍ ଦାଶ ଓ ବେଲକର ନାଏକଙ୍କ ସମେତ ଅନ୍ୟ କର୍ମକର୍ତ୍ତା ପ୍ରମୁଖ ସକ୍ରିୟ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରୁଛନ୍ତି । ତେବେ ସନ୍ଧ୍ୟାରେ ମାଁଙ୍କ ଦର୍ଶନ ପାଇଁ ପ୍ରବଳ ଭିଡ ଜମୁଥିବାରୁ ସ୍ଥାନୀୟ ଦୋରାଗୁଡା ପୁଲିସ ଓ ଉତ୍କଳ ଆଲୁମିନା ସୁରକ୍ଷା ବିଭାଗ ପକ୍ଷରୁ ସୁରକ୍ଷା ବୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଏଥିସହିତ ଦଶହରା ପଡ଼ିଆରେ ଶ୍ରଦ୍ଧାଳୁଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଶ୍ରଦ୍ଧାଳୁଙ୍କ ପାଇଁ ପାନୀୟ ଜଳ, ଆମ୍ବୁଲାନ୍ସ ଓ ୨୪ଘଣ୍ଟିଆ ସିସିଟିଭି ନିୟନ୍ତ୍ରଣ କକ୍ଷ କରାଯାଇଛି। ଏଥିସହ ଦଶହରା ପଡ଼ିଆରେ ବିଭିନ୍ନ ପ୍ରକାରର ଆବଶ୍ୟକ ଘରକରଣା ସାମଗ୍ରୀ, ଖାଦ୍ୟପେୟ ଷ୍ଟଲ୍ ବିଶେଷ ଭାବେ ପିଲାମାନଙ୍କ ଖେଳନା ସାମଗ୍ରୀ ଷ୍ଟଲ୍ ଖୋଲାଯାଇଥିବା ବେଳେ ଏଠାରେ ସନ୍ଧ୍ୟା ହେଲେ ପ୍ରବଳ ଭିଡ ଦେଖିବାକୁ ମିଳିଛି।

# ଜିନ୍ଦଲ ଷ୍ଟିଲ ପ୍ଲାଣ୍ଟରେ ନୂଆ ବେସିକ୍ ଅକ୍ସିଜେନ ଫର୍ନେସର ଶୁଭାରମ୍ଭ

## ବାର୍ଷିକ ଉତ୍ପାଦନ କ୍ଷମତା ୯ ମିଲିୟନ ଟନକୁ ବୃଦ୍ଧି



ଅନୁଗୁଳ, ୪।୧୦ (ନି.ପ୍ର) : ବିଶିଷ୍ଟ ଶିଳ୍ପପତି ଶ୍ରୀ ନବୀନ ଜିନ୍ଦଲଙ୍କ ନେତୃତ୍ୱରେ ପରିଚାଳିତ ଜିନ୍ଦଲ ଷ୍ଟିଲର ଅନୁଗୁଳ ସମନ୍ୱିତ ଷ୍ଟିଲ ପ୍ଲାଣ୍ଟରେ ୨୫୦ ମେଟ୍ରିକ ଟନ କ୍ଷମତାବିଶିଷ୍ଟ ବେସିକ ଅକ୍ସିଜେନ ଫର୍ନେସ କନଭର୍ଟରର ଶୁଭାରମ୍ଭ ହୋଇଛି। ଏହା ଦ୍ୱାରା କମ୍ପାନିର ଷ୍ଟିଲ ଉତ୍ପାଦନ କ୍ଷମତା ବାର୍ଷିକ ୩ ମିଲିୟନ ଟନ୍ ବୃଦ୍ଧି ପାଇଛି। ବର୍ତ୍ତମାନ ଅନୁଗୁଳ ଷ୍ଟିଲ ପ୍ଲାଣ୍ଟର ଉତ୍ପାଦନ କ୍ଷମତା ବାର୍ଷିକ ୬ ମିଲିୟନ ଟନରୁ ୯ ମିଲିୟନ ଟନକୁ ବୃଦ୍ଧି ପାଇଛି। ଏହି ଉପଲବ୍ଧି ସହ ଚଳିତ ଆର୍ଥିକ ବର୍ଷରେ ବାର୍ଷିକ ଉତ୍ପାଦନ ଲକ୍ଷ୍ୟ ୧୨ ମିଲିୟନ ଟନର ଆହୁରି ନିକଟତର ହୋଇଛି।

ବ୍ଲାଷ୍ଟ ଫର୍ନେସ- ୨ ଏବଂ ନୂଆ ବିଓଏଫ୍ କନଭର୍ଟରର ଏକତ୍ର ଶୁଭାରମ୍ଭ ହେବା ଇସ୍ପାତ କ୍ଷେତ୍ରରେ ଭାରତର ଆତ୍ମନିର୍ଭରଶୀଳତା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ। ଏହି ସମ୍ପ୍ରସାରଣ ଦ୍ୱାରା ଉପଭୋକ୍ତା ଇସ୍ପାତ ଉତ୍ପାଦ ପ୍ରସ୍ତୁତି କରୁଥିବା ପ୍ଲାଣ୍ଟଗୁଡ଼ିକ ପାଇଁ ଅବାଧ ଇସ୍ପାତ ଉପଲବ୍ଧି ସୁନିଶ୍ଚିତ ହେବ। ଭିତ୍ତିଭୂମି ନିର୍ମାଣ, ଶକ୍ତି ଉତ୍ପାଦନ, ଅଟୋମୋବାଇଲ, ତୈଳ ଏବଂ ଗ୍ୟାସ ଓ ରିୟଲ ଇଷ୍ଟେଟ କ୍ଷେତ୍ର ପାଇଁ ଉଚ୍ଚମାନର ତଥା ସ୍ୱଦେଶୀ ଇସ୍ପାତ ଉପଲବ୍ଧ ହୋଇପାରିବ। ଜିନ୍ଦଲ ଷ୍ଟିଲର ଅଧ୍ୟକ୍ଷ ଶ୍ରୀ ନବୀନ ଜିନ୍ଦଲ ଏହି ଅବସରରେ ଖୁସି ପ୍ରକାଶ କରିବା ସହ କହିଛନ୍ତି, "ନୂଆ ବେସିକ ଅକ୍ସେଜନ ଫର୍ନେସ ବର୍ତ୍ତମାନ କାର୍ଯ୍ୟକ୍ଷମ ଏବଂ ସଫଳତାର ସହ ପ୍ରଥମ ହିଟ୍ ଟ୍ୟାପ୍ କରାଯାଇଛି। ଏହା ସହିତ ଅନୁଗୁଳ ପ୍ଲାଣ୍ଟର ଉତ୍ପାଦନ କ୍ଷମତାକୁ ନୂଆ ଶକ୍ତି ମିଳିଛି। ଆମେ ଆତ୍ମନିର୍ଭର ଭାରତର ସ୍ୱପ୍ନକୁ ସାକାର କରିବା ରାସ୍ତାରେ ଅଗ୍ରସର ହୋଇଛୁ।"

# ପାରାଦୀପ ରିଫାଇନାରୀ ପକ୍ଷରୁ ଗାନ୍ଧୀ ଜୟନ୍ତୀ ଓ ସ୍ୱଚ୍ଛ ଭାରତ ଦିବସ ପାଳିତ



ପାରାଦୀପ,୪।୧୦ (ନି.ପ୍ର) : ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ୧୫୬ତମ ଜନ୍ମ ବାର୍ଷିକ ଇଣ୍ଡିଆନ୍ ଅଏଲ୍ ପାରାଦୀପ ରିଫାଇନାରୀ ପରିସରରେ ପାଳିତ ହୋଇଯାଇଛି । କାର୍ଯ୍ୟକାରୀ ନିର୍ଦ୍ଦେଶକ ତଥା ରିଫାଇନାରୀ ମୁଖ୍ୟ କୈଶିକ ବସୁ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରିବା ସହିତ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ଗାନ୍ଧିଜୀଙ୍କ ପ୍ରଦର୍ଶିତ ମାର୍ଗ ସତ୍ୟ, ସରଳତା ଏବଂ ଅହିଂସା ଆଜିର ସମାଜରେ ଆବଶ୍ୟକତା ରହିଛି । ଏହାକୁ ପାଥେୟ କରି ଚାଲିଲେ ଜୀବନରେ ସଫଳତା ହାସଲ କରି ହେବ ବୋଲି ଶ୍ରୀ ବସୁ ତାଙ୍କ ବକ୍ତବ୍ୟରେ କହିଥିଲେ । ଆଜିର ଦିନରେ ଗାନ୍ଧୀଙ୍କ ବାଣୀ ମଣିଷ ଜୀବନରେ ବହୁ ଭାବେ ଆବଶ୍ୟକ ରହିଛି । ଏହି ଅବସରରେ ଶ୍ରୀ ବସୁ ଉପସ୍ଥିତ ଅଧିକାରୀ, କର୍ମଚାରୀମାନଙ୍କୁ ସ୍ୱଛତାର ଶପଥ ପାଠ କରାଇଥିଲେ । ସ୍ୱଛତା ହିଁ ସେବା ଅଭିଯାନର ସମାପନକୁ ଚିହ୍ନିତ କରି ଏହି କାର୍ଯ୍ୟକ୍ରମକୁ ସ୍ୱଛ ଭାରତ ଦିବସ ଭାବରେ ପାଳନ କରାଯାଇଥିଲା ।

# ସ୍ୱଚ୍ଛତା ପଖୱାଡ଼ା : ପୂର୍ବତଟ ରେଳପଥର ଦୁଇ ସପ୍ତାହୀୟ ସ୍ୱଚ୍ଛତା ଅଭିଯାନ





ଭୁବନେଶ୍ୱର,୪।୧୦ (ନି.ପ୍ର) : ପୂର୍ବତଟ ରେଳପଥ ୧ ଅକ୍ଟୋବର ୨୦୨୫ ରୁ ସ୍ୱଚ୍ଛତା ପଖୱାଡା ଆରମ୍ଭ କରିଛି। ଏହି ଦୁଇ ସପ୍ତାହୀୟ ସ୍ୱଚ୍ଛତା ଅଭିଯାନ ମାଧ୍ୟମରେ ରେଳପଥ ତାହାର ସମସ୍ତ କ୍ଷେତ୍ରରେ ପରିଷ୍କାରତା ଏବଂ ସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ପାଇଁ ଅଟଳ ପ୍ରତିବଦ୍ଧତାକୁ ପୁନର୍ବାର ସ୍ଥିର କରିଛି।

ଏହି ଅବସରରେ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ଶ୍ରୀ ପରମେଶ୍ୱର ଫୁଙ୍କୱାଲ ଅଧିକାରୀ ଏବଂ କର୍ମଚାରୀଙ୍କୁ ସ୍ୱଚ୍ଛତା ଶପଥ ପାଠ କରାଇଥିଲେ। ସେ ବ୍ୟକ୍ତିଗତ ଦାୟିତ୍ୱର ଗୁରୁତ୍ୱକୁ ଉଲ୍ଲେଖ କରିଥିଲେ ଏବଂ ସମସ୍ତଙ୍କୁ ସ୍ୱଚ୍ଛତା ବଜାୟ ରଖିବା ସହିତ ସାଧାରଣ ଲୋକଙ୍କୁ ସଚେତନ କରିବା ପାଇଁ ପ୍ରେରିତ କରିଥିଲେ। ସମସ୍ତ ଡିଭିଜନରେ ଏକାସାଥିରେ ଏହି ଅଭିଯାନ ଆରମ୍ଭ ହୋଇଥିଲା। ଷ୍ଟେସନ, ଟ୍ରେନ୍, କାର୍ଯ୍ୟାଳୟ, ୱାର୍କଶପ୍, ଡିପୋ, ହସ୍ପିଟାଲ ଓ କର୍ମଚାରୀ ଆବାସଗୁଡିକରେ ବ୍ୟାପକ ସ୍ୱଚ୍ଛତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହାର ଲକ୍ଷ୍ୟ ସାମୂହିକ ସଚେତନତା ବୃଦ୍ଧି କରି ସ୍ୱଚ୍ଛ ଓ ସବୁଜ ଭାରତ ଗଠନରେ ସାମୁଦାୟିକ ଭାଗିଦାରୀକୁ ପ୍ରୋତ୍ସାହିତ କରିବା।

କର୍ମଚାରୀମାନେ ପ୍ରତିବର୍ଷ ୧୦୦ ଘଣ୍ଟା ସ୍ୱଚ୍ଛତା କାର୍ଯ୍ୟକ୍ରମରେ ଅନୁଷ୍ଠାନ କରିବା ଓ ଅତି କମରେ ୧୦୦ ଜଣ ଅନ୍ୟମାନଙ୍କୁ ଏଥିରେ ସହଭାଗୀ କରିବାକୁ ଶପଥ ନେଇଛନ୍ତି। ଏହି ପଦକ୍ଷେପ ମହାତ୍ମା ଗାନ୍ଧୀଙ୍କ ସ୍ୱଚ୍ଛତା ସ୍ୱପ୍ନକୁ ପ୍ରତିଫଳିତ କରୁଛି ଏବଂ ବ୍ୟକ୍ତିଗତ ସହିତ ସାର୍ବଜନିକ ସ୍ଥାନରେ ମଧ୍ୟ ସ୍ୱଚ୍ଛତା ରଖିବାରେ ସାମୂହିକ ଚେଷ୍ଟାର ପ୍ରୟୋଜନୀୟତାକୁ ଉଦ୍ ?ଭାସିତ କରୁଛି।

ପୂର୍ବତଟ ରେଳପଥ ତାହାର ସମସ୍ତ ମଣ୍ଡଳରେ ଉଚ୍ଚତମ ସ୍ୱଚ୍ଛତା ମାନଦଣ୍ଡ ବଜାୟ ରଖିବାକୁ ପ୍ରତିଶ୍ରୁତିବଦ୍ଧ ଥାଇ, ଯାତ୍ରୀ, ହିତାଧିକାରୀ ଏବଂ ସାଧାରଣ ଲୋକଙ୍କର ସକ୍ରିୟ ଅଂଶଗ୍ରହଣରେ ଏକ ପରିଷ୍କାର, ସ୍ୱାସ୍ଥ୍ୟକର ଏବଂ ସବୁଜ ଆଗାମୀକୁ ଗଢ଼ିବା ପାଇଁ ନିରନ୍ତର ଚେଷ୍ଟା କରୁଛି।

# ପାରାଦୀପ ପୌରପାଳିକା ପକ୍ଷରୁ ଗାନ୍ଧୀ ଜୟନ୍ତୀ ଓ ସ୍ୱଚ୍ଛ ଭାରତ ଦିବସ ପାଳିତ



ପାରାଦୀପ,୪।୧୦ (ନି.ପ୍ର) : ପାରାଦୀପ ପୌରପାଳିକା ପକ୍ଷରୁ ଜାତିର ଜନକ ମହାତ୍ମା ଗାନ୍ଧୀ ଜୟନ୍ତୀ ଓ ସ୍ୱଚ୍ଛ ଭାରତ ଦିବସ ପାଳିତ ହୋଇଯାଇଛି । ପାରାଦୀପ ମଧୁବନସ୍ଥିତ ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟସ୍ଥ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତୀରେ ଉତ୍ସବର ମୁଖ୍ୟଅତିଥି ମାନ୍ୟବର ଶିକ୍ଷ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷାମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ମାଲ୍ୟାର୍ପଣ କରିଥିଲେ । ନଗରପାଳ ବସନ୍ତ ବିଶ୍ୱାଳ ଆୟୋଜିତ କାର୍ଯ୍ୟକ୍ରମରେ ପୌରହିତ୍ୟ କରିଥିଲେ । ସମଗ୍ର ଦେଶରେ ସ୍ୱଛତା ବଜାୟ ରଖିବା ପାଇଁ ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆହ୍ୱାନ ଦେଇଥିଲେ । ଏହାକୁ ଦେଶବାସୀ ଆଦରର ସହିତ ଗ୍ରହଣ କରି ଭାରତକୁ ସ୍ୱଛ ଦେଶ ଭାବେ ପରିଚିତ କରି ପାରିଛନ୍ତି ବୋଲି ମାନ୍ୟବର ମନ୍ତ୍ରୀ ଶ୍ରୀ ସ୍ୱାଇଁ ତାଙ୍କ ବକ୍ତବ୍ୟରେ କହିଥିଲେ । ପାରାଦୀପ ସହରକୁ ସ୍ୱଛ ସହର ଭାବେ ପରିଚିତ କରିବାରେ ନଗରପାଳ ବସନ୍ତ ବିଶ୍ୱାଳଙ୍କ ଭୂମିକାକୁ ସେ ପ୍ରଶଂସା କରିଥିଲେ । ଏହି କାର୍ଯ୍ୟକ୍ରମରେ ପୌରପାଳିକାର ପାରିଷଦ, ପାରାଦୀପ ଅନ୍ତେବାସୀ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ । ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା ।

# ଝାରସୁଗୁଡ଼ାରେ "କନଭେନସନ ଅନ୍ ଜିଏସଟି ରିଫର୍ମ - ୨୦୨୫"ରେ କେନ୍ଦ୍ରମନ୍ତ୍ରୀ

## ଜିଏସଟି ସଂସ୍କାର ଦ୍ୱାରା ସହଜ ଜୀବନଯାପନ ସହ ଅର୍ଥନୈତିକ ସଂସ୍କାରର ନୂଆ ଯୁଗ ଆରମ୍ଭ ହୋଇଛି : ଧର୍ମେନ୍ଦ୍ର



ଝାରସୁଗୁଡ଼ା,୪।୧୦ (ନି.ପ୍ର) : ଜିଏସଟି ସଂସ୍କାର ୨.୦ ଦ୍ୱାରା 'ସହଜ ଜୀବନଯାପନ' ଓ ଅର୍ଥନୈତିକ ସଂସ୍କାରର ନୂଆ ଯୁଗ ଆରମ୍ଭ ହୋଇଛି । ଇଜ୍ ଅଫ୍ ଲିଭିଂ ଏବଂ ଇଜ୍ ଅଫ୍ ଡୁଇଙ୍ଗ୍ ବିଜିନେସକୁ ପ୍ରୋତ୍ସାହିତ କରି ଏହି ଜିଏସଟି ସଂସ୍କାର ଭାରତକୁ ୨୦୪୭ ସୁଦ୍ଧା ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିବାର ମାର୍ଗ ପ୍ରଶସ୍ତ କରିବ ବୋଲି ଶୁକ୍ରବାର 'ଝାରସୁଗୁଡ଼ା ଚାମ୍ବର୍ସ ଅଫ୍ କମର୍ସ' ପକ୍ଷରୁ ଆୟୋଜିତ ଜିଏସଟି ସଂସ୍କାର ସମ୍ପର୍କିତ "କନଭେସନ ଅନ୍ ଜିଏସଟି ରିଫର୍ମ - ୨୦୨୫" କାର୍ଯ୍ୟକ୍ରମରେ ଯୋଗଦେଇ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।

କେନ୍ଦ୍ରମନ୍ତ୍ରୀ ପ୍ରେଜେଣ୍ଟେସନ ମାଧ୍ୟମରେ ଟିକସ ପ୍ରକ୍ରିୟା ସରଳୀକରଣ ଦ୍ୱାରା ମୋଦୀ ସରକାରରେ ଆସିଥିବା ଅଭୁତପୂର୍ବ ପରିବର୍ତ୍ତନ ଓ ଏହା ଦ୍ୱାରା ଦେଶକୁ ମିଳିବାକୁ ଥିବା ଲାଭ ଉପରେ ଆଲୋକପାତ କରିଥିଲେ । ଶ୍ରୀ ପ୍ରଧାନ କହିଥିଲେ ଭାରତ ୪.୨ ଟ୍ରିଲିୟନ ଆମେରିକୀୟ ଡଲାର ସହ ବିଶ୍ୱର ଚତୁର୍ଥ ବୃହତମ ଅର୍ଥନୀତିର ଦେଶ ହୋଇଛି । ୨୦୧୩-୧୪ରେ ଦେଶର ରପ୍ତାନୀ ପରିମାଣ ୪୬୬.୨୨ ବିଲିୟନ ଆମେରିକୀୟ ଡଲାର ଥିବା ବେଳେ ଆଜି ତାହା ୭୭ ପ୍ରତିଶତ ବଢି ୮୨୪.୯ ବିଲିୟନ ଆମେରିକୀୟ ଡଲାର ହୋଇଛି । ଭାରତର ଆର୍ଥିକ ଅଭିବୃଦ୍ଧି ୬.୩ ପ୍ରତିଶତରୁ ୬.୮ ପ୍ରତିଶତ ହୋଇଛି ।

ସେ କହିଛନ୍ତି ଯେ ୨୦୧୯ରେ ଦେଶରେ ପ୍ରାୟ ୪.୯ କୋଟି ନିବେଶକ ଥିଲେ । ଏହି ସଂଖ୍ୟା ୧୩.୨ କୋଟି ହୋଇଛି । ଦେଶରେ ବିଦେଶ ପ୍ରତ୍ୟକ୍ଷ ପୁଞ୍ଜିନିବେଶ ବା ଏଫଡିଆଇ ୨୦୧୩-୧୪ ବର୍ଷରେ ୩୬.୦୫ ବିଲିୟନ ଆମେରିକୀୟ ଡଲାର ଥିଲା । ଏହି ସଂଖ୍ୟା ଦୁଇ ଗୁଣା ହୋଇ ୮୧.୦୪ ବିଲିୟନ ଆମେରିକୀୟ ଡଲାର ହୋଇଛି । ଦେଶର ଜିଡିପି ହାର ୨୦୧୪-୧୫ରେ ୧୦୬.୫୭ କୋଟିରୁ ତିନିଗୁଣା ବଢି ୩୩୧.୦୩ କୋଟି ହୋଇଛି । ଆମ ଦେଶରେ ବୈଦେଶିକ ମୁଦ୍ରା ଭଣ୍ଡାର (ଫରେକ୍ସ ରିଜର୍ଭ) ୬୯୭.୯ ବିଲିୟନ ଆମେରିକୀୟ ଡଲାର ବଢିଛି । ୨୦୨୦ରେ ଜିଏସଟି କଲେକ୍ସନ ୧୧ ଲକ୍ଷ କୋଟି ହୋଇଥିବା ବେଳେ ଏବେ ତାହା ବଢି ୨୨ ଲକ୍ଷ କୋଟି ହୋଇଛି । କେନ୍ଦ୍ରମନ୍ତ୍ରୀ କହିଥିଲେ ଯେ ଜିଏସଟି ସଂସ୍କାର ୨.୦ ଦ୍ୱାରା ଲୋକଙ୍କର ଖର୍ଚ୍ଚ କମୁଛି ଓ ସଞ୍ଚୟ ବଢୁଛି । ବିକଶିତ ଅର୍ଥନୀତି ପାଇଁ ଯେଉଁ ସର୍ତ୍ତର ପ୍ରସ୍ତୁତି ଦରକାର, ଏହି ଜିଏସଟି ସଂସ୍କାର ସେ ଦିଗରେ ବଡ଼ ପଦକ୍ଷେପ । ଏହାକୁ ନେଇ ଲୋକମାନେ ଉତ୍ସାହିତ ଅଛନ୍ତି । ମୋଦୀ ସରକାରରେ ଜିଏସଟି ପ୍ରକ୍ରିୟାରେ ସଂସ୍କାର ଓ ଜିଏସଟି ହାରରେ ସରଳୀକରଣ ପ୍ରମୁଖ ଅର୍ଥନୈତିକ କ୍ଷେତ୍ରକୁ ତ୍ୱରାନ୍ୱିତ କରିବ । ବିଶେଷ ଭାବରେ ଦୈନନ୍ଦିନ ବ୍ୟବହୃତ ଜିନିଷରେ ଜିଏସଟି କମିବା ଦ୍ୱାରା ସାଧାରଣ ଲୋକମାନେ ଲାଭବାନ ହେବେ । ଏହି ସଂସ୍କାର ଦ୍ୱାରା କୃଷି, ଶିକ୍ଷା, ଷ୍ଟାର୍ଟଅପ୍, ବ୍ୟାବସାୟ ଏବଂ ସ୍ୱାସ୍ଥ୍ୟ ସମେତ ବିଭିନ୍ନ କ୍ଷେତ୍ରରେ ଲୋକମାନେ ବିଶେଷ ଭାବରେ ଲାଭ ପାଇବେ। ଏହାବ୍ୟତୀତ ଝାରସୁଗୁଡ଼ାରେ ବ୍ୟବସାୟ କ୍ଷେତ୍ରରେ ଥିବା ସମ୍ଭାବନା ଉପରେ ଚର୍ଚ୍ଚା କରିବା ସହ ଶିଶୁମାନଙ୍କୁ ପୋଷଣକୁ ଠିକ୍ କରିବା ପାଇଁ ଆଗେଇ ଆସିବା ପାଇଁ ଝାରସୁଗୁଡ଼ା ଚାମ୍ବର୍ସ ଅଫ କମର୍ସର ସଦସ୍ୟମାନଙ୍କୁ ସେ ଆହ୍ୱାନ କରିଛନ୍ତି ।


**NOTICE**

The Partnership Firm M/S.NILKANTH TRANSPORT, bearing Regd. No.512/15, AtPo-Belpahar, Ps-Belpahar, Dist-Jharsuguda,Pin-768211, Odisha has been reconstituted on dtd.22.09.2025 as follows.

1.Arun Kumar Patra (Incoming Managing Partner)
2.Laxmi Kalet (Incoming Partner)
3.Akshya Patra (Existing Partner)
4.Bhismadeb Patra (Existing Partner)
5.Anish Patra (Existing Partner)
6.Sunil Kumar Patra (Existing Partner)
7.Rama Padhan (Existing Partner)
8.Sabitri Sahu (Existing Partner)
9.Jibardhan Padhan (Existing Partner)
10.Parbati Munda (Existing Partner)

AND

Brundabati Pradhan (Outgoing Partner)
Manaranjan Bhoi (Outgoing Partner)

AND

The Registered office of the firm is changed to At-Mouza-Khadam,Khata No-161/1099, Plot No-219/2356,po-Khadam.Near Maa Sambaleswari mandir,Dist-Jharsuguda,Pin-768211,odisha.

**Arun Kumar Patra**
**Managing Partner**



# ଫାଇନାନ୍ସିଆଲ୍ ଷ୍ଟ୍ରାଟେଜି ଦିଗରେ ଏନଜେ ୱେଲଥ ସହିତ ହେମନ୍ତ କୁମାର ପତିଙ୍କ ଯାତ୍ରା

ଭାରତର ଦ୍ରୁତ ଗତିରେ ବୃଦ୍ଧି ପାଉଥିବା ଆର୍ଥିକ ଇକୋସିଷ୍ଟମରେ, ହେମନ୍ତ କୁମାର ପତିଙ୍କ ଏକ ବିଶ୍ୱସ୍ତ ମ୍ୟୁଚୁଆଲ ଫଣ୍ଡ ଡିଷ୍ଟ୍ରିବ୍ୟୁଟର (ଏମଏଫଡି) ଭାବରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି, ଯାହା ଏକ ପ୍ରଭାବଶାଳୀ ଟ. ୧୦୦ କୋଟି ଆସେଟ୍ସ ଅଣ୍ଡର ମ୍ୟାନେଜମେଂଟ (ଏୟୁଏମ୍), ୪୦ ଲକ୍ଷ ଟଙ୍କାର ମାସିକ ଏସଆଇପି ବୁକ୍ ଏବଂ ପ୍ରାୟ ୬୦୦ ନିବେଶକଙ୍କ ଗ୍ରାହକ ଆଧାରର ତଦାରଖ କରୁଛି । ତାଙ୍କର ଯାତ୍ରା ଉତ୍ସର୍ଗୀକୃତତା, କ୍ଲାଏଟ୍ ବିଶ୍ୱାସ ଏବଂ ଏନଜେ ୱେଲଥର ଉନ୍ନତ ପ୍ଲାଟଫର୍ମର ପ୍ରମୁଖ ଭୂମିକାକୁ ପ୍ରତିଫଳିତ କରେ ।

ହେମନ୍ତ ଆଇସିଆଇସିଆଇ ପ୍ରୁଡେନ୍ସିଆଲ୍ ଲାଇଫ୍ ଇନସ୍ୟୁରାନ୍ସ ସହିତ ତାଙ୍କର ବୃତ୍ତିଗତ କ୍ୟାରିୟର ଆରମ୍ଭ କରିଥିଲେ, ଯେଉଁଠାରେ ସେ ପ୍ରାୟ ଛଅ ବର୍ଷ କାର୍ଯ୍ୟ କରିଥିଲେ । ଏନଜେ ୱେଲଥ ସହିତ ସହଭାଗୀ ହୋଇଥିବା ଜଣେ ସହକର୍ମୀ ତାଙ୍କୁ ମ୍ୟୁଚୁଆଲ ଫଣ୍ଡ ବଂଟନର ସମ୍ଭାବନା ସହିତ ପରିଚିତ କରାଇଥିଲେ । 'ମୁଁ ଅନୁଭବ କଲି ଯେ ଏହା ହେଉଛି ଏକ କ୍ଷେତ୍ର ଯେଉଁଠାରେ ମୁଁ ଗ୍ରାହକମାନଙ୍କ ପାଇଁ ଦୀର୍ଘକାଳୀନ ଆର୍ଥିକ ମୂଲ୍ୟ ସୃଷ୍ଟି କରିପାରିବି ଏବଂ ଅର୍ଥପୂର୍ଣ୍ଣ ସମ୍ପର୍କ ଗଢ଼ିପାରିବି। ମୁଁ ୨୦୦୯ ରେ ଏନଜେ ୱେଲଥରେ ଯୋଗ ଦେଇଥିଲି, ଏବଂ ଏହା ଏକ ପୁରସ୍କୃତ ନିଷ୍ପତ୍ତି ଥିଲା, 'ସେ ଅଂଶୀଦାର କରନ୍ତି ।



ଯେତେବେଳେ ହେମନ୍ତ ଏମଏଫଡି ସ୍ପେସରେ ପ୍ରବେଶ କରିଥିଲେ, ସେତେବେଳେ ନିବେଶକଙ୍କ ସଚେତନତା କମ୍ ଥିଲା । ସମୟ ସହିତ, ସେ ଏକ ଉଲ୍ଲେଖନୀୟ ପରିବର୍ତ୍ତନ ଦେଖୁଛନ୍ତି । 'ଆଜି, ଗ୍ରାହକମାନେ ଭଲ ଭାବରେ ଅବଗତ ଏବଂ ବିନିଯୋଗ ପାଇଁ ଅଧିକ ଖୋଲା ଅଛନ୍ତି। ଅନେକ କ୍ରମାଗତ ଯୋଗଦାନକାରୀ ଏବଂ ସକ୍ରିୟ ଭାବରେ ଅନ୍ୟମାନଙ୍କୁ ରେଫର୍ କରନ୍ତି । କୋଭିଡ୍ ଅବଧି ଏହି ଗ୍ରହଣୀୟତାକୁ ଆହୁରି ତ୍ୱରାନ୍ୱିତ କରିଥିଲା, ମ୍ୟୁଚୁଆଲ୍ ଫଣ୍ଡକୁ ଏକ ପସନ୍ଦଯୋଗ୍ୟ ବିନିଯୋଗ ମାଧ୍ୟମ କରିଥିଲା ବୋଲି ସେ ଉଲ୍ଲେଖ କରିଛନ୍ତି ।

ହେମନ୍ତଙ୍କ ଅନୁଯାୟୀ, ଏନଜେ ୱେଲଥ ଏକ ଗେମ୍ ଚେଞ୍ଜର ହୋଇଛି। 'ପୂର୍ବରୁ, ଆକାଉଂଟ ଖୋଲିବା ପାଇଁ ମାନୁଆଲ ଡକ୍ୟୁମେଟେସନ୍ ଏବଂ କୋରିଅର୍ ସେବା ଅନ୍ତର୍ଭୁକ୍ତ ଥିଲା, ଯାହା ଧୀର ଏବଂ ମହଙ୍ଗା ଥିଲା। ବର୍ତ୍ତମାନର ନିରବଚ୍ଛିନ୍ନ ଡିଜିଟାଲ୍ ପ୍ଲାଟଫର୍ମ ସହିତ, ଗ୍ରାହକମାନେ, ଏପରିକି ଦୁବାଇ କିମ୍ବା ସିଙ୍ଗାପୁରରେ ମଧ୍ୟ ଆକାଉଟ୍ ଖୋଲିପାରିବେ ଏବଂ ୧୦-୧୫ ମିନିଟରେ ବିନିଯୋଗ ଆରମ୍ଭ କରିପାରିବେ । ପ୍ଲାଟଫର୍ମ, ସ୍ଥାନୀୟ ସମର୍ଥନ ଏବଂ ନିୟମିତ ତାଲିମ ଅଧିବେଶନ ମୋର ଅଭିବୃଦ୍ଧିରେ ପ୍ରମୁଖ ଭୂମିକା ଗ୍ରହଣ କରିଛି ବୋଲି ସେ ବ୍ୟାଖ୍ୟା କରିଛନ୍ତି । ତାଙ୍କର ଏକ ଗର୍ବର ସଫଳତା ହେଉଛି ପରିବାର ମଧ୍ୟରେ ତିନି ପିଢି ପାଇଁ ବିନିଯୋଗର ତଦାରଖ କରିବା । ସେ କୁହନ୍ତି, 'ଏହା କେବଳ ମୋ ଉପରେ ନୁହେଁ ବରଂ ଏନଜେ ୱେଲଥ ଇକୋସିଷ୍ଟମ ଉପରେ ମଧ୍ୟ ଗଭୀର ବିଶ୍ୱାସକୁ ପ୍ରତିଫଳିତ କରେ । ହେମନ୍ତ ଆଶାୟୀ ବିତରକମାନଙ୍କୁ ଉତ୍ସର୍ଗୀକୃତତା, ସଚ୍ଚୋଟତା, ଦୃଢ଼ ଗ୍ରାହକ ସମ୍ପର୍କ, ନିରନ୍ତର ଶିକ୍ଷା ଏବଂ ନିୟାମକ ସଚେତନତା ଗ୍ରହଣ କରିବାକୁ ଉତ୍ସାହିତ କରନ୍ତି । ସେ କହିଛନ୍ତି ଯେ ଭାରତରେ ମ୍ୟୁଚୁଆଲ ଫଣ୍ଡ ଶିଳ୍ପ ଏବେ ମଧ୍ୟ ଅନୁପ୍ରବେଶ କରୁଛି, ପ୍ରତିବଦ୍ଧ ବୃତ୍ତିଗତମାନଙ୍କ ପାଇଁ ବ୍ୟାପକ ସମ୍ଭାବନା ପ୍ରଦାନ କରୁଛି ।

# ବେଦାନ୍ତ ଆଇରନ୍ ଓର୍ ଓଡ଼ିଶା "ଏକ ପେଡ୍ ମା କେ ନାମ୍' ପଦକ୍ଷେପ ମାଧ୍ୟମରେ ସ୍ଥାୟୀତ୍ୱକୁ ପ୍ରୋତ୍ସାହିତ କରୁଛି

"ଏକ ପେଡ୍ ମା କେ ନାମ୍' ପଦକ୍ଷେପର ଅଂଶ ସ୍ୱରୂପ ବେଦାନ୍ତ ସେସା ଗୋଆ ଆଇରନ୍ ଓଡ଼ିଶା(ଆଇଓଓ) ଏହାର ବିଆଇସିଓ ଏବଂ ଫିଗ୍ରେଡ୍ ଖଣି ପରିସରରେ ଏକ ବ୍ୟାପକ ବୃକ୍ଷ ରୋପଣ ଅଭିଯାନ ସହିତ ପରିବେଶଗତ ସ୍ଥାୟୀତ୍ୱକୁ ପ୍ରୋତ୍ସାହିତ କରିବା ପ୍ରତି ନିଜର ପ୍ରତିବଦ୍ଧତାକୁ ଆହୁରି ଆଗକୁ ବଢାଇଛି। ଯାହା ସ୍ଥାୟୀ ଖଣି ଏବଂ ପରିବେଶଗତ ପରିଚାଳନା ପ୍ରତି ଏହାର ପ୍ରତିବଦ୍ଧତାକୁ ସୁଦୃଢ଼ କରିଛି।



ଏହି ପଦକ୍ଷେପର ଏକ ଅଂଶ ଭାବରେ ଏବଂ ଏହି ଅବସରରେ, ଆଇଓଓ ସ୍ଥାୟୀ ପରିବେଶଗତ ଅଭ୍ୟାସକୁ ପ୍ରୋତ୍ସାହିତ କରିବା ପାଇଁ ଏହାର ପ୍ରୟାସର ଅଂଶ ସ୍ୱରୂପ ୧୫୦୦ରୁ ଅଧିକ ଗଛ ରୋପଣ କରିଥିଲା। ଏହି କାର୍ଯ୍ୟକ୍ରମରେ କର୍ମଚାରୀ, ଶ୍ରମିକ ଏବଂ ବ୍ୟବସାୟିକ ଅଂଶୀଦାରଙ୍କ ପାଇଁ ଏକ ସଚେତନତା ଅଧିବେଶନ ମଧ୍ୟ ଅନ୍ତର୍ଭୁକ୍ତ ହୋଇଥିଲା ଏବଂ ବଡ଼ ବଡ଼ ବୃକ୍ଷ ରୋପଣ ସଫଳତାର ସହିତ ପରିଚାଳନା ପାଇଁ ଆବଶ୍ୟକତା ଉପରେ ଗୁରୁତ୍ୱପୂର୍ଣ୍ଣ ମାର୍ଗଦର୍ଶନ ପ୍ରଦାନ କରା ଯାଇଥିଲା।

ଏହି ଅବସରରେ ବେଦାନ୍ତ ଆଇରନ୍ ଓର୍ ଓଡ଼ିଶାର ମୁଖ୍ୟ ପରିଚାଳନ ।ଅଧିକାରୀ ବିଶ୍ୱନାଥ ସାହୁ କହିଲେ, ବେଦାନ୍ତରେ, ଆମେ ବିଶ୍ୱାସ କରୁ ଯେ, ଦାୟିତ୍ୱପୂର୍ଣ୍ଣ ବିକାଶ ପରିବେଶର ଯତ୍ନ ସହିତ ସମନ୍ୱୟରେ ଚାଲିବ ।ଉଚିତ୍। ଏହି ରୋପଣ ଅଭିଯାନ ଜୀବନକୁ ପୋଷଣ କରିବା, ଆମର ପରିବେଶ ପ୍ରଣାଳୀକୁ ସୁରକ୍ଷାଦେବ ଏବଂ ଆମକୁ ପ୍ରତିପାଳନ କରୁଥିବା ସମ୍ପ୍ରଦାୟ ଏବଂ ଭୂଦୃଶ୍ୟକୁ ଫେରାଇ ଦେବାବିଷୟରେ ସୂଚିତ କରିଥାଏ।

ଟ୍ରାନ୍ସଫର୍ମିଂ ପ୍ଲାନେଟ୍ ଅଧୀନରେ ଆମର ପ୍ରୟାସ ପରିବେଶଗତ ସୁରକ୍ଷା ଏବଂ ସ୍ଥାୟୀ ବିକାଶ ପ୍ରତି ଆମର ଦୀର୍ଘସ୍ଥାୟୀ ପ୍ରତିବଦ୍ଧତାକୁ ପ୍ରତି'ଳିତ କରୁଛି।

ପୂର୍ବରୁ ମଧ୍ୟ ବେଦାନ୍ତ ଆଇଓଓ ବିଶ୍ୱ ପୃଥିବୀ ଦିବସ ଏବଂ ବିଶ୍ୱ ପରିବେଶ ଦିବସ ଅବସରରେ ସମାନ ରୋପଣ ଅଭିଯାନ କରିଛି। ପଦ୍ମଶ୍ରୀ ଦୈତାରୀ ନାଏକ ମଧ୍ୟ ଏପ୍ରିଲ ୨୦୨୪ରେ କମ୍ପାନୀରେ ଯୋଗ ଦେଇଥିଲେ। ଏହି ଅଭିଯାନ ବେଦାନ୍ତର ବୃହତ ଇଏସଜି ଦୃଷ୍ଟିକୋଣ ସହିତ ସଂଯୁକ୍ତ ଯାହା ଦ୍ୱାରା ଲୋକମାନେ, ପୃଥିବୀ ଏବଂ ସମୃଦ୍ଧିକୁ ଏକୀକୃତ କରୁଥିବା ପଦକ୍ଷେପ ମାଧ୍ୟମରେ ଏକ ସବୁଜ ଆସନ୍ତାକାଲି ପାଇଁ ସୃଷ୍ଟି କରିବ। ସ୍ଥାନୀୟ ପରିବେଶରେ ବଢୁଥିବା ଦେଶୀ ପ୍ରଜାତି ବୃକ୍ଷ ଚାରା ରୋପଣ କରି, ବେଦାନ୍ତ ନିଶ୍ଚିତ କରିବାକୁ ଲକ୍ଷ୍ୟ ରଖିଛି ଯେ, ସୃଷ୍ଟି ହୋଇଥିବା ସବୁଜ ଆବରଣ ସ୍ଥିର ଏବଂ ବନ୍ୟପ୍ରାଣୀ ତଥା ଆଖପାଖ ଗୋଷ୍ଠୀ ଉଭୟଙ୍କ ପାଇଁ ଲାଭ ଦାୟକ ସାବ୍ୟସ୍ତ ହୋଇଥାଏ।

# ବ୍ରହ୍ମପୁର-ସୁରତ (ଉଧନା)-ବ୍ରହ୍ମପୁର ଅମୃତ ଭାରତ ସାପ୍ତାହିକ ଏକ୍ସପ୍ରେସର ନିୟମିତ ସେବା

ଭୁବନେଶ୍ୱର, (ନି.ପ୍ର) : ରେଳ ମନ୍ତ୍ରଣାଳୟ ପଶ୍ଚିମ, ମଧ୍ୟ ଏବଂ ପୂର୍ବ ଭାରତରେ ଦୀର୍ଘ ଦୂରତା ରେଳ ସଂଯୋଗୀକରଣକୁ ଉନ୍ନତ କରିବା ପାଇଁ ଟ୍ରେନ ନମ୍ବର ୧୯୦୨୨/୧୯୦୨୧ ବ୍ରହ୍ମପୁର-ସୁରତ (ଉଧନା)-ବ୍ରହ୍ମପୁର ଅମୃତ ଭାରତ ଏକ୍ସପ୍ରେସ ଟ୍ରେନ ସେବାର ନିୟମିତ ସେବାକୁ ଅନୁମୋଦନ କରିଛି।

ଏହି ନୂତନ ଟ୍ରେନ୍ ସେବା ଖଣିଜ, ବୟନଶିଳ୍ପ ଏବଂ ବାଣିଜ୍ୟ କେନ୍ଦ୍ରଗୁଡ଼ିକୁ ସଂଯୋଗ କରି, ବ୍ୟବସାୟ ଏବଂ ଶ୍ରମଶକ୍ତିର ଗତିବିଧିକୁ ସମର୍ଥନ କରି ଆର୍ଥିକ ଏବଂ ଶିଳ୍ପ ଗତିଶୀଳତାକୁ ବୃଦ୍ଧି କରିବ।

ଟ୍ରେନ ବିବରଣୀ:

- ଟ୍ରେନ ନମ୍ବର ୧୯୦୨୨ ବ୍ରହ୍ମପୁର-ସୁରତ (ଉଧନା) ଅମୃତ ଭାରତ ସାପ୍ତାହିକ ଏକ୍ସପ୍ରେସ ୬ ଅକ୍ଟୋବର ଠାରୁ ପ୍ରତି ସୋମବାର ରାତି ୧୧ ଘ. ୪୫ ମିନଟରେ ବ୍ରହ୍ମପୁରରୁ ଛାଡ଼ିବ ଏବଂ ବୁଧବାର ସକାଳ ୦୮ ଘ. ୪୫ ମିନଟରେ ଉଧନାରେ ପହଞ୍ଚିବ।



ଫେରିବା ବେଳେ ଟ୍ରେନ୍ ନମ୍ବର ୧୯୦୨୧ ସୁରତ (ଉଧନା)-ବ୍ରହ୍ମପୁର-ଅମୃତ ଭାରତ ସାପ୍ତାହିକ ଏକ୍ସପ୍ରେସ୍ ୫ ଅକ୍ଟୋବରରୁ ପ୍ରତି ରବିବାର ସକାଳ ୦୭ ଘ.୧୦ ମିନଟରେ ଉଧନାରୁ ଛାଡିବ ଏବଂ ପରଦିନ ଅପରାହ୍ନ ୧ଘ. ୫୫ ମିନଟରେ ବ୍ରହ୍ମପୁରରେ ପହଞ୍ଚିବ।

ଏହି ଟ୍ରେନ୍ ପଲାସା, ବିଜୟନଗରମ୍, ରାୟଗଡା, ଟିଟିଲାଗଡ଼, ରାୟପୁର, ନାଗପୁର, ଭୁସାୱାଲ ଏବଂ ନନ୍ଦୁରବାର ସମେତ ପ୍ରମୁଖ ଷ୍ଟେସନରେ ରହଣି କରିବ।

ରହଣି ସ୍ଥଳ (ଉଭୟ ପଟୁ):

ଟ୍ରେନ୍ ନିମ୍ନଲିଖିତ ଷ୍ଟେସନଗୁଡ଼ିକରେ ରହଣି କରିବ:

ଶ୍ରୀକାକୁଳମ୍ ରୋଡ୍, ବୋବିଲି , ପାର୍ବତୀପୁରମ୍, ମୁନିଗୁଡା, କେସିଙ୍ଗା, କାଣ୍ଟାବାଞ୍ଜି, ଖରିଆର ରୋଡ୍, ମହାସମୁନ୍ଦ, ଦୁର୍ଗ, ଗୋଣ୍ଡିଆ, ୱାର୍ଧା, ବଡ଼ନେରା, ଆକୋଲା, ମାଲକାପୁର, ଜାଲଗାଓଁ, ଧାରଣଗାଓଁ , ଅମଲନେର, ସିନ୍ଧଖେଡ଼ା, ଦୋନ୍ଦାଇଚ, ନୱାପୁର, ବ୍ୟାରା ଏବଂ ବାରଡୋଲି ।

ଅମୃତ ଭାରତ ଟ୍ରେନ୍ ସେବା ଆଧୁନିକ ଖୱାଇ କୋଚ୍ ସଂଯୋଗ ସହିତ ଯାତ୍ରୀଙ୍କ ଯାତ୍ରା ଅଭିଜ୍ଞତାକୁ ଆହୁରି ବୃଦ୍ଧି କରିବ।

କୋଚ୍ ସଂରଚନା:

ଟ୍ରେନରେ ୨୨ଟି ଆଧୁନିକ ଶ୍ରେଣୀ କୋଚ୍ ରହିବ ଯେଉଁଥିରେ ୧୧ ଟି ଜେନେରାଲ୍ ଶ୍ରେଣୀ ସିଟିଂକୋଚ, ୦୮ ଟି ସ୍ଲିପର୍ ଶ୍ରେଣୀ କୋଚ, ୦୨ ଟି ଲଗେଜ୍ କମ ଦିବ୍ୟାଙ୍ଗଜନ କୋଚ୍ ଏବଂ ୦୧ଟି ପ୍ୟାଣ୍ଟ୍ରି କାର୍ ଅନ୍ତର୍ଭୁକ୍ତ।

ଏହି ସେବା ପଶ୍ଚିମ ଏବଂ ପୂର୍ବ ଭାରତ ମଧ୍ୟରେ ରେଳ ସଂଯୋଗକୁ ସୁଦୃଢ଼ କରିବା ସହିତ ଏକ ନିରାପଦ, ଆରାମଦାୟକ ଏବଂ ଦ୍ରୁତ ଯାତ୍ରା ବିକଳ୍ପ ପ୍ରଦାନ କରି ହଜାର ହଜାର ଯାତ୍ରୀଙ୍କୁ ଉପକୃତ କରିବ। ଅମୃତ ଭାରତ ଏକ୍ସପ୍ରେସ ଦୀର୍ଘ ଦୂରତା ରେଳ ସଂଯୋଗକୁ ସୁଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏହାର ଆଧୁନିକ ଡିଜାଇନ୍, ସୁଲଭ ଭଡ଼ା ଏବଂ ଏଲଏଚବି କୋଚ୍, ଏହି ସେବା ବିଶେଷ କରି ମଧ୍ୟମ ବର୍ଗର ଯାତ୍ରୀମାନଙ୍କୁ ଉପକୃତ କରିବ ଯେଉଁମାନେ ଆଞ୍ଚଳିକ ଅଭିବୃଦ୍ଧି ଏବଂ ଜନ କୈନ୍ଦ୍ରିକ ବିକାଶରେ ଯୋଗଦାନ ଦେବା ସହିତ ସୁଲଭ ଯାତ୍ରା ଉପରେ ନିର୍ଭର କରନ୍ତି ।

# ଭାରତୀୟ କ୍ରିକେଟ ଫ୍ୟାନ୍ ମାନଙ୍କୁ ପୁଣିଥରେ ନିରାଶ କରିଛି ଟାଟା ପ୍ଲେ

ଭୁବନେଶ୍ୱର (ନି.ପ୍ର) : ଗତ ରବିବାର ସେପ୍ଟେମ୍ବର ୧୪ ତାରିଖରେ ଏବଂ ପରବର୍ତ୍ତୀ ସମୟରେ ରବିବାର ସେପ୍ଟେମ୍ବର ୨୧ ତାରିଖରେ ୟୁଏଇରେ ଅନୁଷ୍ଠିତ ୨୦୨୫ ଏସିଆ କପ୍‌ରେ ଭାରତ-ପାକିସ୍ତାନର ପ୍ରତିଶୋଧମୂଳକ ମୁକାବିଲାରେ ବିଜୟର ସୁଖ ଅନୁଭବ ସତ୍ତ୍ୱେ ଦେଶବ୍ୟାପୀ ହଜାରହଜାର ଟାଟା ପ୍ଲେ ଗ୍ରାହକଙ୍କ ପାଇଁ ଏହା ଏକ ତିକ୍ତ ଅନୁଭବ ଥିଲା। କାରଣ ଅନେକ ଦର୍ଶକ ସୋନି ଚ୍ୟାନେଲରେ ସିଧାପ୍ରସାରଣ ହେଉଥିବା ମ୍ୟାଚ୍‌କୁ ଦେଖିବାରୁ ବଂଚିତ ହୋଇଥିଲେ । ଗତ କିଛି ମାସ ଧରି ଟାଟା ପ୍ଲେ ସୋନୀ ଚ୍ୟାନେଲଗୁଡିକୁ ନିଜର ମୂଳ ସବସ୍କ୍ରିପସନ୍ ପ୍ୟାକ୍ ବାହାରେ ରଖି ଦର୍ଶକଙ୍କୁ ସେଗୁଡିକୁ ଅଲଗା କିଣିବାକୁ ବାଧ କରୁଛି। ତଥାପି, ଭାରତ ବିପକ୍ଷ ପାକିସ୍ତାନ ଭଳି ଅତ୍ୟଧିକ ଆକର୍ଷଣୀୟ ମ୍ୟାଚ୍ ପାଇଁ ପ୍ରଶଂସକମାନେ ଏହି ଚ୍ୟାନେଲଗୁଡିକୁ ଯୋଡ଼ିଥିଲେ, କିନ୍ତୁ ମ୍ୟାଚ୍ ଦିନ ତ୍ରୁଟି କିମ୍ବା ପୁନଃସକ୍ରିୟକରଣ ସମସ୍ୟାର ସମ୍ମୁଖୀନ ହୋଇଥିଲେ। ଅନେକ ଟାଟା ପ୍ଲେ ବ୍ୟବହାରକାରୀ ଦେୟ ପରିଶୋଧ ସତ୍ତ୍ୱେ ଖେଳକୁ ଦେଖିପାରିଲେ ନାହିଁ।

ଚେନ୍ନାଇରେ ଜଣେ ଗୃହିଣୀ ନିରାଶା ପ୍ରକାଶ କରି କହିଛନ୍ତି ଯେ, "ଭାରତ-ପାକିସ୍ତାନ ମ୍ୟାଚ୍ ଏତେ ବିରଳ ହୋଇଥିବାରୁ ସମ୍ପୂର୍ଣ୍ଣ ପରିବାର ଏବଂ ବନ୍ଧୁ ମାନେ ଏକାଠି ହେବାକୁ ଯୋଜନା କରନ୍ତି। ଆମକୁ ଜଣାଥିଲା ଯେ ସୋନୀ ଚ୍ୟାନେଲଗୁଡିକ ଟାଟା ପ୍ଲେ ପ୍ୟାକ୍ ମଧ୍ୟରେ ନାହିଁ। ତେଣୁ, ଆମେ ସ୍ୱେଚ୍ଛାକୃତ ଭାବରେ ସୋନୀ ଟେନ୍ ୪ ପୁନର୍ବାର ସକ୍ରିୟ କରିବାକୁ ପେମେଂଟ କରିଥିଲୁ। କିନ୍ତୁ ଆମେ ଭାବିଥିବା ଭଳି ପୁନଃସକ୍ରିୟକରଣ ତତ୍କାଳ ହୋଇନଥିଲା ଏବଂ ଆମେ ଚ୍ୟାନେଲ ଦେଖିପାରିଲୁ ନାହିଁ। ଆମେ ପ୍ରତାରିତ ହୋଇଥିବା ଅନୁଭବ କରୁଛୁ।'' ସାମାଜିକ ମାଧ୍ୟମ ଗୁଡିକ ମଧ୍ୟ ଅଭିଯୋଗରେ ପରିପୂର୍ଣ୍ଣ ହୋଇଥିଲା। ଟ୍ୱିଟରରେ ଜଣେ ସବସ୍କ୍ରାଇବର୍ କ୍ରୋଧ ପ୍ରକାଶ କରି ଏହାକୁ ଭୁଲ ଏବଂ ଅନ୍ୟାୟପୂର୍ଣ୍ଣ ବୋଲି କହିଛନ୍ତି । ଅନେକ ଗ୍ରାହକଙ୍କ ପାଇଁ ଏହି ସମସ୍ୟା ହରାଇଥିବା ମ୍ୟାଚ୍ ଠାରୁ ବହୁତ ଗଭୀର। ଖେଳ ଦେଖିବା ପାଇଁ ସ୍ଥିର ଭାବରେ ଦେୟ ଦେବା ପରେ ପ୍ରତାରିତ ଏବଂ ଭ୍ରାମାତ୍ମକ ଅନୁଭବ ଟାଟା ପ୍ଲେ ପ୍ରତି ବିଶ୍ୱାସକୁ ନଷ୍ଟ କରିବାର ସଙ୍କଟ ସୃଷ୍ଟି କରୁଛି। ଯଦି ଗ୍ରାହକମାନେ ବିଶ୍ୱାସ କରିବାକୁ ଲାଗନ୍ତି ଯେ ସେମାନଙ୍କର ଟଙ୍କା ବିତରଣ ନିଶ୍ଚିତ କରିପାରିବ ନାହିଁ, ତେବେ ସେମାନେ ପ୍ରତିଦ୍ୱନ୍ଦ୍ୱୀ ଡିଟିଏଚ୍ ପ୍ରଦାନକାରୀ କିମ୍ବା ଓଟିଟି ପ୍ଲାଟଫର୍ମମାନଙ୍କ ଆଡ଼କୁ ଯାଇପାରନ୍ତି। ଏକ ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ବଜାରରେ ଏଭଳି ବିଶ୍ୱାସଯୋଗ୍ୟତାରେ ଆଘାତ ଟାଟା ପ୍ଲେ ପାଇଁ ଏକକ ରାତିର ଉଦ୍ୟୋଗ ତ୍ରୁଟି ଅପେକ୍ଷା ବହୁତ ଅଧିକ କ୍ଷତିକାରକ ହୋଇପାରେ।

# ପ୍ରଭାତ ଫେରୀ ଓ ଶ୍ରମଦାନ ସହ ପୂର୍ବତଟ ରେଳପଥର ଗାନ୍ଧୀ ଜୟନ୍ତୀ ଓ ସ୍ୱଚ୍ଛ ଭାରତ ଦିବସ ପାଳନ

ଭୁବନେଶ୍ୱର, (ନି.ପ୍ର) : ପୂର୍ବତଟ ରେଲୱେ ତାହାର ସମଗ୍ର କ୍ଷେତ୍ରରେ ମହାତ୍ମା ଗାନ୍ଧୀ ଜୟନ୍ତୀ ଓ ସ୍ୱଚ୍ଛ ଭାରତ ଦିବସକୁ ଗଭୀର ଶ୍ରଦ୍ଧା, ସମ୍ମାନ ଓ ସାମୁଦାୟିକ ଅଂଶଗ୍ରହଣ ସହିତ ପାଳନ କରିଛି । ଏହି ଅବସରରେ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ଶ୍ରୀ ପରମେଶ୍ୱର ଫୁଙ୍କୱାଲ ମହାତ୍ମା ଗାନ୍ଧୀଙ୍କୁ ପୁଷ୍ପମାଲ୍ୟ ଅର୍ପଣ କରି ଉତ୍ସବର ନେତୃତ୍ୱ ନେଇଥିଲେ, ବାପୁଙ୍କ ସତ୍ୟ, ଅହିଂସା ଏବଂ ସ୍ୱଚ୍ଛତାର କାଳଜୟୀ ବାର୍ତ୍ତାକୁ ମନେ ପକାଇଥିଲେ।

ଏହି ଅବସରରେ ପୂର୍ବତଟ ମୁଖ୍ୟାଳରେ ପ୍ରଭାତ ଫେରି ରାଲି ସହିତ ପାଳନ କରାଯାଇଥିଲା, ଯେଉଁଥିରେ ଅଧିକାରୀ, କର୍ମଚାରୀ ଏବଂ ରେଳ କର୍ମଚାରୀମାନେ ଉତ୍ସାହର ସହିତ ଅଂଶଗ୍ରହଣ କରିଥିଲେ, ଗାନ୍ଧୀଜୀଙ୍କ ଆଦର୍ଶ ଏବଂ ଜନସାଧାରଣଙ୍କ ମଧ୍ୟରେ ସ୍ୱଚ୍ଛତାର ଗୁରୁତ୍ୱ ପ୍ରଚାର କରିଥିଲେ। ଶ୍ରମର ମର୍ଯ୍ୟାଦା ପାଇଁ ବାପୁଙ୍କ ଆହ୍ୱାନ ଅନୁଯାୟୀ, ରେଳ ଷ୍ଟେସନ, କାର୍ଯ୍ୟାଳୟ, କର୍ମଶାଳା, ହସ୍ପିଟାଲ ଏବଂ କଲୋନୀଗୁଡ଼ିକରେ ପରିସରରେ ଶ୍ରମଦାନ କାର୍ଯ୍ୟକ୍ରମ ଆୟୋଜିତ କରାଯାଇଥିଲା।

ଏହି ଅବସରରେ, ପୂର୍ବତଟ ରେଳପଥର ରେଳ ପରିସରରେ ସ୍ୱଚ୍ଛତା ବଜାୟ ରଖିବା ପାଇଁ ନିଃସ୍ୱାର୍ଥପର ଭାବରେ ଯୋଗଦାନ ଦେଉଥିବା ସ୍ୱଚ୍ଛତା କର୍ମୀ ଏବଂ ସ୍ୱେଚ୍ଛାସେବକମାନଙ୍କ ଅକ୍ଲାନ୍ତ ପ୍ରୟାସକୁ ସ୍ୱୀକୃତି ଦେଇ ସ୍ୱଚ୍ଛତା ମିତ୍ରମାନଙ୍କୁ ସମ୍ମାନିତ କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ କରିଥିଲା।

ଗାନ୍ଧୀ ଜୟନ୍ତୀ ପାଳନ ସହିତ ଗତକାଲି ପୂର୍ବତଟ ରେଳପଥର ସମସ୍ତ ଡିଭିଜନରେ ଆରମ୍ଭ ହୋଇଥିବା ଏକ ପନ୍ଦର ଦିନ ବ୍ୟାପୀ ସ୍ୱଚ୍ଛତା ଅଭିଯାନ ସ୍ୱଚ୍ଛତା ପଖୱାଡା ମଧ୍ୟ ପାଳନ କରାଯାଉଛି। ଏହି ପଦକ୍ଷେପ ଅଧୀନରେ, କର୍ମଚାରୀମାନେ ପ୍ରତିବର୍ଷ ୧୦୦ ଘଣ୍ଟା ସ୍ୱଚ୍ଛତା ପାଇଁ ଉତ୍ସର୍ଗ କରିବାକୁ ଏବଂ ଅନ୍ୟମାନଙ୍କୁ ସକ୍ରିୟ ଭାବରେ ଅଂଶଗ୍ରହଣ କରିବାକୁ ପ୍ରେରଣା ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି, ଯାହା ଗାନ୍ଧୀଜୀଙ୍କ ସ୍ୱଚ୍ଛ ଭାରତ ସ୍ୱପ୍ନକୁ ଆଗକୁ ବଢାଇବ।




ପୁଷ୍ପମାଲ୍ୟ ଅର୍ପଣ, ଲୋକଙ୍କ ଅଂଶଗ୍ରହଣ ଏବଂ ସାମୂହିକ ସଂକଳ୍ପ ସହିତ, ପୂର୍ବତଟ ରେଳପଥ ଜାତିର ପିତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲା ଏବଂ ଏକ ସ୍ୱଚ୍ଛ, ସବୁଜ ଏବଂ ସୁସ୍ଥ ଆସନ୍ତାକାଲି ପ୍ରତି ଏହାର ପ୍ରତିବଦ୍ଧତାକୁ ପୁନଃସ୍ଥାପନ କରିଥିଲା।

# ହୋଣ୍ଡା ମୋଟରସାଇକଲ ଆଣ୍ଡ ସ୍କୁଟର ଇଣ୍ଡିଆ ୨୦୨୫ ସେପ୍ଟେମ୍ବରରେ ୫.୬୮ ଲକ୍ଷ ୟୁନିଟ୍ ବିକ୍ରି ସହିତ ଗତିଶୀଳତାକୁ ଆଗେଇ ନେଉଛି

ଗୁରୁଗ୍ରାମ,(ନି.ପ୍ର) : ହୋଣ୍ଡା ମୋଟରସାଇକଲ ଆଣ୍ଡ ସ୍କୁଟର ଇଣ୍ଡିଆ (ଏଚଏମ୍ଏସଆଇ) ୨୦୨୫ ସେପ୍ଟେମ୍ବରରେ ମୋଟ ୫,୬୮,୧୬୪ ୟୁନିଟ୍ ବିକ୍ରି କରିଥିବା ପ୍ରକାଶ କରିଛି। ଏଥିମଧ୍ୟରେ ଘରୋଇ ବିକ୍ରି ୫,୦୫,୬୯୩ ୟୁନିଟ ଏବଂ ରପ୍ତାନି ୬୨,୪୭୧ ୟୁନିଟ୍ ସାମିଲ ଅଛି। ଏଚଏମ୍ଏସଆଇ ମଧ୍ୟ ମୋଟ ବିକ୍ରିରେ ୨୦୨୫ ଅଗଷ୍ଟ ତୁଳନାରେ (ଏମ୍‌ଓଏମ୍) ୬% ଅଭିବୃଦ୍ଧି ହାସଲ କରିଛି। ଆର୍ଥିକ ବର୍ଷ '୨୬ (ଏପ୍ରିଲ-ସେପ୍ଟେମ୍ବର ୨୦୨୫)ର ଇୟର୍-ଟୁ-ଡେଟ୍ (ୱାଇଟିଡି) ନିମନ୍ତେ ଏଚଏମ୍ଏସଆଇ ମୋଟ ୨୯,୯୧,୦୨୪ ୟୁନିଟ୍ ବିକ୍ରି ହାସଲ କରିଛି, ଯେଉଁଥିରେ ଘରୋଇ ବଜାରରେ ୨୬,୭୯,୫୦୭ ୟୁନିଟ ବିକ୍ରି ଏବଂ ରପ୍ତାନି ୩,୧୧,୫୧୭ ୟୁନିଟ ଅନ୍ତର୍ଭୁକ୍ତ ରହିଛି। ଏଚଏମ୍ଏସଆଇର ସେପ୍ଟେମ୍ବର ୨୦୨୫ର ମୁଖ୍ୟ ବିଷୟଗୁଡିକ:



ସଡକ ସୁରକ୍ଷା: ସଡ଼କ ସୁରକ୍ଷା ଦିଗରେ ଏଚଏମ୍ଏସଆଇ ନିଜର ପ୍ରତିବଦ୍ଧତା ଜାରି ରଖି ଅହମଦାବାଦ, ଚିତ୍ତୋରଗଡ, ରେୱା, ବାଲେଶ୍ୱର, ସୀତାମଢି, ଆଗ୍ରା, ମୁମ୍ବଇ, ତିରୁପତି, ତ୍ରିଭାନ୍ଦ୍ରମ, ବାରାମତୀ, ବିଜୟପୁରା, ରୋହତକ ଏବଂ ଅମ୍ବାଲା ସମେତ ଦେଶବ୍ୟାପୀ ୧୩ଟି ସହରରେ ସଚେତନତା ଅଭିଯାନ ଆୟୋଜନ କରିଥିଲା। ଏହି ଅଭିଯାନଗୁଡିକ ଆନ୍ତଃକ୍ରିୟାଶୀଳ ଶିକ୍ଷଣ ଜରିଆରେ ଦାୟିତ୍ୱସମ୍ପନ୍ନ ସଡ଼କ ଆଚରଣ ସଂସ୍କୃତିକୁ ମଜଭୁତ କରିବା ଉପରେ ଦୃଷ୍ଟିନିବଦ୍ଧ କରିଥିଲା। ଏଚଏମ୍ଏସଆଇ ମଧ୍ୟ ନିରାପଦ ଗାଡିଚାଳନା ଅଭ୍ୟାସ ସମ୍ପର୍କିତ ସଚେତନତା ବୃଦ୍ଧି ନିମନ୍ତେ ବିଶାଖାପାଟଣାରେ ତାହାର ଡ୍ରାଇଭିଂ ଏଜୁକେସନ ସେଣ୍ଟର (ଏସ୍‌ଡିଇସି)ର ୫ମ ବର୍ଷ ପୂର୍ତ୍ତି ଏବଂ କୋଝିକୋଡ ଓ ବିଜୟୱାଡାରେ ୬ଷ୍ଠ ବର୍ଷ ପୂର୍ତ୍ତି ପାଳନ କରିଥିଲା। କର୍ପୋରେଟ ସାମାଜିକ ଦାୟିତ୍ୱ ନିର୍ବାହ: ୨୦୫୦ ସୁଦ୍ଧା ଦୁର୍ଘଟଣାମୁକ୍ତ ସମାଜ ଗଠନର ବୈଶ୍ୱିକ ଦୂରଦୃଷ୍ଟି ହାସଲ କରିବା ଦିଗରେ ଆଉ ଏକ ପାହାଚ ଆଗକୁ ବଢି ହୋଣ୍ଡା ଇଣ୍ଡିଆ ଫାଉଣ୍ଡେସନ (ଏଚଆଇଏଫ୍) ତାହାର 'ସଡକ ସହାୟକ: ସୁରକ୍ଷିତ ମାର୍ଗ, ସୁରକ୍ଷିତ ଜୀବନ' ପ୍ରକଳ୍ପର ଅଂଶ ଭାବରେ ଗୁଜରାଟ ପୋଲିସକୁ ୫୦ଟି ସ୍ୱତନ୍ତ୍ର ଭାବରେ ସୁସଜ୍ଜିତ କ୍ୱିକ୍ ରେସ୍‌ପନ୍ସ ଟିମ୍ (କ୍ୟୁଆରଟି) ଯାନ ପ୍ରଦାନ କରିଥିଲା। ଏହି ପ୍ରୟାସ ସୁରକ୍ଷିତ ସଡ଼କ ସୃଷ୍ଟି କରିବା ଏବଂ ସମଗ୍ର ରାଜ୍ୟରେ ଜନସାଧାରଣ ସୁରକ୍ଷା କୌଶଳ ମଜଭୁତ କରିବାକୁ ଲକ୍ଷ୍ୟ ରଖିଥିଲା।

# ଆମାଜନ୍ ପେ ପକ୍ଷରୁ 'ପେମେଂଟସ କା ଏ ଟୁ ଜେଡ୍' ର ଶୁଭାରମ୍ଭ

ଭୁବନେଶ୍ୱର : ଆମାଜନ୍ ପେ ଆଜି ଏକ ପରିବର୍ତ୍ତିତ ପେମେଂଟ ଇଂଟରଫେସ ଶୁଭାରମ୍ଭ କରିଛି ଯାହା ସମସ୍ତ ପେମେଂଟ ମୋଡ ଗୁଡିକୁ ଗୋଟିଏ ସ୍ଥାନରେ ଏକୀକୃତ କରିଥାଏ – ୟୁପିଆଇ, କ୍ରେଡିଟ୍/ଡେବିଟ୍ କାର୍ଡ, ଆମାଜନ୍ ପେ ବାଲାନ୍ସ, ଏବଂ ଆମାଜନ୍ ପେ ଲ୍ୟାଟର – ସମସ୍ତ ପେମେଂଟ ଆବଶ୍ୟକତା ପାଇଁ ଏକ ଉତ୍କୃଷ୍ଟ ଗନ୍ତବ୍ୟସ୍ଥଳ। ନୂତନ ବୈଶିଷ୍ଟ୍ୟଗୁଡ଼ିକ ପ୍ରତ୍ୟେକ କାରବାରରେ ମୂଲ୍ୟକୁ ସର୍ବାଧିକ କରୁଥିବା ବ୍ୟକ୍ତିଗତ ପୁରସ୍କାର ଏବଂ ରିମାଇଣ୍ଡର୍ ଏବଂ ଅଟୋ-ପେ ବିକଳ୍ପ ସହିତ ସମସ୍ତ ବିଲ୍ ଏବଂ ସଦସ୍ୟତା ପରିଚାଳନା କରିବା ପାଇଁ ଏକ ଏକୀକୃତ ଡ୍ୟାସବୋର୍ଡ ଅନ୍ତର୍ଭୁକ୍ତ। ଏହି ବ୍ୟାପକ ଅପଗ୍ରେଡ୍ ଲକ୍ଷ ଲକ୍ଷ ଭାରତୀୟଙ୍କ ପାଇଁ ଏକ ସହଜ ଇଂଟରଫେସ୍ ମାଧ୍ୟମରେ ଦୈନନ୍ଦିନ ଆର୍ଥିକ କାର୍ଯ୍ୟ କୁ ସରଳ କରିଥାଏ। ଏହା ଗ୍ରାହକମାନଙ୍କୁ ସେମାନଙ୍କର ଆର୍ଥିକ ପରିଚାଳନା କାର୍ଯ୍ୟକୁ ସରଳ କରିବାରେ ସହାୟତା କରିଥାଏ। ସପିଂ ଏବଂ ବିଲ୍ ପେମେଂଟରୁ ପୁରସ୍କାର ଏବଂ ସଂଚୟ ପର୍ଯ୍ୟନ୍ତ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତାକୁ ଚିହ୍ନିତ କରେ। ନୂତନ ଆମାଜନ୍ ପେ ଅଭିଜ୍ଞତା ଆମାଜନ.ଇନ ରେ ତଳ ନାଭିଗେସନ୍ ବାରରେ ଏକ ପ୍ରମୁଖ ସ୍ଥାନିତ 'ୱାଲେଟ୍' ଆଇକନ୍ ମାଧ୍ୟମରେ କିମ୍ବା ହୋମ୍ ପେଜ୍ ଉପରେ ଏକ-କ୍ଲିକ୍ ଆମାଜନ୍ ପେ ମାଧ୍ୟମରେ ଉପଲବ୍ଧ। ଏହା କାରବାର ସମ୍ପୂର୍ଣ୍ଣ କରିବା ପାଇଁ ଆପ୍ସ କିମ୍ବା ପେମେଂଟ ମୋଡ୍ ମଧ୍ୟରେ ସ୍ୱିଚ୍ କରିବାର ଆବଶ୍ୟକତାକୁ ଦୂର କରେ। 'ପେମେଂଟସ କା ଏ ଟୁ ଜେଡ୍' ସହିତ, ଆମାଜନ୍ ପେ ହେଉଛି ଏକମାତ୍ର ପେମେଂଟ ଆପ୍ ଯାହା ଆପଣଙ୍କୁ ଆବଶ୍ୟକ, ଯାହା ଆପଣଙ୍କ ଆଦର୍ଶ ଦୈନନ୍ଦିନ ସାଥୀରେ ପରିଣତ ହୁଏ,' ବୋଲି ଆମାଜନ୍ ପେ ର ସିଇଓ ବିକାଶ ବଂଶଲ କହିଛନ୍ତି। 'ଆମେ ସପିଂ, ବିଲ୍ ପେମେଂଟ, ସ୍କାନ୍ ଏବଂ ପେ, ଯାତ୍ରା ବୁକିଂ ଏବଂ ବ୍ୟକ୍ତିଗତ ପୁରସ୍କାରକୁ ଏକ ଶକ୍ତିଶାଳୀ ଇଂଟରଫେସରେ ଏକୀକୃତ କରିଛୁ। ଆମର ବୁଦ୍ଧିମାନ ପ୍ଲାଟଫର୍ମ ପ୍ରତ୍ୟେକ ଅଭିଜ୍ଞତାକୁ ଉପଯୁକ୍ତ କରେ, ଆବଶ୍ୟକ ହେଲେ ତୁରନ୍ତ କ୍ରେଡିଟ୍ ପ୍ରଦାନ କରିବାଠାରୁ ଆରମ୍ଭ କରି ପ୍ରତ୍ୟେକ କାରବାରରେ ପୁରସ୍କାରକୁ ସର୍ବାଧିକ କରିବା ପର୍ଯ୍ୟନ୍ତ। ଏହା ଭାରତର ସବୁଠାରୁ ସମ୍ପୂର୍ଣ୍ଣ ପେମେଂଟ ସମାଧାନ, କେବଳ ଗୋଟିଏ ଟ୍ୟାପ୍ ସହିତ ଆପଣଙ୍କର ସମସ୍ତ ଆର୍ଥିକ ଆବଶ୍ୟକତା ପୂରଣ କରେ – ସରଳ, ସୁରକ୍ଷିତ ଏବଂ ସର୍ବଦା ପୁରସ୍କାରପ୍ରାପ୍ତ।' ଏବେ ଆପଣଙ୍କ ସମସ୍ତ ପେମେଂଟ ବିକଳ୍ପଗୁଡ଼ିକୁ ଗୋଟିଏ ଏକୀକୃତ ଇଂଟରଫେସ୍ ମାଧ୍ୟମରେ ଆକ୍ସେସ୍ କରିପାରିବେ। ୟୁପିଆଇ, ଡେବିଟ୍ କାର୍ଡ, କ୍ରେଡିଟ୍ କାର୍ଡ, ଆମାଜନ୍ ପେ ବାଲାନ୍ସ ଓ ପେ ଲ୍ୟାଟର ଭଳି ବିକଳ୍ପଗୁଡ଼ିକୁ ଏକ ସ୍ଥାନରେ ସଂଯୋଜିତ କରାଯାଇଛି। ଉପଭୋକ୍ତାମାନେ ନିଜର ସଂରକ୍ଷିତ କାର୍ଡଗୁଡ଼ିକୁ ସହଜରେ ପରିଚାଳନା କରିପାରିବେ, ଏବଂ ବିଭିନ୍ନ ବିଲ୍, ସଦସ୍ୟତା ଓ ବୀମା ପେମେଂଟ ପାଇଁ ଏକ ଡ୍ୟାସବୋର୍ଡ ମାଧ୍ୟମରେ ଆର୍ଥିକ ସ୍ଥିତି ଉପରେ ନଜର ରଖିପାରିବେ। ସେଥିପାଇଁ ପ୍ରତ୍ୟେକ କାରବାର ପାଇଁ ସ୍ମାର୍ଟ ସୁପାରିଶ ମାଧ୍ୟମରେ ସର୍ବୋତମ ପେମେଂଟ ବିକଳ୍ପ, ତୁରନ୍ତ କ୍ୟାସବ୍ୟାକ୍ ଅଫର, ବ୍ୟାଙ୍କ ରିହାତି ଓ ସୁଧ-ମୁକ୍ତ କ୍ରେଡିଟ୍ ବିକଳ୍ପ ତୁଳନା କରି ନିଷ୍ପତି ନେବା ସୁବିଧା ମିଳିଛି।

## ବନ୍ୟାଜଳ ରେ ବୁଡି ଯାଉଥିବା ବେଳେ ଯୁବତୀ ଉଦ୍ଧାର

ଗଞ୍ଜାମ ,୪।୧୦(ନି.ପ୍ର.): ସମ୍ପ୍ରତି ଘୋଡାହାଡ଼ ଗେଟ ଡ୍ୟାମ ଜଳ ଛଡା ଯାଇଥିବା ବେଳେ ରଷିକୁଲ୍ୟା ନଦୀ ଜଳ ସ୍ତର ବୃଦ୍ଧି ପାଇଥିବା ଲକ୍ଷ କରାଯାଇଛି । ଏହି ପରିସ୍ଥିତିରେ ଖରଖରୀ ନାଳ ଓ ରଷିକୁଲ୍ୟା ନଦୀରେ ମିଳନ ସ୍ଥଳରେ ଜୈନେକ ଯୁବତୀ ସ୍ନାନ କରୁଥିବା ବେଳେ ତାଙ୍କୁ ଉଦ୍ଧାର କରାଯାଇଛି ।ଯୁବତୀ ଜଣକ ହେଲେ ଗଞ୍ଜାମ ବ୍ଲକ ଅନ୍ତର୍ଗତ ଉମୁରୀ ଗ୍ରାମର ମୋହିନି ଗୌଡ଼ (୨୪) । ଖବର ନେବାରେ ଜଣା ପଡିଛି ଶନିବାର ସକାଳେ ଯୁବତୀ ଜଣଙ୍କ ରଷିକୁଲ୍ୟା ନଦୀକୁ ଗାଧୋଇବାକୁ ଯାଇଥିବା ବେଳେ ପ୍ରବଳ ଶ୍ରୋତ ରେ ଭାଷୀ ଯାଇ ନଦୀ ଜଳ ରେ ବୁଡି ଯାଉଥିଲେ । ଏହି ସମୟରେ ତଳ ମୁଣ୍ଡରେ ଗାଧୋଉଥିବା ଜୈନେକ ଯୁବକ ତାଙ୍କୁ ଉଦ୍ଧାର କରି କୂଳକୁ ଆଣିଥିଲେ ।

# ଦାନଗଦି କଂଗ୍ରସ ପକ୍ଷରୁ ଗାନ୍ଧି ଓ ଶାସ୍ତ୍ରୀ ଜୟନ୍ତୀ ପାଳନ

ବ୍ୟାସନଗର ,୪।୧୦(ନି.ପ୍ର.): ଆପଣ ମାନେ ଜାଣିଛନ୍ତି ଆଜି ଅକ୍ଟୋବର ୨ ତାରିଖ ଜାତିର ଜନକ ମହାତ୍ମା ଗାନ୍ଧୀ ଓ ଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଶ୍ରୀଯୁକ୍ତ ଲାଲ୍ ବାହାଦୁର ଶାସ୍ତ୍ରୀ ଜୀ ଙ୍କ ପବିତ୍ର ଜନ୍ମ ଜୟନ୍ତୀ ଉତ୍ସବ.ପ୍ରତ୍ୟେକ ବର୍ଷ ପରି ଏବର୍ଷ ମଧ୍ୟ ସୁକିନ୍ଦା କଂଗ୍ରେସ ତରଫରୁ ଦାନଗଦି ସ୍ଥିତ କଂଗ୍ରେସ ଭବନ ଠାରେ ମହାତ୍ମା ଗାନ୍ଧୀ ଓ ଶାସ୍ତ୍ରୀଜୀ ଙ୍କ ଫୋଟୋ ଚିତ୍ରରେ ରେ ପୁଷ୍ପ ମାଲ୍ୟାର୍ପଣ କରାଯାଇଥିଲା.

ପ୍ରଦେଶ କଂଗ୍ରେସ କମିଟର ସଭାପତି ଶ୍ରୀଯୁକ୍ତ ଭକ୍ତ ଚରଣ ଦାଶଙ୍କ ନିର୍ଦ୍ଦେଶକ୍ରମେ ସୁକିନ୍ଦା କଂଗ୍ରେସର ବିଧାୟକ ପାର୍ଥିଙ୍କ ବିଭୁ ଭୂଷଣ ରାଉତ ନେତୃତ୍ୱରେ 'ଗାନ୍ଧୀ ପଥେ' ଓଡିଶା ପଦଯାତ୍ରା କଂଗ୍ରେସ ଭବନ ଠାରୁ ଦାନଗଦି ବଜାର ପରିକ୍ରମା କରି ଦାନଗଦି ବ୍ଲକ କାର୍ଯ୍ୟାଳୟପରିସରରେ ଥିବା ମହାତ୍ମାଗାନ୍ଧୀ ଜୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟା ଅର୍ପଣ କରି ୨ ମିନଟ ନିରବ ପାର୍ଥନା କରି ବକ୍ତବ୍ୟରେ



ଶ୍ରୀ ରାଉତ ଗାନ୍ଧୀଙ୍କ ଓ ଅହିଂସା ବିଚାର ଧାରାକୁ ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀ ଦମନ କରିବାକୁ ଚେଷ୍ଟା ଚଳାଇଥିବା ପ୍ରକାଶ କରିଥିଲେ. ଦେଶକୁ ସ୍ୱାଧୀନ କରିଥିବା ଗାନ୍ଧୀଙ୍କୁ ନିନ୍ଦା ଓ ସମାଲୋଚନା ହାସ୍ୟାସ୍ପଦ ବୋଲି କହିଥିଲେ. ଅନ୍ୟ ମାନଙ୍କ ମଧ୍ୟରେ ବରିଷ୍ଠ କଂଗ୍ରେସ ନେତା ମହେନ୍ଦ୍ର ଦାସ. ଦୟାନିଧି ପଲେଇ. ଉମାକାନ୍ତ ଜେନାମଣୀ. ସୁକୁମାର ଦେଓ. ବୀର କିଶୋର ସହୁ. ଦାମଦର ପୁହାଣ. ମାଧ ରାଉତ. ହିନ୍ଦୁ ଜାମୁଦା. ଅଜୟ ମଲ୍ଲିକ. ଅଭିନ ଯେନା. ଭ୍ରମରବର ମହାରଣା. ବାଙ୍କନିଧି ଯେନା. ତୈତାରୀ ମଲ୍ଲିକ. ରାକେଶ ନାଡିଆ. ପ୍ରଶାନ୍ତ ସାହୁ. ସୁରେନ୍ଦ୍ର ପ୍ରଧାନ. ନିଲୁ ଦେଓ. ରଞ୍ଜନ କୁମାର ଧାର. ବିରଞ୍ଚି ପାତ୍ର. ବାବୁଲି ପାତ୍ର.ଶିଶିର ନାୟକ ସମେତ ବହୁ ବରିଷ୍ଠ ଯୁବ କର୍ମୀ ଯୋଗଦେଇଥିଲେ.

## ବଜରଙ୍ଗ ଦଳ ପକ୍ଷରୁ ଦଣ୍ଡିଆ ନୃତ୍ୟର ଆୟୋଜନ

ନବରଙ୍ଗପୁର,୪।୧୦(ନି.ପ୍ର.): ଶାରଦୀୟ ନବରାତ୍ରୀ ଉପଲକ୍ଷେ ସ୍ଥାନୀୟ ନୋଡାଲ ଉଚ୍ଚ ବିଦ୍ୟାଳୟ ପଡ଼ିଆ ପରିସରରେ ବଜରଙ୍ଗ ଦଳ ପକ୍ଷରୁ ଦାଣ୍ଡିଆ ଏବଂ ଗରଭା ନୃତ୍ୟ ର ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବରେ ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ ଯୋଗ ଦେଇ ଦୀପ ପ୍ରଜ୍ୱଳନ କରିଥିଲେ । ସମ୍ମାନିତ ଅତିଥି ଭାବରେ ଟେଲିଫିଲ୍ମ ନିର୍ଦ୍ଦେଶକ ତଥା ଜିଲ୍ଲା କ୍ରୀଡା ସଂଘର ସହ ସମ୍ପାଦକ ମନୋଜ କୁମାର ପଟ୍ଟନାୟକ ଯୋଗ ଦେଇଥିବା ବେଳେ ଅନ୍ୟତମ ଅତିଥି ଭାବରେ ଅଧିବକ୍ତା କିଶୋରୀ ପଟ୍ଟନାୟକ, ଆମ ନବରଙ୍ଗପୁରିଆ ଗ୍ରୁପ ର ଏଡମିନ ତଥା ରକ୍ତଦାନ ସଂସ୍ଥା ର ବିକ୍ରମ ଦାସ ଏବଂ ଜି. ବି. ବି ରବି ଏବଂ ସମାଜସେବୀ ପ୍ରଭାକର ପାତ୍ର ପ୍ରମୁଖ ଯୋଗ ଦେଇ କଳାକାରଙ୍କୁ ଉତ୍ସାହିତ କରିଥିଲେ ।

# ରାୟଗଡ଼ ସଦର ବ୍ଲକର ଗୋପାଳ ସମାଜ ସଭାପତି ହେଲେ କାନ୍ତବଂଶ ବାୟାମଣୀ

ରାୟଗଡ,୪।୧୦(ନି.ପ୍ର.): ରାୟଗଡ଼ ଜିଲ୍ଲାର ସଭାପତି ଶ୍ରୀ ଶରତ ଚ଼ନ୍ଦ୍ର ଗୌଡ଼ଙ୍କ ତତ୍ତ୍ୱାବଧାନରେ ରାୟଗଡ଼ ଜିଲ୍ଲା, ରାୟଗଡ଼ ବ୍ଲକ,ଗଉଡ଼କୁଣ୍ଡମ ଗ୍ରାମରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ରାୟଗଡ଼ ବ୍ଲକର ଏତିହ୍ୟ, ପରମ୍ପରା ସଂସ୍କୃତି ଅନୁଷ୍ଠାନ ଉଜ୍ଜୀବିତ କରିବା ସହିତ ସୁରକ୍ଷା ଦେବାପାଇଁ, ଗୋପାଳ



ଜାତିର ଅବହେଳିତ, ନିଷ୍ପେସିତ ଅବସ୍ଥାରେ ଥିବା ଭାଇ ଭଉଣୀମାନଙ୍କୁ ସାହାଯ୍ୟ ସହଯୋଗ କରିବାପାଇଁ, ଅର୍ଥନୈତିକ କ୍ଷେତ୍ରରେ ସୁଧାର ଆଣିବା ପାଇଁ ସେହି ବୈଠକରେ ପ୍ରକାଶ କରିଥିଲେ ତା ସହ ଉପସ୍ଥିତ ଥିବା ସମସ୍ତ ଗୋପାଳ ଭାଇ ମାନଙ୍କର ନିଷ୍ପତ୍ତିକ୍ରମେ କାନ୍ତବଂଶ ବାୟାମଣୀଙ୍କୁ ରାୟଗଡ଼ ସଦର ବ୍ଲକର ସଭାପତି ପଦବୀରେ ସାଫଲ୍ୟ ମଣ୍ଡିତ କରାଗଲା । ଜିଲ୍ଲା ସଭାପତି ଶରତ ଚ଼ନ୍ଦ୍ର ଗୌଡ଼ ଓ କାଶୀପୁର ବ୍ଲକ ସଭାପତି ଝିଲଧର ଗୌଡ଼, ଖୋରୀଗାଁ ପଞ୍ଚାୟତ ସଭାପତି ଜଗମୋହନ ଗୌଡ଼, ମାଲିଗାଁ ସଭାପତି ପ୍ରମୋଦ ଗୌଡ଼ଙ୍କ ଉପସ୍ଥିତରେ ଉତ୍ତରୀୟ ପ୍ରଦାନ କରି ନୂତନ ରାୟଗଡ଼ ସଦର ବ୍ଲକ ସଭାପତି ବାୟାମଣୀଙ୍କୁ ସମ୍ବର୍ଦ୍ଧନା କରିଥିଲେ ।

# ବରିଷ୍ଠ ସାମ୍ବାଦିକ ମହେନ୍ଦ୍ର ପ୍ରଧାନ ସମ୍ବର୍ଦ୍ଧିତ

ବଲାଙ୍ଗୀର,୪।୧୦(ନି.ପ୍ର.): ସ୍ଥାନୀୟ ସରକାରୀ ଟାଉନ ବାଳିକା ଉଚ୍ଚ ବିଦ୍ୟାଳୟ ଠାରେ ସାପ୍ତାହିକ ଖବର କାଗଜ ପ୍ରେରଣା ନିୟୁଜ ପୋର୍ଟାଲ ଓ ଡିଜିଟାଲ ମିଡ଼ିଆ ର ପଞ୍ଚମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ସମ୍ପାଦକ ରଘୁନନ୍ଦନ ସିଂ ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ପ୍ରଥମ ଅଧିବେଶନ ରେ ମୁଖ୍ୟ ଅତିଥି ଭାବେ ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି, ବଲାଙ୍ଗୀର ପୌର ଅଧକ୍ଷ । ଲିକା ସାହୁ, ସାମାଜିକ କର୍ମୀ ଗୋପାଳଜୀ ପାଣିଗ୍ରାହୀ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ । ପ୍ରଥମ ଅଧିବେଶନ ରେ ଆଲୋଚ଼ନାଚକ୍ର, ସମ୍ବର୍ଦ୍ଧନା ପର୍ବ ଓ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା ।ବରିଷ୍ଠ ଶିକ୍ଷାବିତ ମନୋରଞ୍ଜନ ସାହୁ କାର୍ଯ୍ୟକ୍ରମ ର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ସଭା ପରେ ଦ୍ୱିତୀୟ ଅଧିବେଶନ ରେ ବହୁ ଭାଷୀ କବିତା



ଆସର ରେ ଜିଲ୍ଲା ତଥା ଜିଲ୍ଲା ବାହାରୁ ଅନେକ କବି ନିଜ ସ୍ୱରଚ଼ିତ କବିତା ପଠନ କରିଥିଲେ । ଏହି କାର୍ଯ୍ୟକ୍ରମ ରେ ବରିଷ୍ଠ ସାମ୍ବାଦିକ ମହେନ୍ଦ୍ର ପ୍ରଧାନଙ୍କୁ ସାମ୍ବାଦିକତା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଉତ୍ତରୀୟ, ପୁଷ୍ପଗୁଚ୍ଛ ଓ ମାନପତ୍ର ପ୍ରଦାନ କରାଯାଇଥିଲା । ମାନପତ୍ର ପଠନ କରିଥିଲେ ଯୁବ କବି ରନ୍ମୟ ତ୍ରିପାଠୀ । କାର୍ଯ୍ୟକ୍ରମ ର ସଂଯୋଜନା କରିଥିଲେ କବୟିତ୍ରୀ ଅଞ୍ଜଳି ବାରିକ । ଏହି କାର୍ଯ୍ୟକ୍ରମ ରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ବୁଦ୍ଧିଜୀବୀ, ରାଜନେତା, ସାମ୍ବାଦିକ,କବି ଓ ପାଠକ ଯୋଗଦେଇଥିଲେ ।

# ୭୧ତମ ବନ୍ୟ ପ୍ରାଣୀ ସପ୍ତାହ ପାଳିତ

କୁକୁଡାଖଣ୍ଡି,୪।୧୦(ନି.ପ୍ର.): ସ୍ୱେଚ୍ଛାସେବୀ ସଂଗଠନ ଆଞ୍ଚଳିକ ବିକାଶ ପରିଷଦ ତରଫରୁ କୁକୁଡାଖଣ୍ଡି ବ୍ଲକ ଅନ୍ତର୍ଗତ ରାମଗୁଡା ଠାରେ ୭୧ ତମ ଜାତୀୟ ବନ୍ୟ ପ୍ରାଣୀ ସପ୍ତାହ ପାଳିତ ହୋଇଯାଇଛି । ପରିଷଦର ସଭାପତି ସାଗର କୁମାର ପାତ୍ରଙ୍କ ନେତୃତ୍ୱ ରେ କାର୍ଯ୍ୟକ୍ରମରେ ଅତିଥି ଭାବେ ବନରକ୍ଷୀ ସୁଭାଷିନୀ ପ୍ରଧାନ ଯୋଗ ଦେଇଥିଲେ । ବ୍ରହ୍ମପୁର ବନଖଣ୍ଡ ଅଧିନସ୍ତ ରାମଗୁଡା,ବାଣିଆମାରି ସଂରକ୍ଷିତ ଜଙ୍ଗଲରେ ହାତୀଙ୍କ ବାସ ସ୍ଥାନ ଗଣା ଯାଉଛି ଯାହା ଆମ ଆଞ୍ଚଳର ଗୌରବ ।ଜଙ୍ଗଲ ମଧରେ ପ୍ରାକୃତିକ ସୌନ୍ଦର୍ଯ୍ୟ କୁ ଉପଭୋଗ ବଣ ଭୋଜି ପାଇଁ ବର୍ଷ ସାରା ଲୋକଙ୍କ ଭିଡ଼ ରହୁଛି ସେମାନେ ସାଙ୍ଗରେ ନେଇଥିବା ପ୍ଲାଷ୍ଟିକ ପଲିଥିନକୁ ସେଠାରେ ଛାଡି ଆସୁଛନ୍ତି ଯାହା ଜଙ୍ଗଲର ସୌନ୍ଦର୍ଯ୍ୟ କୁ ନଷ୍ଟ କରିବା ସହ ମୃତିକା ଜଳ ପ୍ରଦୂଷିତ କରିବା ସହ ବନ୍ୟ ପ୍ରାଣୀଙ୍କ ଜୀବନ ବିପଦ ରେ ପକାଉଛି । ଆଜି କାର୍ଯ୍ୟକ୍ରମରେ ବନ କର୍ମଚ଼ାରୀଙ୍କ ସହ ସ୍ୱେଚ୍ଛାସେବୀ ମାନେ ପ୍ରାୟ ତିନି କିଲୋମିଟର ପାଦରେ ଚ଼ାଲି ଚ଼ାଲି ଦୁଇ କୁଇଣ୍ଟାଲ ବର୍ଜ୍ୟ ବସ୍ତୁ ସଂଗ୍ରହ କରିଥିଲେ । କାର୍ଯ୍ୟକ୍ରମରେ ସମ୍ପାଦକ ବିଜେନ୍ଦ୍ର ମାଝୀ, କୋଷାଧକ୍ଷ ଧର୍ମରାଜ ପାତ୍ର,ନଳିନୀ କାନ୍ତ ପରିଡା, ପି. ଅରବିନ୍ଦ ଦେଶୀବେହେରା, ରାକେଶ ବିଷୋୟୀ, ପୁରୁଷୋତ୍ତମ ସ୍ୱାଇଁ, ରଞ୍ଜନ ବେହେରା, ଶ୍ରୀକାନ୍ତ ମହାନ୍ତି, ଗଜ ସାଥି ସଞ୍ଜୟ ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ ।




# ବର୍ଷା ପ୍ରଭାବିତ ଅଞ୍ଚଳରେ ବିଧାୟକ ଓ ଜିଲ୍ଲାପାଳ

ସୋରଡ଼.୦୪/୧୦(ଗଞ୍ଜାମ ଜିଲ୍ଲା ପ୍ରତିନିଧି) ଗଞ୍ଜାମ ଜିଲ୍ଲା ସୋରଡା ରେ ଲାଗି ରହିଥିଲା ଲଗାଣ ଲଘୁଚ଼ାପ ଜନିତ ବର୍ଷା ଉପର ମୁଣ୍ଡ ଗଜପତି ଜିଲ୍ଲା ରେ ଅତ୍ୟଧିକ ବର୍ଷା ହେବାରୁ ରଷିକୂଲ୍ୟା, ଜରାଉ, ପାତମା ଓ ପଦ୍ମା ନଦୀ ଗୁଡିକ ରେ ଜାଳସ୍ତର ବଢ଼ି ସୋରଡ଼ା ର ୦୫ଟି ଉପାନ୍ତ ପଞ୍ଚାୟତ ଗୌଡ଼ଗୋଠ, ମେରିକୋଟ, ସାଲିମାଗୋଚ୍ଛା, ଗାଜଲବାଡ଼ି ଓ ଗୋଛା ବେଶ ପ୍ରଭାବିତ ହୋଇଥିବା ଦେଖାଯାଇଛି । ଉପର ମୁଣ୍ଡ ରେ ମାତ୍ରାଧିକ ବର୍ଷା ଯୋଗୁଁ ନଦୀ ନାଳ ଗୁଡିକ ର ଜଳସ୍ତର ଫୁଲି କୁଳ ଲଘି ରାସ୍ତା ଘାଟ ଧୋଇନେବା ସହ ଯାତାୟତ ବିଚ୍ଛିନ ହୋଇଥିବା ବେଳେ ପାହାଡିଆ ଅଞ୍ଚଳ ଗୁଡିକ ରେ ସ୍ୱଳ୍ପ ଭୂସ୍ଖଳନ ଦେଖିବାକୁ ମଧ ମିଳିଛି । ଏହି ଭଳି ବିପର୍ଯ୍ୟୟ ସମୟରେ ସୋରଡ଼ା ବ୍ଲକ



ପ୍ରଶାସନ ପରିସ୍ଥିତିକୁ ନିରୀକ୍ଷଣ କରି ଯେମିତି କାହାର କିଛି କ୍ଷତି ନହୁଏ ସେଥିପ୍ରତି ସତର୍କ କରାଇଥିବା ବେଳେ ସୋରଡ଼ା ବିଧାୟକ ନୀଳମଣି ବିଷୋୟୀଙ୍କ ସହ ଗଞ୍ଜାମ ଜିଲ୍ଲା ପାଳ ଭି.କୀର୍ତ୍ତି ଭାସନ, ଗୋଷ୍ଠି ଉନ୍ନୟନ ଅଧିକାରୀ ତନ୍ମୟ ପାତ୍ର, ପୂର୍ତ୍ତ ବିଭାଗ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ମିଳିତ ଭାବରେ ସୋରଡ଼ା ବ୍ଲକ୍ର ବର୍ଷା ପ୍ରଭାବିତ ଅଞ୍ଚଳର ନଦୀଜଳ ସ୍ତର ନିରୀକ୍ଷଣ କରି, ବିଭିନ୍ନ ବ୍ରିଜ୍, ରୋଡ୍ ଏବଂ ଅନ୍ୟାନ୍ୟ ସମସ୍ୟା ସମ୍ପର୍କରେ ପଚ଼ାରି ବୁଝିବା ସହ ସମ୍ପର୍କିତ ବିଭାଗଗୁଡିକୁ ସମସ୍ୟାଗୁଡିକ ଶୀଘ୍ର ସମାଧାନ କରିବା ପାଇଁ ପରାମର୍ଶ ଦେଇଥିଲେ । ବର୍ତ୍ତମାନ ବର୍ଷା କମି ଥିବାରୁ ନଦୀର ଜଳ ସ୍ତର ଧୀରେ ଧୀରେ କମି ସ୍ଥିତି ସ୍ୱାଭାବିକ ହେବାରେ ଲାଗିଛି ।

# 'ଆଦି କର୍ମଯୋଗୀ ଅଭିଯାନ'

ଅନୁଗୋଳ,୪।୧୦(ନି.ପ୍ର.): ଭାରତ ସରକାର ଙ୍କ ଦ୍ୱାରା ପ୍ରଣୀତ 'ଆଦି କର୍ମଯୋଗୀ ଅଭିଯାନ'' ଯୋଜନା ଅନ୍ତର୍ଗତ ସେବା ପର୍ବ କାର୍ଯ୍ୟକ୍ରମ ଅନୁଗୋଳ ଜିଲ୍ଲା ରେ ତା ୧୭.୦୯.୨୫ ରିଖ ଠାରୁ ଆରମ୍ଭ ହୋଇ ତା ୦୨.୧୦.୨୫ ରିଖ ପର୍ଯ୍ୟନ୍ତ ପାଳନ କରାଯାଇଅଛି । ଏହି ସେବା ପର୍ବ ଅବସରରେ ସମସ୍ତ ଗ୍ରାମରେ ଅଭିମୁଖୀ କରଣ କାର୍ଯ୍ୟକ୍ରମ କରାଯାଇ ଏହି ଅଭିଯାନର ଉଦ୍ଦେଶ୍ୟ କୁ ବିସ୍ତୃତ ଭାବରେ ଅବଗତ କରାଯାଇଅଛି । ତତ୍ ସହିତ ସମସ୍ତ ଗ୍ରାମର ଆଦି କର୍ମଯୋଗୀ,ଆଦି ସାଥୀ ଏବଂ ଆଦି ସହଯୋଗୀ ଚ଼ୟନ କରାଯାଇ ଗ୍ରାମର ସେବା ପର୍ବକାର୍ଯ୍ୟକ୍ରମରେ ସମସ୍ତଙ୍କୁ ସାମିଲ କରାଯାଇ ଅଛି । ଉକ୍ତ କାର୍ଯ୍ୟକ୍ରମ ଅନ୍ତର୍ଗତ ସେବାକେନ୍ଦ୍ର ଉଦ୍ ଘାଟନ, ଗ୍ରାମର ସମସ୍ତ ଅଞ୍ଚଳର ପରିଭ୍ରମଣ ସହ ଆବଶ୍ୟକତା ନିର୍ଦ୍ଧାରଣ କରାଯାଇଅଛି । ତତ୍ ସହିତ ଗ୍ରାମର ସାମାଜିକ ଆର୍ଥିକ ଏବଂ ଭୌଗୋଳିକ ମାନଚ଼ିତ୍ର ଅଙ୍କନ ସହ ଗ୍ରାମକୁ ଏକ ଆଦର୍ଶ ଗ୍ରାମରେ ପରିଣତ ଉଦ୍ଦେଶ୍ୟରେ ସମସ୍ତ ୫୯ ଗୋଟି ଜନଜାତି ବହୁଳ ଗ୍ରାମରେ ବିଭାଗୀୟ ଅଧିକାରୀ ତଥା ଗ୍ରାମବାସୀମାନଙ୍କ ସହଯୋଗ ରେ ଗ୍ରାମର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ଗ୍ରାମଦ୍ୱାରୀ କାର୍ଯ୍ୟ ଖସଡା ମାନ ପ୍ରସ୍ତୁତ କରାଯାଇଅଛି ।ଏହାର ଅନ୍ତିମ ପର୍ଯ୍ୟାୟରେ, ଅକ୍ଟୋବର ଦୁଇ ତାରିଖ ଗାନ୍ଧୀ ଜୟନ୍ତୀ ଅବସରରେ ପ୍ରତ୍ୟେକ ଗ୍ରାମରେ ସ୍ୱତନ୍ତ୍ର ଗ୍ରାମସଭା ର ଆୟୋଜନ କରାଯାଇ, ପ୍ରସ୍ତୁତ ହୋଇଥିବା କାର୍ଯ୍ୟ ଖସଡ଼ା କୁ ବିସ୍ତୃତ ଭାବେ ଆଲୋଚ଼ନା କରି ସର୍ବ ସମ୍ମତି କ୍ରମେ ଅନୁମୋଦନ କରା ଯାଇ



ଅଛି । ଏହା ଜନଜାତି ବହୁଳ ଗ୍ରାମ ଗୁଡ଼ିକର ୨୦୩୦ ସୁଦ୍ଧା ସର୍ବାଙ୍ଗୀନ ବିକାଶ ଉପଲକ୍ଷେ ଭାରତ ସରକାର ଙ୍କ ଦ୍ୱାରା ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ।

## ବରିଷ୍ଠ ବିଜେପି ନେତାଙ୍କ ବିୟୋଗ

ଅନୁଗୁଳ : ବରିଷ୍ଠ ବିଜେପି ନେତା ପ୍ରଫେସର ବିଜୟ କୁମାର ମାଲହୋତ୍ରା ଙ୍କର ଗତ ୩୦ ସେପ୍ଟେମ୍ବର ରେ ୯୪ ବର୍ଷ ବୟସରେ ବିୟୋଗ ହୋଇଛି ଲତାଙ୍କ ବିୟୋଗ ରେ ବହୁ ବିଶିଷ୍ଟ ବ୍ୟକ୍ତି ଶୋକ ପ୍ରକାଶ କରିଛନ୍ତି । ପ୍ରଫେସର ମାଲହୋତ୍ରା ବହୁ ପଦ ପଦବୀ ରେ ଅଧିଷ୍ଠିତ ଥିଲେ ଲସେ ପୂର୍ବରୁ ଦିଲ୍ଲୀ ର ଚ଼ିଫ ଏସ୍‌ଏକ୍ୟୁଟିଭ ମେଟ୍ରୋ ପୋଲିଟନ କାଉନସିଲର ଥିଲେ ଲସେ ପାଞ୍ଚ ଥର ସାଂସଦ ଓ ଦୁଇ ଥର ବିଧାୟକ ଥିଲେ ଲସେ ଦିଲ୍ଲୀ ବିଜେପି ର ସଭାପତି ଓ ଦିଲ୍ଲୀ ବିଧାନସଭା ର ପୂର୍ବରୁ ବିରୋଧୀ ଦଳ ର ନେତା ଥିଲେ । ତାଙ୍କ ସହ ବ୍ୟକ୍ତିଗତ ସମ୍ପର୍କ ଭଲ ଥିଲା ଏବଂ ତାଙ୍କର ଦେହାନ୍ତ ରେ ମୋର ବ୍ୟକ୍ତିଗତ କ୍ଷତି ବୋଲି ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି ପ୍ରକାଶ କରିଛନ୍ତି ।ତାଙ୍କର ଅମର ଆତ୍ମାର ସଦଗତି କାମନା କରିଛନ୍ତି ସାଂସଦ ।ସେହିପରି ଅନୁଗୁଳ ଜିଲ୍ଲା ସଭାପତି ଯଯାତି ପଟ୍ଟନାୟକ, ବିଧାୟକ ଅଶୋକ ମହାନ୍ତି, ପ୍ରତାପ ଚ଼ନ୍ଦ୍ର ପ୍ରଧାନ ଓ ଅଗସ୍ତି ବେହେରା, ବରିଷ୍ଠ ନେତା କାଳନ୍ଦି ସାମଲ, ପ୍ରାକ୍ତନ ମନ୍ତ୍ରୀ ସଂଜୀବ ସାହୁ, ପ୍ରାକ୍ତନ ବିଧାୟକ ରମେଶ ସାଏ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ପ୍ରତିମା ମିଶ୍ର ଓ ଜୋନାଲ ମିଡ଼ିଆ ସେଲ ସଂଯୋଜକ ପର୍ଶୁରାମ ବାରିକ ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି ।



# ଅଲ୍ଲୀ ବାବୁଙ୍କ ପରଲୋକରେ ଓଏସଏଲ ରେ ଶୋକର ଛାୟା

ପାରାଦୀପ - (ମନ୍ଥନ )ଓଡିଶା ଷ୍ଟିଭେଡୋର୍ସ ଲିମିଟେଡ (ଓଏସ୍ଏଲ)ର ବରିଷ୍ଠ ଅଧିକାରୀ ମିର୍ ଅବଦୁଲ ଖଲିକ୍ (୬୫)ଅଲ୍ଲୀ ବାବୁଙ୍କ ପରଲୋକ ହୋଇଯାଇଛି । ଓଏସ୍ଏଲ୍ ଠାରୁ ଆରମ୍ଭ କରି ବନ୍ଦରାଞ୍ଚଳରେ ଅଲ୍ଲୀ ବାବୁ ଭାବେ ପରିଚ଼ିତ ଥିବା ମିର୍ ଅବଦୂଲ ଖଲିକ୍ ଦଶହରା ଛୁଟିରେ ସପରିବାରେ ନିଜ ଘର କଟକ ଜିଲ୍ଲା ନେମାଳ ଥାନା ଅଧୀନ ବରହମପୁର ଗ୍ରାମକୁ ଯାଇଥିଲେ । ସ୍ୱାସ୍ଥ୍ୟବସ୍ଥା ସବୁ କିଛି ଠିକ୍ ଠାକ୍ ଥିବା ବେଳେ, ହଠାତ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ସ୍ଥାନୀୟ ଡାକ୍ତରଖାନାକୁ ନିଆଯାଇଥିଲା । ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ସ୍ୱର୍ଗତ ଅଲ୍ଲୀ ଜଣେ ମିଷ୍ଟଭାସି, ବନ୍ଧୁବତ୍ସଳ ଓ ସରଳ ପ୍ରକୃତିର ବ୍ୟକ୍ତି ଥିଲେ । ଏଭଳି ଦୁଃଖଦ ଖବର ପାଇବା ପରେ ଓଏସ୍ଏଲ ପାରାଦୀପ ଶାଖାର ଭାଇସ ପ୍ରେସିଡେଣ୍ଟ ବିଜୟ କେତନ ଓଝା, ଡିଜିଏମ ସନ୍ତୋଷ ପଟେଲଙ୍କ ସମେତ ବରିଷ୍ଠ ଅଧିକାରୀ କୃଷ୍ଣ ଚ଼ନ୍ଦ୍ର ପାଣିଗ୍ରାହୀ, ସୂର୍ଯ୍ୟମଣୀ ପ୍ରବୀର, କେଶରୀ ପରିଡା, ସୁରେନ୍ଦ୍ର ମହାପାତ୍ର, ଓଏସ୍ଏଲ୍ କଟକ ଶାଖାର ବରିଷ୍ଠ ଅଧିକାରୀ ସୁବାଷ ଆଚ଼ାର୍ଯ୍ୟ, ପ୍ରଦିପ ଶରଣ, ଅଶୋକ ପ୍ରଧାନ, ଆର.କେ ଖିଲାର ପ୍ରମୁଖ ତାଙ୍କ ଗାଁକୁ ଯାଇ ଅଲ୍ଲୀ ବାବୁଙ୍କୁ ଶେଷ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିବା ସହିତ ଶୋକ ସନ୍ତପ୍ତ ପରିବାରକୁ ସାନ୍ତନା ପ୍ରଦାନ କରିଥିଲେ । ପରବର୍ତୀ ସମୟରେ ମୁସଲମାନ ସଂପ୍ରଦାୟର ରୀତି ନୀତି ନିୟମାନୁଯାୟୀ ଭାଇ, ବନ୍ଧୁ, କୁଟୁମ୍ବ, ଜ୍ଞାତି ସହୋଦରଙ୍କ ଗହଣରେ ଅଲ୍ଲୀ ବାବୁଙ୍କ କବର ଦିଆଯାଇଥିଲା । ଓଡିଶା ଷ୍ଟିଭେଡୋର୍ସ ଲିମିଟେଡର ପ୍ରତିଷ୍ଠାତା ଶିଳ୍ପପତି ମହିମାନନ୍ଦ ମିଶ୍ର, ନିର୍ଦ୍ଦେଶକ ଚ଼ର୍ଚ୍ଚିତ ମିଶ୍ରଙ୍କ ସମେତ ଓଏସଏଲର ବିଭିନ୍ନ ଶାଖାର ଅଧିକାରୀ, କର୍ମଚ଼ାରୀମାନେ ଅଲ୍ଲୀ ବାବୁଙ୍କ ବିୟୋଗରେ ଶୋକ ବ୍ୟକ୍ତ କରିଛନ୍ତି ।

ସ୍ୱର୍ଗତ ଅବଦୁଲ ଖଲିକ ଓଏସଏଲ କମ୍ପାନୀରେ ନିଜର କାର୍ଯ୍ୟଦକ୍ଷତା, କର୍ତ୍ତବ୍ୟ ପରାୟଣତା,ସଚୋଟତା, ନିଷ୍ଠାପରତା ପାଇଁ ଗୋଟିକ ପରେ ଗୋଟିଏ ସିଡି ଅତିକ୍ରମ କରି ସାଧାରଣ ପରିଚ଼ାଳକ ପଦବୀରେ ଅବସର ନେଇଥିଲେ ହେଁ ତାଙ୍କ କାର୍ଯ୍ୟଦକ୍ଷତା, ବିଶ୍ୱାସନୀୟତା ପାଇଁ ପୂର୍ବଭଳି ସେ ଓଏସ୍ଏଲର ସେହି ଗୁରୁତ୍ୱପୂର୍ଣ ଦାୟିତ୍ୱ ନିର୍ବାହ କରି ଆସୁଥିଲେ ।

# ଜିଲ୍ଲାସ୍ତରୀୟ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ

ନବରଙ୍ଗପୁର ତା ୨.୧୦.୨୦୨୫: ଆଜି ସ୍ଥାନୀୟ ରାଜା ଚୈତନ୍ୟ ଦେବ ନୋଡାଲ ଉଚ୍ଚ ବିଦ୍ୟାଳୟରେ ଠାରେ ଜିଲ୍ଲା ସ୍ତରୀୟ ମହାତ୍ମା ଗାନ୍ଧୀ ତଥା ଲାଲ ବାହାଦୁର ଶାସ୍ତ୍ରୀ ଜୟନ୍ତୀ ପାଳିତ ହୋଇଯାଇଛି । ଜିଲ୍ଲାପାଳ ଡ଼ ମହେଶ୍ୱର ସ୍ୱାଇଁଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ରୂପେ ମାନ୍ୟବର ସାଂସଦ (ଲୋକସଭା)ନବରଙ୍ଗପୁର ବଳଭଦ୍ର ମାଝୀ , ବିଶିଷ୍ଟ ଅତିଥି ରୂପେ ମାନ୍ୟବର ବିଧାୟକ ନବରଙ୍ଗପୁର ଗୌରୀ ଶଙ୍କର ମାଝୀ,ସମ୍ମାନୀତ ଅତିଥି ରୂପେ ପୌରପରିଷଦ ଅଧକ୍ଷ କୁନୁ ନାୟକ, ଓକିଲସଂଘ ସଭାପତି ସିରାଉଦ୍ଦିନ ଅହମ୍ମଦ,ବରିଷ୍ଠ ଲେଖକ ନାରାୟଣ ପଣ୍ଡା,ମୁଖ୍ୟ ବକ୍ତା ଡ଼ ବିଜୟ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ସକାଳ ୫.୦୦ ଘ ସମୟରେ ସହରରେ ସୁଚ଼ନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ରାମଧୁନ ପରିବେଷଣ ହୋଇଥିଲା ।ଅତିଥିଗଣ ସକାଳ ୯.୩୦ ମି ସମୟରେ ସହରରେ ଗାନ୍ଧୀ ଛକ ସ୍ଥିତ ନୂତନ ଭାବେ ସ୍ଥାପିତ ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଅନାବରଣ ଓ ଉଦ୍ଘାଟନ କରିବା ସହ ପ୍ରତିମୂର୍ତ୍ତି ରେ ମାଲ୍ୟର୍ପଣ ଓ ଟାଉନ



ହଲ ନିକଟସ୍ତ ଲାଲ ବାହାଦୁର ଶାସ୍ତ୍ରୀ ଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ ଓ ପୂଜ୍ୟପୂଜା କରିଥିଲେ । ମାଲ୍ୟର୍ପଣ କାର୍ଯ୍ୟକ୍ରମ ରେ ଅତିଥିମାନଙ୍କ ସହ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ର ଛାତ୍ର ଛାତ୍ରୀ , ଶିକ୍ଷକ ଶିକ୍ଷୟତ୍ରୀ, ସରକାରୀ ଅଧିକାରୀ, ସହରର ବିଶିଷ୍ଟ ବ୍ୟକ୍ତି, ପୌରପାଳିକା କାର୍ଯ୍ୟଳୟ କର୍ମଚ଼ାରୀ,ପୌରପାଳିକା ୱାର୍ଡ ସଭ୍ୟ,ଜନ ପ୍ରତିନିଧି ଓ ଗଣ ମାଧମ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ । ରାଜା ଚୈତନ୍ୟ ଦେବ ନୋଡାଲ ହାଇସ୍କୁଲ ରେ ଆୟୋଜିତ କାର୍ଯ୍ୟକ୍ରମରେ ଗୁରୁ ଯୁଗଳ ତ୍ରିପାଠୀ ଙ୍କ ଛାତ୍ର ଛାତ୍ରୀ ଗାନ୍ଧୀଙ୍କ ପ୍ରିୟ ଭଜନ 'ବୈଷ୍ଣବ ଜନକେ' ପରିବେଷଣ କରିଥିଲେ । ସର୍ବଧର୍ମ ପାର୍ଥନା ରେ ଇସଲାମ ଧର୍ମ ରୁ ମହମ୍ମଦ ଅନିସ, ହିନ୍ଦୁ ଧର୍ମରୁ ରବି ଶଙ୍କର ସାହୁ ,ଖ୍ରୀଷ୍ଟିଆନ ଧର୍ମର ରେଭ ହେନେରୀ ନିଜ ନିଜ ଧର୍ମ ପୁସ୍ତକରୁ ଭାତୃଭାବ,ଅହିଂସା,ମାନବ କଲ୍ୟାଣ ଉପରେ ବିଶେଷ ମତ ରଖିଥିଲେ । ଗାନ୍ଧୀ ଜୟନ୍ତୀ ଅବସରରେ ପୂର୍ବରୁ ହାଇସ୍କୁଲ୍ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ପ୍ରବନ୍ଧ, ବକ୍ତୃତା, ଚ଼ିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ଏବଂ ଉତିର୍ଣ୍ଣ ପ୍ରତିଯୋଗୀଙ୍କୁ ଅତିଥି ଗଣ ସାର୍ଟିଫିକେଟ ଓ ପୁରସ୍କାର ପ୍ରଦାନ କରିଥିଲେ ।ମୁଖ୍ୟ ଅତିଥି ଶ୍ରୀ ମାଝୀ ନିଜ ବକ୍ତବ୍ୟ ରେ ଛାତ୍ର ଛାତ୍ରୀ ଙ୍କୁ ଗାନ୍ଧୀ ଓ ଶାସ୍ତ୍ରୀ ଙ୍କ ଆଦର୍ଶ ରେ ଅନୁପ୍ରାଣିତ ହେବାକୁ କହିବା ସହ ନବରଙ୍ଗପୁର ଜିଲ୍ଲାର ସ୍ୱାଧିନତା ସଂଗ୍ରାମୀ ଙ୍କ ବଳିଦାନ, ସ୍ୱଚ୍ଛତା , ସାମ୍ପ୍ରଦାୟିକ ସଦଭାବ,ଅହିଂସା,ଦେଶ ପ୍ରତି କର୍ତ୍ତବ୍ୟ ଉପରେ ନିଜର ମତ ରଖିଥିଲେ । ସମ୍ମାନୀତ ଓ ଅନ୍ୟ ଅତିଥିଗଣ ନିଜ ବକ୍ତବ୍ୟରେ ଗାନ୍ଧୀ ଓ ଶାସ୍ତ୍ରୀଜୀ ଙ୍କ ଜୀବନ ଦର୍ଶନ କୁ ପଢ଼ି ନିଜ ଜୀବନରେ ସ୍ୱଚ୍ଛତା, ଅହିଂସା ଓ ସତ୍ୟର ଆଶ୍ରୟ ନେବାକୁ ଆହ୍ୱାନ କରିଥିଲେ ।ସ୍ୱାଗତ ଭାଷଣ ସହ ଦିବସ ପାଳନର ସମସ୍ତ କାର୍ଯ୍ୟକ୍ରମକୁ ଜିଲ୍ଲା ସୂଚ଼ନା ଓ ଲୋକ ସଂପର୍କ ଅଧିକାରୀ ମନୋଜ ବେହେରା ପରିଚ଼ାଳନା କରିଥିଲେ ଓ ଶେଷରେ ଧନ୍ୟବାଦ୍ ଅର୍ପଣ କରିଥିଲେ ।ଆଲୋଚ଼ନା ଚ଼କ୍ର ସଭାରେ ଡି ଡବ୍ଲୁ ଓ ରବୀନ୍ଦ୍ର ପାଳକା ନିର୍ବାହୀ ଅଧିକାରୀ ଅଶୋକ କର୍ଣ୍ଣ,ଡି ଏସ ଏସ ଓ ସୁଧାଂଶୁ ପାତ୍ର, ଡି ସି ଓ ଘାଷିଆ ହରିଜନଙ୍କ ସମେତ ଛାତ୍ର ଛାତ୍ରୀ,ଶିକ୍ଷକ ,ଶିକ୍ଷୟତ୍ରୀ, ସହରର ବୁଦ୍ଧିଜୀବୀ,ଗଣ ମାଧମ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ ।ଜିଲ୍ଲା ସୁଚ଼ନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟର କର୍ମଚ଼ାରୀ ଦିଲ୍ଲୀପ ମଲ୍ଲିକ,ବନମାଳୀ ଗୋଛି, ନୀଳକଣ୍ଠ ନାଏକ ଓ ବିଘ୍ନ ମାଝୀ କାର୍ଯ୍ୟକ୍ରମର ଆୟୋଜନ ରେ ସହଯୋଗ କରିଥିଲେ ।

# ଜିଲ୍ଲାସ୍ତରୀୟ ଗାନ୍ଧି ଜୟନ୍ତୀ ପାଳିତ

ଅନୁଗୋଳ - ସତ୍ୟ ଓ ଅହିଂସାର ପୂଜାରୀ ଜାତିର ଜନକ ମହାତ୍ମାଗାନ୍ଧିଙ୍କ ୧୫୬ତମ ଜୟନ୍ତୀ ଓ ଶାନ୍ତିର ଦୂତ ଲାଲବାହାଦୁର ଶାସ୍ତ୍ରୀଙ୍କ ୧୨୧ତମ ଜନ୍ମ ଜୟନ୍ତୀ ଆଜି ପୂର୍ବାହ୍ନରେ ସ୍ଥାନୀୟ ଗାନ୍ଧି ପାର୍କ ଠାରେ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଅନୁଗୋଳର ମାନ୍ୟବର ବିଧାୟକ ଶ୍ରୀ ପ୍ରତାପ ଚ଼ନ୍ଦ୍ର ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପ୍ରତାପ ପ୍ରତିମୟ, ଜନ ପ୍ରତିନିଧି, ଜିଲ୍ଲା ସ୍ତରୀୟ ଅଧିକାରୀ ଓ ବୁଦ୍ଧିଜିବୀ ପ୍ରମୁଖ ଜାତିର ଜନକ ମହାତ୍ମାଗାନ୍ଧିଙ୍କ ପ୍ରତିମୂର୍ତ୍ତୀ ଓ ଶାନ୍ତର ଦୂତ ଲାଲବାହାଦୁର ଶାସ୍ତ୍ରୀଙ୍କର ଫଟୋଚ଼ିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ କରିଥିଲେ । ଅବସରପ୍ରାପ୍ତ ସଭାପତି ଓଡିଶା ମାଧମିକ ଶିକ୍ଷା ପରିଷଦ, ଡ. ଧରଣୀଧର ନାଥ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ମହାତ୍ମାଗାନ୍ଧୀଙ୍କ ଅହିଂସା ନୀତି ଆଦର୍ଶର ବିଭିନ୍ନ ଦିଗ ପ୍ରତିଆଲୋକପାତ କରିଥିଲେ । ଆୟୋଜିତ ସର୍ବଧର୍ମ ପ୍ରାର୍ଥନା ସଭାରେ ଅବସରପ୍ରାପ୍ତ ଅଧକ୍ଷ ଡଃ. କୁଳମଣୀ ନାୟକ ଓ ବାଜିରାଉତ ଛାତ୍ରାବାସର ଛାତ୍ରୀମାନେ ଗୀତା ପାଠ କରିଥିବାବେଳେ ରେଭରେଣ୍ଟ ଯୋଶିୟ କାଉରୀ ବାଇବେଲ ପାଠ କରିଥିଲେ । ମୌଲାନା ମହମ୍ମଦ ଲିୟାକତ କୋରାନ ପାଠ କରିଥିଲେ । ଗାନ୍ଧି ଜୟନ୍ତୀ ଉପଲକ୍ଷେ ବିଦ୍ୟାଳୟ ସ୍ତରରେ ଆୟୋଜିତ ହୋଇଥିବା ବକ୍ତୃତା ପ୍ରତିଯୋଗୀତାର କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ଗାନ୍ଧି ଜୟନ୍ତୀ ଉପଲକ୍ଷେ ଜିଲ୍ଲା ସୂଚ଼ନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ପ୍ରତ୍ୟୁଷରେ ସହରରେ ରାମଧୁନ ରେକର୍ଡ ବଜାଯାଇ ସହର ପରିକ୍ରମା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ର ଛାତ୍ରୀ, ଶିକ୍ଷକ ଶିକ୍ଷୟତ୍ରୀ, ସ୍ୱେଚ୍ଛାସେବୀ, ବୁଦ୍ଧିଜିବୀ, ଗାନ୍ଧୀପ୍ରେମୀ ଓ ବିଶିଷ୍ଟ ବ୍ୟକ୍ତିମାନେ ଯୋଗ ଦେଇଥିଲେ ।



ଅପରାହ୍ନରେ ଗାନ୍ଧୀଙ୍କ ବିଚ଼ାର ଓ ଦର୍ଶନକୁ ନେଇ ଜିଲ୍ଲା ପାଠାଗାର ଠାରେ ଆୟୋଜିତ ହୋଇଥିବା ଆଲୋଚ଼ନା ଚ଼କ୍ର ଓ କବିତା ପାଠୋତ୍ସବରେ ମୁଖ୍ୟ ଅତିଥି ? ଭାବେ ଡ.ଧରଣୀ ଧର ନାଥ,ମୁଖ୍ୟ ବକ୍ତା ଭାବେ ପ୍ରଫେସର କୁମୁଦ ଚ଼ନ୍ଦ୍ର ଦାସ,ସମ୍ମାନିତ ବକ୍ତା ଡ. ଦଧିବାମନ ପ୍ରଧାନ, ଶ୍ରୀମୟୀ ଖୋଳାର ଛ ଓ ସଂଯୋଜକ ଡ. ବୈରାଗୀ ମଲ୍ଲିକ ଯୋଗ ଦେଇ ଗାନ୍ଧିଙ୍କ ଜୀବନି,ଅହିଂସା ନୀତି ଓ ଆଦର୍ଶ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚ଼ନା କରିଥିଲେ ।

## ମହୁମାଛି ଆକ୍ରମଣରେ ମହିଳାଙ୍କ ମୃତ୍ୟୁ

ନନ୍ଦାହାଣ୍ଡି,୪।୧୦(ନି.ପ୍ର.): ନବରଙ୍ଗପୁର ଜିଲ୍ଲା ମୁଖ୍ୟ ଚ଼ିକିତ୍ସାଳୟରେ ଚ଼ିକିତ୍ସାଧୀନ ଅବସ୍ଥାରେ ମହୁମାଛି ଆକ୍ରାନ୍ତ ମହିଳ ଜଣଙ୍କ ମୃତ୍ୟୁ ଘଟିଛି । ମହିଳା ଜଣକ ହେଉଛନ୍ତି ନନ୍ଦାହାଣ୍ଡି ବ୍ଲକ ସଦର ପଞ୍ଚାୟତ ଅନ୍ତର୍ଗତ ଖୁଣ୍ଟିଆ ଗ୍ରାମର ନୀଳା ପାତ୍ର ବୟସ ୫୭ ବର୍ଷ । ସୂଚ଼ନାନୁସାରେ ବୁଧବାର ଦିନ ତାଙ୍କ ପୁଅ ସାଙ୍ଗରେ ନିକଟ ସରୁଗୁଡ଼ା ଗ୍ରାମର ସିଏସସି କୁ ଟଙ୍କା ଉଠାଇବା ପାଇଁ ଯାଇଥିଲେ । ଟଙ୍କା ଉଠାଇ ଅଟୋ ଯୋଗେ ଫେରିବା ସମୟରେ ଜଙ୍ଗଲରୁ ଦାନ୍ତକାଠି ଓ ପତ୍ର ସଂଗ୍ରହ କରିବା ଉଦ୍ଦେଶ୍ୟରେ ଓହ୍ଲାଇ ଯାଇଥିଲେ । ଆରଏମସି ଗୋଦାମ ନିକଟ ବିହନ ଯାତ୍ରା ପଡିଆର ବଟ ଗଛରେ ରହିଥିବା ମହୁମାଛିଙ୍କ ଆକ୍ରମଣର ଶିକାର ହୋଇଥିଲେ । ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ କୌଣସି ଏକ ଚ଼ିଲ ପକ୍ଷୀ ମହୁ ଫେଣାକୁ ଶିକାର କରିଥିବାରୁ ମହୁମାଛି ବିଚ଼ଳିତ ଅବସ୍ଥାରେ ରହିଥିଲେ । ତେଣୁ ସ୍ଥାନୀୟ ଲୋକ ଉକ୍ତ ଅଞ୍ଚଳକୁ ଭୟରେ ଯାଉ ନଥିଲେ କିନ୍ତୁ ମହିଳା ଜଣକ ଅଜ୍ଞାତ ବଶତଃ ସେହି ବଟ ଗଛ ତଳକୁ ଚ଼ାଲି ଯାଇଥିଲେ । ସେଠାରେ ମହିଳା ଜଣକୁ ମହୁମାଛି ଦଳ ଆକ୍ରମଣ କରିଥିଲେ । କିଛି ସମୟ ପରେ ଉମାଶଙ୍କର ସବୁଜ ଦୁନିଆ ମୁଖ୍ୟ ପରିଚ଼ାଳନା ନିର୍ଦ୍ଦେଶକ କୃଷ୍ଣ ଚ଼ନ୍ଦ୍ର ନାୟକ ଓ କିଛି ଲୋକଙ୍କ ସହାୟତାରେ ଉଦ୍ଧାର କରି ତାଙ୍କ ଘରକୁ ନେଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ । ପରିବାର ଲୋକେ ସାଙ୍ଗେ ସାଙ୍ଗେ ଜିଲ୍ଲା ମୁଖ୍ୟ ଚ଼ିକିତ୍ସାଳୟକୁ ନେଇ ଯାଇ ଥିଲେ । ଡାକ୍ତରଙ୍କ ଉଦ୍ୟମ ପରେ ରୋଗୀ ଭଲ ହୋଇ ପାରି ନ ଥିଲେ କାରଣ ପ୍ରବଳ ମାତ୍ରାରେ ମହୁମାଛି କାମୁଡି ଥିଲେ । ଶୁକ୍ରବାର ମୃତ୍ୟୁ ହେବା ଯୋଗୁଁ ବ୍ୟବଚ୍ଛେଦ ପରେ ଶବକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା ।

Printed and Published by Sitesh Kumar Rout _ owned by Manthan Printers Pri\ate Limited and Printed at WEB LINE, Plot No. D-2/19, Mancheswar Industrial Estate, Bhubaneswar-751010, Dist-Khurda (Odisha) and Published at A-17/8, Surya Nagar, Unit-7, Bhubaneswar-3, Dist- Khurda (Odisha), Tele-Fax: Ph. No: (0674) 2397438, 9778071104, **Email : odishamanthan@gmail.com**

● **Editor : Sarat Raut**

ସଂପାଦକ: ଶରତ ରାଉତ